

ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-167 SATURDAY 13 DECEMBER 2025 PAGE-12 ₹ 6.00 | PANIKOILI | ବର୍ଷ-୪୩ ସଂଖ୍ୟା-୧୬୭ ଶନିବାର ୧୩ ଡିସେମ୍ବର ୨୦୨୫ ପୃଷ୍ଠା-୧୨ ଟ.୬.୦୦



# ୨୭ ଜଣ ପ୍ରସିଦ୍ଧ ଲେଖକଙ୍କ
# ୫୩୭ଟି ନିର୍ବାଚିତ କାହାଣୀ

20 ପେନ୍ ଇନ୍ ବୁକ୍ସ
ଉତ୍କର୍ଷର ୨୦ ବର୍ଷ
PEN IN BOOKS
twenty years of excellence

ପ୍ରତିଘର ପାଠାଗାର
ଖୋଲିଦିଏ ମସ୍ତିଷ୍କର ମୁଦା ଦୁଆର
ପେନ୍ ଇନ୍ ବୁକ୍ସର ସୃଜନ ଉଦ୍ୟମ

## ପାଠକଙ୍କ ବିପୁଳ ଆଗ୍ରହ କ୍ରମେ ରିହାତି ଯୋଜନା
## ୨୦ ଡିସେମ୍ବର ୨୦୨୫ ଯାଏଁ ସଂପ୍ରସାରିତ କରୁଛୁ




ଥରେ କିଣିବେ,
ବର୍ଷ ସାରା ପଢ଼ିବେ
୧୦,୦୦୦* ଟଙ୍କାର ୨୭ଟି
ପୁସ୍ତକ ଏକତ୍ର ଅଧା ମୂଲ୍ୟରେ
**୪,୯୯୯ ଟଙ୍କାରେ**
ଡାକ ଖର୍ଚ୍ଚ ଆମର, ତା ସାଙ୍ଗକୁ
ଗୋଟିଏ କପଡ଼ା ବ୍ୟାଗ୍ ଉପହାର

୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ
୬ରୁ ୧୭ ଡିସେମ୍ବର, ୨୦୨୫
ପ୍ରଦର୍ଶନୀ ପଡ଼ିଆ, ଭୁବନେଶ୍ୱର
ପୁସ୍ତକମେଳାରେ ମଧ୍ୟ ଉପଲବ୍ଧ
ପେନ୍ ଇନ୍ ବୁକ୍ସ
ଷ୍ଟଲ ନଂ ୨୬-୨୭-୨୮
(ଆରମ୍ଭରୁ ବାମ ପଟେ ୧୦ ନମ୍ବର ଷ୍ଟଲ)

ପେନ୍ ଇନ୍ ବୁକ୍ସ
ବହି ସରାଗିଆଙ୍କ ସ୍ୱର୍ଗ
୨୦୦୬ ମସିହାରୁ
ଯୋଗାଯୋଗ
ଓଡ଼ିଆ ମିଡିଆ ପ୍ରାଇଭେଟ ଲିମିଟେଡ,
ଏମ୍-୬/୫୧, ଆଚାର୍ଯ୍ୟ ବିହାର,
ଭୁବନେଶ୍ୱର - ୭୫୧୦୧୩

ନିଜ ପାଠାଗାର ବିଷୟରେ ସାମାଜିକ ଗଣମାଧ୍ୟମରେ ଲେଖନ୍ତୁ ଏବଂ ଆମକୁ ହାଶ୍‌ଟ୍ୟାଗ୍ ଦେଇ ଯୋଡ଼ନ୍ତୁ। ପେନ୍ ଇନ୍ ବୁକ୍ସ ପ୍ରତି ମାସରେ ଗୋଟିଏ ପାଠାଗାରକୁ ସହଯୋଗ ଓ ଉତ୍ସାହିତ କରିବ।
#ପ୍ରତିଘରପାଠାଗାର #ପେନ୍‌ଇନ୍‌ବୁକ୍ସ
#PratiGharaPathagara #peninbooks

facebook.com/peninbooks
instagram.com/peninbooks_
twitter.com/peninbooks
youtube.com/@PENINBOOKS
peninbooks.com

- ଯେକୌଣସି ୟୁପିଆଇ ଆପ୍, ଯଥା- ଫୋନ୍‌ପେ’, ପେ’ଟିଏମ୍, ଗୁଗୁଲ୍‌ପେ’, ଭିମ୍ ଆପ୍, କ୍ରେଡ୍ ଇତ୍ୟାଦିରେ ଡାହାଣ ପାଖରେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରି କିମ୍ବା ୟୁପିଆଇ ଆଇଡି odiamedia@iciciରେ ୪,୯୯୯ ଟଙ୍କା ପଇଠ କରନ୍ତୁ।
- ୟୁପିଆଇ ରେଫରେନ୍ସ ନମ୍ବର ସ୍ପଷ୍ଟ ଦିଶୁଥିବା ସଫଳ ପଇଠର ସ୍କ୍ରୀନ୍‌ସଟ୍ ସହ ନିଜର ସମ୍ପୂର୍ଣ୍ଣ ଠିକଣା, ପିନ୍ କୋଡ୍ ଓ ଫୋନ୍ ନମ୍ବର ତଳ ନମ୍ବରକୁ ହ୍ୱାଟ୍‌ସଆପ୍‌ରେ ପଠାଇବେ।
- ସ୍ପୀଡ୍‌ପୋଷ୍ଟ / କୋରିଅର୍ ଯୋଗେ କ୍ରେତାଙ୍କୁ ରସିଦ ସହିତ ପୁସ୍ତକ ପଠାଯିବ।
- ଯୋଜନା ୨୦ ଡିସେମ୍ବର ୨୦୨୫, ଶନିବାର ରାତି ୧୧ଟା ୫୯ ଯାଏଁ ବୈଧ। ଏହି ତାରିଖ ପରେ ଅଥବା ୪,୯୯୯/ - ଭିନ୍ନ ଅନ୍ୟ ପରିମାଣର ଅର୍ଥ ପଇଠ କଲେ ପୁସ୍ତକ ପଠାଯିବ ନାହିଁ।

78469 81182

Odia Media Private Limited
odiamedia@icici

OMPL/2512/SKL01

ପଇଠର ଦୁଇ ସପ୍ତାହ ମଧ୍ୟରେ ପୁସ୍ତକ ନ ପାଇଲେ ଉପର ଫୋନ୍ ନମ୍ବରରେ ଅନୁସନ୍ଧାନ କରିପାରିବେ। ଫୋନ୍ ନମ୍ବର ସକାଳ ୧୧ଟାରୁ ସଂଧ୍ୟା ୫ଟା ଯାଏଁ ଖୋଲା ରହେ। ଡାକରେ ଯିବା ସମୟରେ ପୁସ୍ତକ ନଷ୍ଟ ହେଲେ ପ୍ରକାଶନ ସଂସ୍ଥା ଦାୟୀ ରହିବ ନାହିଁ। କିଣିବା ପରେ ପୁସ୍ତକ ଫେରସ୍ତ ହେବ ନାହିଁ। ଏ ସମ୍ପର୍କିତ ସମସ୍ତ ବିବାଦ କେବଳ ଭୁବନେଶ୍ୱର ନ୍ୟାୟକ୍ଷେତ୍ର ଅଧୀନରେ ସମାଧାନ ହେବ। *୯,୪୩୭ ଟଙ୍କାର ପୁସ୍ତକ ସହ ଡାକଖର୍ଚ୍ଚ, ପ୍ୟାକେଜିଂ ଓ ବ୍ୟାଗ୍‌ର ଆନୁମାନିକ ମୂଲ୍ୟ ୧୦,୦୦୦ ଟଙ୍କା ହେବ।

# ଘରେ ପଶି ନାବାଳିକା ଝିଅକୁ ଦୁଷ୍କର୍ମ

## ରାଜଧାନୀରେ ରହିବାକୁ ଡର ଲାଗୁଛି: ପୀଡ଼ିତାଙ୍କ ବାପା

- ପୀଡ଼ିତାଙ୍କୁ ଭେଟିଲେ ମହିଳା କମିସନ ସଦସ୍ୟା
- ମାଜିଷ୍ଟ୍ରେଟଙ୍କ ପାଖରେ ହେଲା ବୟାନ ରେକର୍ଡ
- ବନ୍ଧା ହେଲା ଯୌନ ପୀପାସୁ ଘର ମାଲିକ

**ଭୁବନେଶ୍ୱର,୧୨ ।୧୨ (ସମିସ):** ଘରେ ପଶି ଜଣେ ନାବାଳିକାକୁ ଦୁଷ୍କର୍ମ ଘଟଣା ରାଜଧାନୀରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପୁଣିଥରେ ଉଠିଛି ପ୍ରଶ୍ନ । ମହିଳା ସୁରକ୍ଷାକୁ ନେଇ ସରକାରଙ୍କ ଆଭିମୁଖ୍ୟ ଓ ପୁଲିସର ଭୂମିକାକୁ ସାଧାରଣ ଲୋକେ ତୀବ୍ର ସମାଲୋଚନା କରିଥିବାବେଳେ ପୀଡ଼ିତାଙ୍କ ଭୟଭୀତ ବାପାଙ୍କ ଟିପ୍ପଣୀ ସମଗ୍ର ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ମହିଳା କମିଶନ ସଦସ୍ୟା ଓ ପୁଲିସ ନିକଟରେ 'ରାଜଧାନୀରେ ଏବେ ରହିବାକୁ ଡ଼ରଲାଗୁଛି' ବୋଲି ସେ କହିଥିବା କଥାପଦକ କେବଳ ତାଙ୍କର ନୁହେଁ; ପ୍ରତ୍ୟେକ ରାଜଧାନୀବାସୀଙ୍କୁ ମର୍ମାହତ କରିଛି । ତାଙ୍କ ଝିଅକୁ ନ୍ୟାୟ ମିଳୁ ଓ ଅଭିଯୁକ୍ତ ଘର ମାଲିକକୁ ଦଣ୍ଡ ମିଳୁ ବୋଲି ଦାବି କରିବା ସହ ପିଲାଛୁଆଙ୍କୁ ଧରି ଭୁବନେଶ୍ୱର ଛାଡ଼ି ଗାଆଁକୁ ପଳାଇବେ ବୋଲି ପୀଡ଼ିତାଙ୍କ ବାପା କହିଛନ୍ତି ।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ ଅଞ୍ଚଳର ସମ୍ପୃକ୍ତ ୧୧ ବର୍ଷୀୟା ନାବାଳିକା ବାପାମାଆଙ୍କ ସହ ଭରତପୁର ଥାନା ଅନ୍ତର୍ଗତ କଳିଙ୍ଗନଗର ଅଞ୍ଚଳରେ ଥିବା ନରେଶ ମହାନ୍ତି ଘରେ ଭଡ଼ାରେ ରହୁଛନ୍ତି । ଉଭୟ ପରିବାର ମଧ୍ୟରେ ସମ୍ପର୍କ ବହୁତ ଭଲ ଥିଲା । ପୀଡ଼ିତା ନାବାଳିକାଙ୍କ ବାପା ଓ ମା ଏକ ହୋଟେଲରେ ଶ୍ରମିକ ଭାବେ କାମ କରୁଥିବା ବେଳେ ନାବାଳିକା ଦିନସାରା ଏକୁଟିଆ ଘରେ ରହୁଥିଲେ । ଗତ ୪ ତାରିଖ ଦିନ ପତିପତ୍ନୀ କାମକୁ ବାହାରି ଯାଇଥିବାବେଳେ ଘରେ ଏକାଥିବା ତାଙ୍କର ନାବାଳିକା ଝିଅକୁ ଘର ମାଲିକ ନରେଶ ଭୟଭୀତ କରି ଦୁଷ୍କର୍ମ କରିଥିଲା । ପୀଡ଼ିତା ଏତେ ଭୟଭୀତ ହୋଇ ଯାଇଥିଲେ ଯେ, ବାପାମାଆ ଫେରିବା ପରେ ମଧ୍ୟ ଘଟଣା ବିଷୟରେ ମୁହଁ ଖୋଲି ନ ଥିଲେ । ଗତ ବୁଧବାର ରାତିରେ ଯନ୍ତ୍ରଣା ଅସହ୍ୟ ହେବାରୁ ପୀଡ଼ିତା ସବୁକଥା ବାପାମାଆଙ୍କୁ ଜଣାଇଥିଲା ଓ ସେମାନେ ଗୁରୁତର ଝିଅକୁ ଚିକିତ୍ସା ପାଇଁ କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରିଥିଲେ । ଗୁରୁବାର ପୀଡ଼ିତାଙ୍କ ବାପା ମହିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା । ପୀଡ଼ିତାଙ୍କ ଡାକ୍ତରୀ ମାଇନା କରିବା ସହ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) ଧାରା ୧୮୦ ଅନୁସାରେ ବୟାନ ରେକର୍ଡ କରିଛି । ଗୁରୁବାର ଘର ମାଲିକ ନରେଶକୁ ପୁଲିସ ଗିରଫ କରି ଡାକ୍ତରୀ ମାଇନା କରିବା ପରେ କୋର୍ଟ ଚାଲାଣ କରିଛି । ଆଜି ବିଏନ୍‌ଏସ୍‌ଏସ୍ ଧାରା ୧୮୩ ଆଧାରରେ କୋର୍ଟରେ ମାଜିଷ୍ଟ୍ରେଟ ନାବାଳିକା ପୀଡ଼ିତାଙ୍କ ବୟାନ ରେକର୍ଡ କରିଛନ୍ତି ।

ସେପଟେ ମହିଳା କମିସନ ସଦସ୍ୟା ଉର୍ମିଳା ମହାପାତ୍ର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ପୀଡ଼ିତାଙ୍କୁ ଭେଟିଛନ୍ତି । ପୀଡ଼ିତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଷୟରେ ପଚାରି ବୁଝିବା ସହ ବାପାମାଆଙ୍କୁ ପଚରାଉଚରା କରିଛନ୍ତି । ଏଥିସହିତ ମହିଳା ଥାନା ଅଧିକାରୀ ଓ ଘଟଣାର ତଦନ୍ତକାରୀ ଅଧିକାରୀଙ୍କ ସହ ଘଟଣା ବିଷୟରେ ଆଲୋଚନା କରିଛନ୍ତି ଶ୍ରୀମତୀ ମହାପାତ୍ର । ଯଥାଶୀଘ୍ର ଘଟଣାର ତଦନ୍ତ ସାରି ଅଭିଯୁକ୍ତ ବିରୋଧରେ ଚାର୍ଜସିଟ୍ ଦେବା ସହ ବିଚାର ପ୍ରକ୍ରିୟା କିଭଳି ଶୀଘ୍ର ସରି ପାରିବ, ସେନେଇ ଆଲୋଚନା କରିଛନ୍ତି । ଏହା ସହ ପୀଡ଼ିତାଙ୍କୁ କିପରି ଜଲଦି କ୍ଷତିପୂରଣ ରାଶି ମିଳିପାରିବ, ସେନେଇ ଉଦ୍ୟମ କରିବାକୁ କହିଛନ୍ତି । ଅନ୍ୟପଟେ ଭୁବନେଶ୍ୱରରେ ରହିବାକୁ ଡର ଲାଗୁଛି ବୋଲି ପୀଡ଼ିତାଙ୍କ ବାପା କହିଛନ୍ତି ।

# ପୁଣି ବିପଦରେ ହାତୀ ଶାବକ ଜୀବନ



- ମୁହଁରେ ଗଭୀର କ୍ଷତ ଓ ପାଟିରୁ ରକ୍ତସ୍ରାବ
- ଯନ୍ତ୍ରଣାରେ ଛଟପଟ ହୋଇ ବୁଲୁଛି
- ଅକ୍ଟୋବର ଓ ନଭେମ୍ବରରେ ମରିଥିଲେ ୨ ହାତୀ ଶାବକ

**ବାରିପଦା, ୧୨ ।୧୨(ସମିସ):** ପୁଣି ବିପଦରେ ହାତୀ ଶାବକ । ବାରିପଦା ବନଖଣ୍ଡ ବେତନଟୀ ରେଞ୍ଜ ଅଧୀନ ଚୁଆପଦା ଜଙ୍ଗଲରେ ବର୍ଷକର ଏକ ହାତୀ ଶାବକ ପ୍ରାଣ ବିକଳରେ ଇତଃସ୍ତତ ଭାବେ ଘୂରି ବୁଲୁଛି । ତା' ମୁହଁରେ ଗଭୀର କ୍ଷତ ହୋଇଥିବା ବେଳେ ଜିଭ କଟିଯାଇଛି । ଏଥିଯୋଗୁଁ ସେ ଖାଇବା ତ ଦୂରର କଥା, ପାଣି ମୁନ୍ଦାଏ ବି ପିଇପାରୁନାହିଁ । ଖବର ପାଇ ବନ ବିଭାଗ ତା'ର ଚିକିତ୍ସା ପାଇଁ ଉଦ୍ୟମ କରିଛି । ତାକୁ ଆଜି ସନ୍ଧ୍ୟାରେ ଟ୍ରାଙ୍କୁଲାଇଜ୍ କରାଯାଇଛି । ତେବେ କିପରି ହାତୀ ମୁହଁରେ କ୍ଷତ ହେଲା ଓ ଜିଭ କଟିଲା, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଜିଲ୍ଲା ଦେଇ ଚଳପ୍ରଚଳ କରୁଥିବା ଝାଡ଼ଖଣ୍ଡୀ ହାତୀ ଏବେ ଅସୁରକ୍ଷିତ ହୋଇପଡ଼ିଛନ୍ତି । ଗତ ଅକ୍ଟୋବର ଓ ନଭେମ୍ବରରେ ଦୁଇଟି ହାତୀ ଶାବକର ମୃତ୍ୟୁ ଓ ଏହି ଶାବକ କ୍ଷତାକ୍ତ ହୋଇଥିବାରୁ ବୃହତ୍‌କାୟ ପ୍ରାଣୀଙ୍କ ସୁରକ୍ଷାକୁ ନେଇ ପରିବେଶବିତ୍‌ଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି ।

ଶିମିଳିପାଳ ଜାତୀୟ ଅଭୟାରଣ୍ୟ ହସ୍ତୀ ଅଭୟାରଣ୍ୟ ଭାବେ ଅନ୍ୟତମ ପରିଚୟ ରହିଛି । ବର୍ଷତମାମ ଜିଲ୍ଲାର ରାସଗୋବିନ୍ଦପୁର, ଶୁଳିଆପଦା, ମୋରଡା ବ୍ଲକ ଦେଇ ପଶ୍ଚିମବଙ୍ଗ ହୋଇ ଝାଡ଼ଖଣ୍ଡରୁ ଆସୁଥିବା ହାତୀପଲ ବେତନଟୀ ଓ ବଡ଼ସାହି ବ୍ଲକ ପାରି ହୋଇ ପଡ଼ୋଶୀ ବାଲେଶ୍ୱର ଜିଲ୍ଲା ନୀଳଗିରିର କୁଲଡିହା ଅଭୟାରଣ୍ୟ ପର୍ଯ୍ୟନ୍ତ ଯାଇ ଫେରିଥା'ନ୍ତି । ଏମାନଙ୍କ ସୁରକ୍ଷା ନିମନ୍ତେ ଗଜସାଥୀଠାରୁ ଆରମ୍ଭ କରି ବନବିଭାଗର କର୍ମଚାରୀମାନେ ନିୟୋଜିତ ରହିଛନ୍ତି । ଏପରିସ୍ଥଳେ ୨୭ ଟିକିଆ ହାତୀପଲ ବୁଢ଼ାବଳଙ୍ଗ ନଦୀ ପାର୍ ହୋଇ ନୀଳଗିରି ଯାଇ ଗୁରୁବାର ରାତିରେ ପ୍ରତ୍ୟାବର୍ତ୍ତନ କରିଛନ୍ତି । ମୁଖ୍ୟ ଦଳ ବେତନଟୀ ରେଞ୍ଜକୁ ଫେରିଥିବା ବେଳେ ଗୋଠରୁ ଅଲଗା ହୋଇଥିବା ଏକ କ୍ଷତାକ୍ତ ବର୍ଷକର ହାତୀ ଶାବକ ଶୁକ୍ରବାର ସକାଳେ ପହଞ୍ଚିଥିଲା ।

ହାତୀର ମୁହଁରେ କ୍ଷତ ହୋଇ ରକ୍ତସ୍ରାବ ହେଉଥିବାରୁ ସେ ଏଣେତେଣେ ଘୂରି ବୁଲୁଛି । ଜିଲ୍ଲାରେ ହାତୀମାନଙ୍କ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ହାତୀପଲ ଏବେ ବିପଦରେ ପଡ଼ିଥିବା କୁହାଯାଉଛି । ଗତ ଅକ୍ଟୋବର ୩୦ ତାରିଖରେ ବାଙ୍ଗରିପୋଷି ରେଞ୍ଜ ଅଞ୍ଚଳରେ ଏକ ହାତୀ ଶାବକ କାଦୁଅରେ ପଡ଼ିପଡ଼ି ପ୍ରାଣ ହରାଇଥିଲା । ସେହିପରି ନଭେମ୍ବର ୧୫ରେ ବାରିପଦା ରେଞ୍ଜ ହଳଦୀବଣି ଜଙ୍ଗଲରେ ଏକ ହାତୀ ଶାବକର ମୃତ୍ୟୁ ଘଟିଥିଲା । ଏବେ ପୁଣି ଏକ କ୍ଷତାକ୍ତ ହାତୀ ଘୂରି ବୁଲୁଥିବାରୁ ହାତୀ ସୁରକ୍ଷା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ହତ୍ୟାକାରୀକୁ ଆଜୀବନ

**ଆନନ୍ଦପୁର, ୧୨।୧୨(ସମିସ):** ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଆଜି ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ବିଜନ ବେହେରାକୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଅନ୍ତର୍ଗତ ଅଁରା ଗାଁରେ ୨୦୨୦ ନଭେମ୍ବର ୨୦ ତାରିଖରେ ଏହି ହତ୍ୟାକାଣ୍ଡ ଘଟିଥିଲା । ସନ୍ଧ୍ୟାରେ ଗାଁ ସଭା ଚାଲିଥିବା ବେଳେ ସଭାରେ ଉପସ୍ଥିତ ଥିବା ଆନନ୍ଦ ଚନ୍ଦ୍ର ନାୟକଙ୍କୁ ସଙ୍ଘବଦ୍ଧ ଆକ୍ରମଣ ହୋଇଥିଲା । ଗ୍ରାମର ବାମନ ବେହେରା, ବିଜନ ବେହେରା, ନିକନ ବେହେରା ଓ ଉମାକାନ୍ତ ଖଣ୍ଡେଇ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଗୁରୁତର ଆନନ୍ଦଙ୍କୁ ପ୍ରଥମେ ଭଦ୍ରକ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଏନେଇ ଆନନ୍ଦଙ୍କ ସ୍ତ୍ରୀ ମଞ୍ଜୁଲତା ନାୟକ ନନ୍ଦିପଦା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ୫ଜଣଙ୍କୁ ଗିରଫ କରିଥିଲା । ଅନ୍ୟ ୪ ଅଭିଯୁକ୍ତଙ୍କୁ କୋର୍ଟ ଖଲାସ କରିଛନ୍ତି ।

## ପ୍ରସ୍ତାବିତ ଷ୍ଟିଲ୍ ପ୍ଲାଣ୍ଟ ପାଇଁ ଭୃଙ୍ଗରାଜପଶିରେ ଗ୍ରାମସଭା | ପ୍ରଶାସନ ନିକଟରେ ୩୩ ସର୍ତ୍ତ



**ତୁରୁମୁଙ୍ଗା, ୧୨।୧୨ (ସମିସ):** କେନ୍ଦୁଝର ଜିଲ୍ଲା ପାଟଣାତହସିଲଅଧୀନଚେମଣାଓଯମୁନାପଶି ପଞ୍ଚାୟତରେ ଜେଏସ୍‌ଡବ୍ଲ୍ୟୁ ଓ ପୋସ୍କୋ ପକ୍ଷରୁ ମିଳିତ ଭାବେ ହେବାକୁ ଥିବା ପ୍ରସ୍ତାବିତ ମେଗା ଷ୍ଟିଲପ୍ଲାଣ୍ଟ ପାଇଁ ଶୁକ୍ରବାର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଚେମଣା ପଞ୍ଚାୟତ ଭୃଙ୍ଗରାଜପଶି ଖମାର ପଡ଼ିଆଠାରେ ଆୟୋଜିତ ଏହି ଗ୍ରାମସଭାରେ ଗ୍ରାମବାସୀମାନେ ୩୩ଟି ଦାବି ଓ ସର୍ତ୍ତ ରଖିଛନ୍ତି । ପ୍ରଥମେ ଭୃଙ୍ଗରାଜପଶି ଗ୍ରାମ ସୁରକ୍ଷା କମିଟିର ସଭାପତି ନିତ୍ୟାନନ୍ଦ ମହାନ୍ତ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ନିଜର ମତାମତ ରଖିବା ସହ ୩୩ଟି ପ୍ରମୁଖ ସର୍ତ୍ତ ବା ଦାବି ଗ୍ରାମବାସୀଙ୍କ ପକ୍ଷରୁ ଉପସ୍ଥାପନ କରିଥିଲେ । ସେ କହିଥିଲେ, ପ୍ଲାଣ୍ଟ ପାଇଁ ସେମାନଙ୍କ ସାତପୁରୁଷର ଭିଟାମାଟି ଚାଲିଯିବ । ତେଣୁ ବିସ୍ଥାପିତ ଜମିଗୁଡ଼ିକୁ କେନ୍ଦୁଝର ବଜାର ଓ ତୁରୁମୁଙ୍ଗା ବଜାର ଦରରେ ଧାର୍ଯ୍ୟ, ନୂଆ ବିସ୍ଥାପନ ନୀତି ଲାଗୁ, ଡେସିମିଲ୍‌କୁ ୧୦ଲକ୍ଷ ଟଙ୍କା ହିସାବରେ ଏକର ପିଛା ୧୦ କୋଟି ଟଙ୍କା ପ୍ରଦାନ, ବୃଦ୍ଧବୃଦ୍ଧା, ବିଧବା ଏବଂ ଭିନ୍ନକ୍ଷମଙ୍କ ପାଇଁ ମାସିକ ୩୦ ହଜାର ଟଙ୍କା ମାସିକ ଭତ୍ତା, ଅଞ୍ଚଳର ପ୍ରତ୍ୟେକ ୧୮ରୁ ୪୫ ବର୍ଷର ଯୁବକଯୁବତୀଙ୍କୁ ସ୍ଥାୟୀ ଚାକିରି, ମାଗଣା ଶିକ୍ଷା ସହ ମାଗଣାରେ ଉନ୍ନତ ଚିକିତ୍ସା, ବିଜୁଳି ପାନୀୟଜଳ ସାଧାରଣ ଆବଶ୍ୟକ ଜିନିଷ କମ୍ପାନୀ ପକ୍ଷରୁ ମାଗଣା ଯୋଗାଇ ଦିଆଯିବାକୁ ସେ ଦାବି ରଖିଥିଲେ । ସେହିପରି ସସ୍ମିତା ନାଏକ, ମନୋଜ ମହାନ୍ତ ଏବଂ ଚେମଣା ଗ୍ରାମର ବୀରେନ୍ଦ୍ର ପ୍ରସାଦ ସାହୁ ଏହି ସର୍ତ୍ତଗୁଡ଼ିକୁ ଗ୍ରାମବାସୀଙ୍କ ପକ୍ଷରୁ ଦୋହରାଇଥିଲେ ।

ଚେମଣା ସରପଞ୍ଚ ହେମଲତା ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଗ୍ରାମସଭାରେ ଅତିରିକ୍ତ ଜିଲ୍ଲାପାଳ ତଥା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ରବୀନ୍ଦ୍ର ପ୍ରଧାନ, ପାଟଣା ବିଡିଓ ମାନସ ଦଣ୍ଡପାଟ, ତହସିଲଦାର ଅଶ୍ୱିନୀ ନାୟକ, ସମିତି ସଭ୍ୟ ମନୋଜ ମହାନ୍ତ, ଇଡ୍‌କୋର ଜମି ଅଧିଗ୍ରହଣ ଅଧିକାରୀ ଜୟକୃଷ୍ଣ ପାତ୍ର ପ୍ରମୁଖ ଲୋକଙ୍କ ମତ ନେଇଥିଲେ । ଗ୍ରାମସଭାରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ ଯେ ପାଟଣା ବ୍ଲକରେ ଜେଏସ୍‌ଡବ୍ଲୁ ଏବଂ ପୋସ୍କୋ କମ୍ପାନୀର ମିଳିତ ସହଯୋଗରେ ୪୦ ହଜାର କୋଟି ଟଙ୍କା ନିବେଶରେ ବାର୍ଷିକ ୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା କରାଯିବ । ଏଥିପାଇଁ ପାଟଣା ବ୍ଲକ୍ ଚେମଣା ପଞ୍ଚାୟତର ୮ଟି ଗ୍ରାମ ଏବଂ ଯମୁନାପଶି ପଞ୍ଚାୟତର ୪ଟି ଗ୍ରାମ; ଏପରି ସମୁଦାୟ ୧୨ଟି ଗ୍ରାମରେ ୨ହଜାର ୪ଶହ ୬୬ ଏକର ଜମି ଅଧିଗ୍ରହଣ କରାଯିବ । ଏଥିରୁ ୧୪୯୦ ଏକର ଘରୋଇ ଜମି ରହିଛି । ପ୍ରଥମ ପର୍ଯ୍ୟାୟରେ ଭୃଙ୍ଗରାଜପଶି ଗ୍ରାମର ୧୮ ଜଣଙ୍କର ୨୯.୬୧ ଏକର ଘରୋଇ ଜମି ଅଧିଗ୍ରହଣ ପାଇଁ ଗ୍ରାମସଭା କରାଯାଇଛି । ଏହି ଗ୍ରାମସଭା ସଫଳ ହୋଇଥିବା ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଗ୍ରାମସଭାରେ ୩ ଅତିରିକ୍ତ ଏସ୍‌ପି, ୪ ଏସ୍‌ଡିପିଓ, ଅତିରିକ୍ତ ତହସିଲଦାର ଶରଣ ଜେନା, ଚମ୍ପୁଆ ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ବେନାମୀ ସିମ୍ ବିକ୍ରି

## ୨ ଜଣଙ୍କୁ ଉଠାଇନେଲା ଦିଲ୍ଲୀ ପୁଲିସ

**ଭଦ୍ରକ/ଭଣ୍ଡାରିପୋଖରୀ, ୧୨।୧୨ (ସମିସ):** ବିନା ପରିଚୟ ପତ୍ରରେ ଲୋକଙ୍କୁ ଆକ୍ଟିଭ୍ ସିମ୍ କାର୍ଡ ବିକ୍ରି କରିବା ଅଭିଯୋଗରେ ଦିଲ୍ଲୀ ପୁଲିସ ଶୁକ୍ରବାର ୨ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ, ମଞ୍ଜୁରୀରୋଡ୍ ବଜାରର ବ୍ୟବସାୟୀ ସନ୍ତୋଷ ଖଣ୍ଡାଇ ଓ ବନ୍ତ ଥାନା ଅଞ୍ଚଳର ଗଡିଗହିଆ ତରାଗୋ ଗାଁର ମହେଶ୍ୱର ପୁଷ୍ଟିଆ ଓରଫ୍ ଅଜୟ । ଉଭୟଙ୍କୁ ଭଦ୍ରକ କୋର୍ଟରେ ହାଜର କରାଇ ଦିଲ୍ଲୀ ପୁଲିସ ଟ୍ରାନ୍‌ଜିଟ୍ ରିମାଣ୍ଡରେ ଦିଲ୍ଲୀ ନେଇଥିବା ଜଣାଯାଇଛି । ଏମାନେ ନୂତନ ଭାବେ ସିମ୍‌କାର୍ଡ କ୍ରୟ କରିବାକୁ ଆସୁଥିବା ଗ୍ରାହକଙ୍କ ଆଧାରକାର୍ଡ ଉପଯୋଗ କରି ଗ୍ରାହକଙ୍କ ଅଜାଣତରେ ଏକକାଳୀନ ବହୁ ସିମ୍ ଆକ୍ଟିଭ୍ କରୁଥିଲେ । ଗ୍ରାହକଙ୍କ ଆବଶ୍ୟକ ଥିବା ଗୋଟିଏ ସିମ୍ କାର୍ଡ ମୂଳ ଗ୍ରାହକକୁ ଦେଇ ବାକି ଆକ୍ଟିଭ ହୋଇଥିବା ସିମ୍ କାର୍ଡଗୁଡ଼ିକୁ ଉଚ୍ଚ ଦାମରେ ବେନାମୀ ଲୋକଙ୍କୁ ବିକ୍ରି କରୁଥିଲେ । ଏଭଳି ବିକ୍ରି ହୋଇଥିବା ବେନାମୀ ସିମ୍ କାର୍ଡ ଅପରାଧିକ କାର୍ଯ୍ୟରେ ଉପଯୋଗ ହେଉଥିଲା । ଦିଲ୍ଲୀ ସାହିନବାଗ ଥାନାରେ ରୁଜୁ ହୋଇଥିବା ୪୦୩/୨୫ନଂ ମାମଲାର ଅଭିଯୁକ୍ତଠାରୁ ସନ୍ତୋଷ ବିକ୍ରି କରିଥିବା ବେଆଇନ ସିମକାର୍ଡ ଜବତ ହେବା ପରେ ସନ୍ତୋଷ ପୁଲିସ ସ୍କାନରକୁ ଆସିଥିଲା । ସାହିନବାଗ ଥାନାର ସଂପୃକ୍ତ ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତ ଭଣ୍ଡାରିପୋଖରୀ ଥାନା ଅଞ୍ଚଳର ବୋଲି ଜଣାଯାଇଛି ।

## ଦେବୀ ନଦୀରେ ଅଲିଭ୍ ରିଡ୍‌ଲେଙ୍କ ମିଳନ ପ୍ରକ୍ରିୟା ଆରମ୍ଭ

**ଅସ୍ତରଙ୍ଗ,୧୨।୧୨(ସମିସ):** ପ୍ରତିବର୍ଷ ଭଳି ଚଳିତ ବର୍ଷ ଅସ୍ତରଙ୍ଗ ଦେବୀ ମୁହାଣକୁ ବିରଳ ଅଲିଭ୍-ରିଡ୍‌ଲେ କଇଁଛଙ୍କ ଆଗମନ ହେଲାଣି । କିନ୍ତୁ ଏଥର ଏମାନଙ୍କ ଗତିବିଧିରେ ଏକ ବିଲକ୍ଷଣ ଦେଖିବାକୁ ମିଳିଛି । ମୁଖ୍ୟତଃ ଏମାନେ ଦେବୀନଦୀ ମୁହାଣରେ ମିଳନ ଓ ଅଣ୍ଡାଦାନ କରୁଥିବା ବେଳେ ଏଥର ମୁହାଣ ଅତିକ୍ରମ କରି ଦେବୀନଦୀ ମଧ୍ୟକୁ ମାଡ଼ି ଆସିଛନ୍ତି । ନଦୀ ଭିତରେ ସେମାନେ ମିଳନ ପ୍ରକ୍ରିୟା ଆରମ୍ଭ କରୁଥିବା ଦେଖିବାକୁ ମିଳିଛି । କିଛି ମତ୍ସ୍ୟଜୀବୀଙ୍କ କ୍ୟାମେରାରେ ଏହାର ଅନେକ ଭିଡିଓ ଓ ଫଟୋ କଏଦ୍ ହୋଇଛି । ତେବେ ଏହା ଆମ ପରିବେଶ ପାଇଁ ଶୁଭ ଖବର ବୋଲି ପରିବେଶବିତ୍‌ମାନେ ଯୁକ୍ତି ବାଢ଼ିଛନ୍ତି ।

# ପୁସ୍ତକ ମହୋତ୍ସବରେ ମହିଳା ସ୍ୱାଧୀନତା ସଂଗ୍ରାମୀଙ୍କୁ ଅଣଦେଖା




- ଥିମ୍ ପାଭିଲିୟନରେ ନାହିଁ ଗୁରୁବାରୀ ମେହେରଙ୍କ ନାମ
- ସୁବର୍ଣ୍ଣପୁରବାସୀଙ୍କ ସମାଲୋଚନା, ଆନ୍ଦୋଳନ ଚେତାବନୀ

**ଭୁବନେଶ୍ୱର, ୧୨।୧୨(ସମିସ):** ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଲିଖିତ ଇତିହାସରେ ଅନେକ ସଂଗ୍ରାମୀ ଓ ସହିଦ ସ୍ଥାନିତ ହୋଇପାରିନାହାନ୍ତି । ହେଲେ ସ୍ଥାନୀୟ ଲୋକଙ୍କ ମାନସିକତାକୁ ସେମାନଙ୍କ ଅଦମ୍ୟ ସାହସ ଏବେ ବି ଅନେକ ମାତ୍ରାରେ ପ୍ରଭାବିତ କରି ଆସୁଛି । ଗୁରୁବାରୀ ମେହେରଙ୍କ 'କରୋ ପୁକାର: ବନ୍ଦ କରୋ ଏ ଅତ୍ୟାଚାର' ସ୍ଲୋଗାନ୍ ଏବେ ବି ବିନିକା ଅଞ୍ଚଳରେ ଅନ୍ୟାୟ ବିରୁଦ୍ଧରେ ପ୍ରତିବାଦର ସ୍ୱର ହୋଇ ଠିଆ ହୁଏ । କିନ୍ତୁ, ସୁବର୍ଣ୍ଣପୁର ଜିଲ୍ଲାର ଏକମାତ୍ର ମହିଳା ସ୍ୱାଧୀନତା ସଂଗ୍ରାମୀ ଗୁରୁବାରୀ ମେହେର ଆଜି ବି ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛନ୍ତି । ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ହେଉଥିବା ୭ମ ଓଡ଼ିଶା ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ-୨୦୨୫ରେ ଆକର୍ଷଣ ପାଲଟିଛି ଥିମ୍ ପାଭିଲିୟନ୍ । ଏଠାରେ ଏକ ପାଭିଲିୟନରେ ମହିଳା ସ୍ୱାଧୀନତା ସଂଗ୍ରାମୀମାନଙ୍କ ନାମ ଓ ଅବଦାନ ଉଲ୍ଲେଖ ରହିଛି । ହେଲେ ଏଥିରେ ପ୍ରଜାମଣ୍ଡଳ ଆନ୍ଦୋଳନରେ ସାମିଲ ହୋଇ ସହିଦ ହୋଇଥିବା ବିନିକା ଅଞ୍ଚଳର ଗର୍ବ ସହିଦ ଗୁରୁବାରୀ ମେହେରଙ୍କ ନାମ ସ୍ଥାନିତ ହୋଇନାହିଁ । ଏହାକୁ ନେଇ ସହିଦ ଗୁରୁବାରୀ ସ୍ମୃତି କମିଟି ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି । ତାଲିକାରେ ସଂଶୋଧନ କରି ଗୁରୁବାରୀଙ୍କୁ ସ୍ଥାନିତ କରି ଉଚିତ ସମ୍ମାନ ଦେବାକୁ ଜିଲ୍ଲାର ବିଭିନ୍ନ ମହଲରେ ଦାବୀ ହୋଇଛି । ଏ ଦିଗରେ ପଦକ୍ଷେପ ନିଆନଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି କମିଟି ଚେତାବନୀ ଦେଇଛି ।

ଗତ ସ୍ୱାଧୀନତା ଦିବସ ସମାରୋହରେ ସୁବର୍ଣ୍ଣପୁର ସଦର ମହକୁମାରେ ସଂସ୍କୃତି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମହିଳା ସ୍ୱାଧୀନତା ସଂଗ୍ରାମୀ ଗୁରୁବାରୀ ମେହେରଙ୍କ ଅବଦାନକୁ ସ୍ମରଣ କରିଥିଲେ । ହେଲେ ଚଳିତବର୍ଷ ବିଭାଗ ଦ୍ୱାରା ଆୟୋଜିତ ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବରେ ଏହି ମହାନ ମହିଳା ସ୍ୱାଧୀନତା ସଂଗ୍ରାମୀଙ୍କୁ ଭୁଲିଯାଇଥିବାରୁ ସୁବର୍ଣ୍ଣପୁରବାସୀ ନାପସନ୍ଦ କରିଛନ୍ତି ।

ସୂଚନା ଅନୁସାରେ, ବିନିକା ଅଞ୍ଚଳର ମହାନ ମହିଳା ସ୍ୱାଧୀନତା ସଂଗ୍ରାମୀ ଗୁରୁବାରୀ ମେହେର ସ୍ୱାଧୀନତା ପାଇଁ ପୁଲିସ ବନ୍ଧୁକ ବନେଟ୍ ମାଡ଼ ଖାଇ ଗାଁ ଦାଣ୍ଡରେ ସହିଦ ହୋଇଥିଲେ । ସ୍ୱାଧୀନତା ପୂର୍ବରୁ ପୁରାତନ ସୋନପୁର ଗଡ଼ଜାତର ବିନିକା ଅଞ୍ଚଳରେ ପ୍ରଜା ଆନ୍ଦୋଳନ ଜୋର୍ ଧରିଥିଲା । ଦୀର୍ଘ ଦିନ ଧରି ଚାଲିଥିବା ଏକଛତ୍ରବାଦୀ ରାଜତନ୍ତ୍ର ବ୍ୟବସ୍ଥାକୁ ବିରୋଧ କରିବା ପାଇଁ ସ୍ଥାନେସ୍ଥାନେ ପ୍ରଜାମଣ୍ଡଳ ଗଠିତ ହୋଇଥିଲା । ୧୯୩୮ ମସିହାରେ ପ୍ରଜାମଣ୍ଡଳ ଆନ୍ଦୋଳନ ପ୍ରଭାବ ସୋନପୁର ଗଡ଼ଜାତ ଅଞ୍ଚଳରେ ଜୋର୍ ଧରିଥିଲା । ୧୯୪୭ ଜାନୁଆରୀ ୩୦ରେ ବିନିକା ପ୍ରାଇମେରୀ ପ୍ରଜାମଣ୍ଡଳ ସଭାପତି ମୁରଲୀଧର ମିଶ୍ରଙ୍କ ସମେତ ଅନେକଙ୍କୁ ଗିରଫ କରାଯାଇଥିଲା । ଏହାକୁ ବିରୋଧ କରିବାରୁ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା । ଏହି ସମୟରେ ଗୁରୁବାରୀ ମେହେର ମହିଳାଙ୍କ ନେତୃତ୍ୱ ନେଇଥିବା ବେଳେ ପୁଲିସର ବନେଟ୍ ମାଡ଼ରେ ଟଳି ପଡ଼ିଥିଲେ । ତାଙ୍କର ଅଦମ୍ୟ ସାହସକୁ ଅଞ୍ଚଳର ଲୋକମାନଙ୍କ ମନରୁ କେହି ଲିଭାଇପାରିବେ ନାହିଁ ବୋଲି କମିଟି ପକ୍ଷରୁ କୁହାଯାଇଛି ।

## ୨୫ ବର୍ଷ ପରେ ହାଇକୋର୍ଟରୁ ମିଳିଲା ନ୍ୟାୟ

### ସଫଳ ଆଖୁ ଚାଷୀ ଭାବେ ପ୍ରଥମ ପୁରସ୍କାର ପ୍ରଦାନ ପାଇଁ ନିର୍ଦ୍ଦେଶ

**କଟକ,୧୨ ।୧୨(ସମିସ):** ଦୁଇ ଦଶନ୍ଧି ପୂର୍ବରୁ ଭଲ ଆଖୁ ଅମଳ ପାଇଁ ପ୍ରଥମ ପୁରସ୍କାର ପାଇବା ପାଇଁ ଯୋଗ୍ୟବିବେଚିତ ହୋଇଥିବା ଜଣେ ଚାଷୀଙ୍କୁ ବେଆଇନ ଭାବେ ପୁରସ୍କାରରୁ ବଞ୍ଚିତ କରାଯିବା ପ୍ରସଙ୍ଗରେ ଦାୟର ମାମଲାରେ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି । ଦୀର୍ଘ ୨୫ ବର୍ଷ ପରେ ଆବେଦନକାରୀ ସମ୍ପୃକ୍ତ ସଫଳ କୃଷକଙ୍କୁ ହାଇକୋର୍ଟରୁ ନ୍ୟାୟ ମିଳିଥିବା ବେଳେ ୧୯୯୯-୨୦୦୦ ବର୍ଷ ପାଇଁ ପ୍ରଥମ ପୁରସ୍କାର ସ୍ୱରୂପ ୩୦ହଜାର ଟଙ୍କା ଆସନ୍ତା ଦୁଇ ମାସ ମଧ୍ୟରେ ଆବେଦନକାରୀଙ୍କୁ ପ୍ରଦାନ କରିବାକୁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ନରେନ୍ଦ୍ର କୁମାର ମିଶ୍ରଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଆବେଦନକାରୀଙ୍କ ପ୍ରଥମ ପୁରସ୍କାର ଦାବିକୁ ଅଗ୍ରାହ୍ୟ କରାଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି ।

ମାମଲାରୁ ପ୍ରକାଶ ଯେ ଆଖୁ ଚାଷୀଙ୍କୁ ଅମଳ ଭିତ୍ତିରେ ପ୍ରୋତ୍ସାହନ ରାଶି ପୂର୍ବକ ପ୍ରଥମ ପୁରସ୍କାର ୩୦ ହଜାର, ଦ୍ୱିତୀୟ ପୁରସ୍କାର ୨୫ ହଜାର ଓ ତୃତୀୟ ପୁରସ୍କାର ୨୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ସରକାର ଘୋଷଣା କରିଥିଲେ । ଢେଙ୍କାନାଳ ସଦର ବ୍ଲକ ଅନ୍ତର୍ଗତ ବନ୍ଧନୂଆଗାଁ ବ୍ଲକରେ ଥିବା ପ୍ରାୟ ଦେଢ଼ଏକର ଜମିରେ ଆବେଦନକାରୀ ଆଖୁଚାଷ କରି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ୨୦୦୦, ଫେବ୍ରୁଆରି ୩ରେ ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ ତାଙ୍କ ଜମିରୁ ଆଖୁ କଟାଯାଇଥିଲା ବେଳେ ଏଥିରେ ସେ ପ୍ରଥମ ହୋଇଥିଲେ ମଧ୍ୟ ଏହି ପୁରସ୍କାର ତାଙ୍କୁ ମିଳିନଥିଲା । ଆଖୁ ଫସଲ ହୋଇଥିବା ପ୍ଲଟ୍ ଆବେଦନକାରୀ, ତାଙ୍କ ବାପା ଓ ଭାଇଙ୍କ ନାଁରେ ମିଳିତ ଭାବେ ରେକର୍ଡଭୁକ୍ତ ଥିବା ଓ ୧୯୯୭-୯୮ରେ ତାଙ୍କ ବାପା ଏହି କ୍ଷେତ୍ରରେ ତୃତୀୟ ପୁରସ୍କାର ପାଇଥିବା କାରଣରୁ ଏହି ପୁରସ୍କାର ଦିଆଯାଇ ନଥିଲା । ପ୍ରତିଯୋଗିତାରେ ଅଂଶଗ୍ରହଣ ପୂର୍ବରୁ ଜମିର ସବୁ ତଥ୍ୟ ଦାଖଲ କରିବା ପରେ ଆବେଦନକାରୀଙ୍କୁ ଅନୁମତି ମିଳିଥିଲା । ଏଥିସହ ଗୋଟିଏ ପରିବାରର ଜଣେ ସଦସ୍ୟ ପୂର୍ବରୁ ପୁରସ୍କାର ପାଇଥିଲେ ଅନ୍ୟ ଜଣେ ସଦସ୍ୟ ପ୍ରତିଯୋଗିତାରୁ ବାଦ୍ ପଡ଼ିବେ ବୋଲି ନିୟମାବଳୀରେ ଉଲ୍ଲେଖ ନଥିବା ବେଳେ ବେଆଇନ ଭାବେ ପୁରସ୍କାରରୁ ବଞ୍ଚିତ କରାଯିବା ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

## ମହାତ୍ମା ଗାନ୍ଧୀଙ୍କ ପ୍ରତି ବିଜେପି ବିଧାୟକଙ୍କ ଅଶୋଭନୀୟ ମନ୍ତବ୍ୟ ପ୍ରସଙ୍ଗ

# ସନ୍ତୋଷଙ୍କ ବହିଷ୍କାର ଦାବିରେ ରାଜ୍ୟପାଳଙ୍କୁ ଭେଟିଲା ବିଜେଡି



- ମହିଳାଙ୍କ ପ୍ରତି ଅଭଦ୍ରୋଚିତ ଟିପ୍ପଣୀ ପାଇଁ ମଧ୍ୟ ହେଉନି କାର୍ଯ୍ୟାନୁଷ୍ଠାନ
- ମାଲକାନଗିରି ପ୍ରସଙ୍ଗରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା ଦଳ


**ଭୁବନେଶ୍ୱର,୧୨ ।୧୨(ସମିସ):** ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ବିଧାନସଭାରେ ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଅଶୋଭନୀୟ ମନ୍ତବ୍ୟ, ବିଜେଡି ନେତ୍ରୀ ଡଃ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଏବଂ ଅଶାନ୍ତ ମାଲକାନଗିରିର ସ୍ଥିତିକୁ ନିୟନ୍ତ୍ରଣ ଆଦି ପ୍ରସଙ୍ଗରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଛି ବିଜେଡି । ଶୁକ୍ରବାର ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟପାଳଙ୍କୁ ଭେଟି ଏ ସମ୍ପର୍କିତ ଘଟଣା ବିଷୟରେ ଅବଗତ କରାଇବା ସହ ଦାବିପତ୍ର ପ୍ରଦାନ କରିଛି ।

ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରି ବିଜେଡି କହିଛି ଯେ ବିଧାନସଭାର ପବିତ୍ର ଗୃହରେ ଜାତିର ଜନକଙ୍କ ପ୍ରତି ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଅଶୋଭନୀୟ ମନ୍ତବ୍ୟ ଦେଶବାସୀଙ୍କୁ ଆଘାତ ଦେଇଛି । ପୂର୍ବରୁ ଶ୍ରୀ ଖଟୁଆ ଗଣମାଧ୍ୟମରେ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦିକା ଡଃ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ଆଶାଳୀନ ମନ୍ତବ୍ୟ ଦେଇଥିଲେ । ତାଙ୍କ ଚରିତ୍ର ସଂହାର କରିଥିଲେ । ଏହାର ପ୍ରତିବାଦରେ ରାଜ୍ୟ ମହିଳା କମିଶନ, ପୁଲିସ ମହାନିର୍ଦ୍ଦେଶକ, ଜାତୀୟ ମହିଳା କମିଶନ ଏବଂ ରାଷ୍ଟ୍ରପତିଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଏଯାବତ୍ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଶ୍ରୀ ଖଟୁଆଙ୍କ ବିରୋଧରେ ଓଡ଼ିଶା ବିଧାନସଭାରେ ଏଥିକ୍ସ କମିଟି ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ଉତ୍ତର ମିଳିପାରିନାହିଁ । ଅନ୍ୟ ରାଜ୍ୟରେ ଜନପ୍ରତିନିଧିଙ୍କ ଏଭଳି ଆଚରଣ ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନର ନଜିର ରହିଥିବା ବେଳେ ଏଠାରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆନଯିବା ସଂପର୍କରେ ରାଜ୍ୟପାଳଙ୍କୁ ବିଜେଡି ପ୍ରତିନିଧି ମଣ୍ଡଳୀ ଅବଗତ କରାଇଛି ।

ଯଦି ଶ୍ରୀ ଖଟୁଆଙ୍କ ଭଳି ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ ପୂର୍ବରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଆନ୍ତା, ତେବେ ପୁଣି ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ସେ ଅସମ୍ମାନ ପ୍ରଦର୍ଶନ କରିବା ପାଇଁ ସାହସ କରିନଥାନ୍ତେ । ତେଣୁ ତୁରନ୍ତ ଶ୍ରୀ ଖଟୁଆଙ୍କୁ ବିଧାନସଭାରୁ ବହିଷ୍କାର କରିବା ପାଇଁ ରାଜ୍ୟପାଳ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ବିଜେଡି ଦାବି କରିଛି ।

ଏହାବ୍ୟତୀତ, ମାଲକାନଗିରିର ଅଶାନ୍ତ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାରଙ୍କ ବିଫଳତା ବିଷୟରେ ବିଜେଡି ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଛି । ପୁଲିସ୍ ଓ ପ୍ରଶାସନର ଉପସ୍ଥିତିରେ ମାଲକାନଗିରିରେ ଯେଭଳି ହିଂସା ସଂଘଟିତ ହେଲା, ତାହା ଅବର୍ଣ୍ଣନୀୟ । ଏହି ଘଟଣା ଶାନ୍ତିପ୍ରିୟ ଓଡ଼ିଶାର ଗରିମା କ୍ଷୁଣ୍ଣ କରିଛି । ଘଟଣାସ୍ଥଳକୁ ପୁଲିସ୍ ମହାନିର୍ଦ୍ଦେଶକଙ୍କ ଗସ୍ତ ପରେ ମଧ୍ୟ ଜିଲ୍ଲାରେ ପରିସ୍ଥିତି ସ୍ୱାଭାବିକ ହୋଇପାରିନାହିଁ । ତେଣୁ ରାଜ୍ୟପାଳ ଏହି ଘଟଣାରେ ହସ୍ତକ୍ଷେପ କରି, ରାଜ୍ୟବାସୀଙ୍କୁ ଆଶ୍ୱସ୍ତି ପ୍ରଦାନ କରନ୍ତୁ ବୋଲି ବିଜେଡି ଦାବି କରିଛି ।

ପୂର୍ବତନ ମନ୍ତ୍ରୀ ତଥା ବିଜେଡି ବରିଷ୍ଠ ସାଧାରଣ ସମ୍ପାଦିକା ଟୁକୁନି ସାହୁଙ୍କ ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ସାଂସଦ ତଥା ବରିଷ୍ଠ ସାଧାରଣ ସମ୍ପାଦିକା ରାଜଶ୍ରୀ ମଲ୍ଲିକ, ପୂର୍ବତନ ସାଂସଦ ତଥା ସାଧାରଣ ସମ୍ପାଦିକା ଶର୍ମିଷ୍ଠା ସେଠୀ, ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡଃ ଲେଖାଶ୍ରୀ ସାମନ୍ତସିଂହାର, ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡଃ ଲେନିନ ମହାନ୍ତି, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁ ପ୍ରମୁଖ ଲୋକଭବନରେ ରାଜ୍ୟପାଳଙ୍କ ସହ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଥିଲେ ।



ପୁଣି ମ୍ୟାଟ୍‌କୁ ଫେରିବେ ଫୋଗଟ

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-167 ♦SATURDAY ♦13 DECEMBER 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୬୭ ♦ଶନିବାର ♦୧୩ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ପ୍ରଥମଥର ହେବ ଡିଜିଟାଲ ଜନଗଣନା



ବ୍ୟକ୍ତି ପିଛା ଖର୍ଚ୍ଚ ହେବ ୯୭ ଟଙ୍କା

ଦୁଇଟି ପର୍ଯ୍ୟାୟରେ ହେବ ଜନଗଣନା

## ୨୦୨୭ ଜନଗଣନା ପାଇଁ ୧୧ ହଜାର ୭୧୮ କୋଟି ଟଙ୍କା ମଞ୍ଜୁର

■ ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): ଦେଶରେ ପ୍ରଥମଥର ପାଇଁ ଜନଗଣନା ଡିଜିଟାଲ ହେବାକୁ ଯାଉଛି। ୨୦୨୭ ଜନଗଣନା ପାଇଁ କେନ୍ଦ୍ର ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। କେନ୍ଦ୍ର ସରକାର ଏଥିପାଇଁ ଶୁକ୍ରବାର ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୧୧,୭୧୮. ୨୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଜଣେ ବ୍ୟକ୍ତି ପାଇଁ ଜନଗଣନା ବାବଦରେ ୯୭ ଟଙ୍କା ଖର୍ଚ୍ଚ ହେବ ବୋଲି କୁହାଯାଇଛି। ୨୦୧୧ ଜନଗଣନା ବେଳେ ଦେଶର ଲୋକସଂଖ୍ୟା ୧୨୧ କୋଟି ଥିଲା। ଯଦି ଏହାକୁ ଆଧାର କରି ବିଚାର କରାଯାଏ ତେବେ, ଜଣେ ବ୍ୟକ୍ତିଙ୍କ ପାଇଁ ଜନଗଣନା ବାବଦରେ ୯୭ ଟଙ୍କା ଖର୍ଚ୍ଚ ହେବ। କିନ୍ତୁ ଏବେ ଦେଶର ଲୋକସଂଖ୍ୟା ଆନୁମାନିକ ଭାବେ ୧୫୦ କୋଟିରେ ପହଞ୍ଚିଛି। ତେଣୁ ଏହାକୁ ବିଚାର କଲେ ପ୍ରତି ବ୍ୟକ୍ତିଙ୍କ ପାଇଁ ୭୮ ଟଙ୍କା ଖର୍ଚ୍ଚ ହେବ। ଏହି ଜନଗଣନା ପାଇଁ ୩୦ ଲକ୍ଷ କର୍ମଚାରୀଙ୍କୁ ନିୟୋଜନ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ସିଏଏସ୍ ସଫ୍ଟଓ୍ୱାର ବ୍ୟବହାର କରି ଡିଜିଟାଲ ଜନଗଣନା ହେବ। ଜନଗଣନାର ଡିଜିଟାଲ ଡିଜାଇନ୍ ତଥ୍ୟର ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି। ଦୁଇଟି ପର୍ଯ୍ୟାୟରେ ଏହାକୁ କାର୍ଯ୍ୟକାରୀ କରାଯିବ। ପ୍ରଥମ ପର୍ଯ୍ୟାୟରେ ୨୦୨୬ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ପରିବାରର ତାଲିକା ତିଆରି କରାଯିବ ଓ ଘରଗୁଡ଼ିକର ଗଣନା କରାଯିବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୨୦୨୭ ଫେବୃଆରୀରେ ଜନସଂଖ୍ୟାର ଗଣନା କରାଯିବ ବୋଲି ସେ କହିଛନ୍ତି। ମୋବାଇଲ ଆପ ମାଧ୍ୟମରେ ଡାଟା ସଂଗ୍ରହ କରାଯିବ। ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଓ ନିର୍ଭୁଲ କରିବା ପାଇଁ ଏକ କେନ୍ଦ୍ରୀୟ ପୋର୍ଟାଲରୁ ଏହାକୁ ତଦାରଖ କରାଯିବ ବୋଲି କୁହାଯାଇଛି। ୨୦୨୭ର ଜନଗଣନା ଦେଶର ୧୬ତମ ଓ ସ୍ୱାଧୀନତା ପରେ ଅଷ୍ଟମ ଜନଗଣନା ହେବ।

# ରାତିରେ ଶୀତର 'କର୍ଫ୍ୟୁ'

## ୧୦ ତଳକୁ ଖସିଲା ୧୫ ସହରରେ ପାରଦ



■ ଭୁବନେଶ୍ୱର, ୧୨।୧୨ (ସମିସ): ସାରା ରାଜ୍ୟରେ ଏବେ ଶୀତ କର୍ଫ୍ୟୁ। ରାତି ବଢ଼ିବା ସାଙ୍ଗକୁ ବଢ଼ୁଛି ଥଣ୍ଡା, ଖସୁଛି ପାରଦ । କ୍ରମାଗତ ଭାବେ ତାପମାତ୍ରା ତଳମୁହାଁ ହେତୁ ରାଜ୍ୟରେ ୭ ଦିନ ହେବ ଲାଗି ରହିଥିବା ଶୀତ ଲହରୀ (କୋଲ୍ଡ ୱେଭ୍) ସ୍ଥିତି ଅପରିବର୍ତ୍ତିତ ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୨ ସହରରେ ତାପମାତ୍ରା ୩ ଡିଗ୍ରୀକୁ ଖସିଛି ଓ୍ ୧୫ ଟି ସହର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ୩.୧ ଡିଗ୍ରୀ ସହ ଜି.ଉଦୟଗିରି ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି ଓ ସେମିଳିଗୁଡ଼ାରେ ସର୍ବନିମ୍ନ ତାପମାତ୍ରା ୩.୬ ଡିଗ୍ରୀ ରେକର୍ଡ ହୋଇଛି। ଅନୁରୂପ ଭାବରେ ଫୁଲବାଣୀରେ ୫.୫, ଦାରିଙ୍ଗବାଡ଼ି ୬.୫, ଚିପିଲିମା ୬.୬, ଝାରସୁଗୁଡ଼ା ୭.୧, ରାଉରକେଲା ୭.୨, ଭବାନୀପାଟଣା ୭.୫, କୋରାପୁଟ ୮.୧, କିରେଇ ୮.୪, ଅନୁଗୁଳ ୮.୬, ବଲାଙ୍ଗିର ୯, ନବରଙ୍ଗପୁର ୯.୨, କେନ୍ଦୁଝର ୯.୬ ଓ ସୁନ୍ଦରଗଡ଼ରେ ୯.୬ ଡିଗ୍ରୀ ରେକର୍ଡ କରାଯାଇଛି।

### ଜି.ଉଦୟଗିରିରେ ୩.୧, ସେମିଳିଗୁଡ଼ାରେ ୩.୬

### ପ୍ରବଳ ଜାଡ଼ ପାଇଁ ୯ ଜିଲ୍ଲାକୁ ସତର୍କତା ଜାରୀ

ଜାରି ରହିଥିବା ଶୀତ ଲହରୀ ସ୍ଥିତି ଆହୁରି ଦୁଇ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବାର ସମ୍ଭାବନା ରହିଛି। ଏହାପରେ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟିଲେ ମଧ୍ୟ ଶୀତର ପ୍ରଭାବ ବିଶେଷ କମିବ ନାହିଁ ବୋଲି ଆକଳନ ▶ପୃଷ୍ଠା-୭

# ସରିଲା ବିଧାନସଭା; ଥମୁନି ଶିକ୍ଷକ ଆନ୍ଦୋଳନ

## ରାଜଧାନୀରେ ଗର୍ଜିଲେ ବେସରକାରୀ ଅନୁଦାନ ଓ ଅଣ-ଅନୁଦାନପ୍ରାପ୍ତ ଶିକ୍ଷକ

■ ଭୁବନେଶ୍ୱର, ୧୨।୧୨ (ସମିସ): ବିଧାନସଭା ଅଧିବେସନ ସରିବାକୁ ୩ ଦିନ ବିତିଥିଲେ ମଧ ଶିକ୍ଷକ ଆନ୍ଦୋଳନ ଥମିବାର ନା ନେଉନି। ପ୍ରତିଦିନ ବିଭିନ୍ନ ଶିକ୍ଷକ ସଂଗଠନ ଆନ୍ଦୋଳନକୁ ଆସି ସରକାର ଦେଇଥିବା ପ୍ରତିଶ୍ରୁତିକୁ ପାଳନ

### ନିୟମିତ ଦାବିରେ କଳା ଓ କ୍ରୀଡ଼ା ଶିକ୍ଷକଙ୍କ ବିକ୍ଷୋଭ




କରନ୍ତୁ ବୋଲି ନାରାବାଜି କରୁଛନ୍ତି। ଏକାଧିକ ସଂଗଠନ ଆହୋରାତ୍ର ଧାରଣା ଦେଉଛନ୍ତି। ମୁଖ୍ୟାଳୟ ଛାଡ଼ି ରାଜଧାନୀ ବିକ୍ଷୋଭରେ ସାମିଲ ହେଉଥିବା ଶିକ୍ଷକ ଓ କର୍ମଚାରୀଙ୍କ ତାଲିକା ମାଗି ଗଣଶିକ୍ଷା ବିଭାଗ ନାଲିଆଖି ଦେଖାଇଥିଲେ ମଧ ଆନ୍ଦୋଳନରେ ବ୍ରେକ୍ ଲାଗୁ ନ ଥିବାରୁ ସରକାରଙ୍କ ଶୀରପିଡ଼ା ବଢ଼ୁଛି।

ବେସରକାରୀ ଅନୁଦାନ ଓ ଅଣ-ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ (+୨ ଓ +୩) ଏବଂ ସଂସ୍କୃତ ଶିକ୍ଷାନୁଷ୍ଠାନରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଶୁକ୍ରବାର ବିଧାନସଭା ସମ୍ମୁଖ ଗାନ୍ଧୀମାର୍ଗରେ ଗର୍ଜିଛନ୍ତି। ସେମାନଙ୍କ ଏକମାତ୍ର ଦାବି ଭାବେ 'ସରକାରୀ ଅନୁଦାନ ପ୍ରଦାନ' କରିବାକୁ ଦାବି କରିବା ସହ ସରକାର ସେମାନଙ୍କ ସହ ପ୍ରତାରଣା କରୁଥିବା ଅଭିଯୋଗ ▶ପୃଷ୍ଠା-୭

# ସର୍ଭିସ ବନ୍ଧୁକରୁ ନିଜକୁ ଗୁଳିକଲେ ଯବାନ

■ ନୂଆପଡା, ୧୨।୧୨ (ସମିସ):ନୂଆପଡା ଜିଲ୍ଲା କୋମନା ଥାନା ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥାପିତ ଥିବା ଢେକୁନପାନି ସିଆର୍‌ପିଏଫ କ୍ୟାମ୍ପରେ କାର୍ଯ୍ୟରତ ଯବାନ ଗୋପିନାଥ ଶବର(୩୫) ନିଜର ସର୍ଭିସ ରିଭଲଭରରେ ଗୁଳି କରି ଆତ୍ମହତ୍ୟା କରିଥିବା ଜଣାପଡିଛି। ଯବାନଙ୍କ ଘର ଖଡିଆଳ ଥାନା ବରଗାଁ ପଞ୍ଚାୟତର ଘରଧରା ଗାଁ ବୋଲି ଜଣାପଡିଛି। ପ୍ରାପ୍ତ ଖବର ଅନୁଯାୟୀ ଆଜିକୁ ଦଶ ବର୍ଷ ତଳେ ବିବାହିତ ଗୋପିନାଥ ଦୀର୍ଘ ଦିନ ଧରି ସିଆର୍‌ପିଏଫରେ ନିୟୋଜିତ ହୋଇଥିଲେ। ଢେକୁନପାନୀ କ୍ୟାମ୍ପରେ କାର୍ଯ୍ୟରତ ଥିଲେ। ଶୁକ୍ରବାର ମଧ୍ୟାହ୍ନରେ କ୍ୟାମ୍ପରେ ନିଜର ସର୍ଭିସ ରିଭଲଭରରେ ଗୁଳିକରି ନିଜର ଜୀବନ ହାରିଛନ୍ତି। ପରେ ଅଧିକାରୀମାନେ ଯାଇ ଦେଖିବାପରେ ମୃତ ଦେହକୁ ଉଦ୍ଧାର କରି ▶ପୃଷ୍ଠା-୭

# ବାଇକ୍-ସ୍କୁଟି ମୁହାଁମୁହିଁ ଧକ୍କା; ୩ ଆରୋହୀ ମୃତ




■ କେନ୍ଦୁଝର/ଘଟଗାଁ, ୧୨।୧୨(ସମିସ): କେନ୍ଦୁଝର ଜିଲ୍ଲାର ଘଟଗାଁ ଥାନା ଅନ୍ତର୍ଗତ ଢେଙ୍କିକୋଟ ଫାଣ୍ଡିର ସାରୁପାଟ ଗ୍ରାମ ନିକଟରେ ଶୁକ୍ରବାର ସନ୍ଧ୍ୟା ସମୟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ବାଇକ୍ ଓ ସ୍କୁଟି ମୁହାଁମୁହିଁ ଧକ୍କା ହେବା ଫଳରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ, ଅସନବାହାଳି ଗ୍ରାମର ଦୁଃଶାସନ ବାରିକ, ବଳଭଦ୍ରପୁର ଗ୍ରାମର ମନ ଦଳେଇ ଓ ଲକ୍ଷ୍ମଣ ସେନାପତି। ଗୁରୁତରଙ୍କୁ କେନ୍ଦୁଝର ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନାନୁସାରେ, ସନ୍ଧ୍ୟା ସମୟରେ ବାଇକ୍‌ରେ ତିନି ଜଣ ଓ ସ୍କୁଟିରେ ଦୁଇଜଣ ଯାଉଥିବା ବେଳେ ସାରୁପାଟ ଗ୍ରାମ ନିକଟରେ ମୁହାମୁହିଁ ଧକ୍କା ହୋଇଥିଲା। ଘଟଗାଁ ପୁଲିସ ପହଞ୍ଚି ମୃତଦେହ ଏବଂ ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

## କେନ୍ଦ୍ର କ୍ୟାବିନେଟ ଦେଲା ମଞ୍ଜୁରୀ

# ବୀମା କ୍ଷେତ୍ରରେ ୧୦୦% ଏଫ୍‌ଡିଆଇ




### ଭାରତୀୟ ବଜାରକୁ ଆସିବେ ବିଦେଶୀ କମ୍ପାନୀ

### ଗ୍ରାହକଙ୍କୁ ମିଳିବ ପଲିସି ବିକଳ୍ପ

■ ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): ଭାରତୀୟ ବୀମା ବଜାରକୁ ଆସିବେ ବିଦେଶୀ କମ୍ପାନୀ। ଏଥିପାଇଁ କେନ୍ଦ୍ର ସରକାର ଦେଶର ବୀମା କ୍ଷେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫ୍‌ଡିଆଇ) ସୀମା ୧୦୦%କୁ ବୃଦ୍ଧି କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଲ୍‌କୁ ମଞ୍ଜୁରୀ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଶୁକ୍ରବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଏହାସହିତ ବୀମା କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ କିଛି ପ୍ରମୁଖ ଢାଞ୍ଚାଗତ ସଂସ୍କାରକୁ ମଧ୍ୟ ଅନୁମୋଦନ ମିଳିଛି।

ବୀମା କ୍ଷେତ୍ରରେ ଶତ ପ୍ରତିଶତ ଏଫ୍‌ଡିଆଇ ଭାରତୀୟ ବୀମା ବଜାରରେ ଗୁରୁତ୍ୱପୂର୍ଣ୍ଣ ବିଦେଶୀ ନିବେଶ ଆଣିବା ଆଶା କରାଯାଉଛି। ଫଳରେ ବିଦେଶୀ କମ୍ପାନୀଗୁଡ଼ିକ ଭାରତରେ ସମ୍ପୂର୍ଣ୍ଣ ଭାବରେ ବୀମା ବ୍ୟବସାୟ କରିପାରିବେ। ଏହା ବଜାରରେ ପ୍ରତିଯୋଗିତା ବୃଦ୍ଧି କରିବ ଏବଂ ଗ୍ରାହକମାନଙ୍କୁ ଉତ୍ତମ ସେବା ପ୍ରଦାନ କରିବ। ଏହି ବିଲ୍ ଡିସେମ୍ବର ୧୯ରେ ଶେଷ ହେଉଥିବା ସଂସଦର ଚଳିତ ଶୀତକାଳୀନ ଅଧିବେଶନରେ ଆଗତ ହେବ। ଆହୁରିମଧ୍ୟ ବିଦେଶୀ ବୀମା କମ୍ପାନୀଗୁଡ଼ିକ ଲୋକମାନଙ୍କୁ ଅଧିକ ବୀମା ବିକଳ୍ପ ପ୍ରଦାନ କରିବେ ଏବଂ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ସଠିକ୍ ପଲିସି ବାଛିପାରିବେ। ଏହାସହିତ, ବୀମା କମ୍ପାନୀଗୁଡ଼ିକ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ବୃଦ୍ଧି ପାଇବ, ▶ପୃଷ୍ଠା-୭

# ରାଜଧାନୀର ହୁକ୍କା ବାର୍‌ରେ ଭୟାବହ ଅଗ୍ନିକାଣ୍ଡ

## ଜଳିଗଲା କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ■ ବିନା ଲାଇସେନ୍ସରେ ମଦ ବିକ୍ରି ଅଭିଯୋଗ



■ ଭୁବନେଶ୍ୱର, ୧୨।୧୨ (ସମିସ): ରାଜଧାନୀର ସତ୍ୟବିହାର ସ୍ଥିତ 'ନୋ ଲିମିଟ୍ ଏୟାର' ନାମକ ଏକ ହୁକ୍କା ବାର ଓ ରୋଷ୍ଟୋରାଁରେ ଶୁକ୍ରବାର ସକାଳେ ଘଟିଛି ଭୟାବହ ଅଗ୍ନିକାଣ୍ଡ। ଏଥିରେ ରେଷ୍ଟୋରାଁଟି ସମ୍ପୂର୍ଣ୍ଣ ଭାବେ ଜଳି ପୋଡି ପାଉଁଶ ହୋଇଯାଇଛି। ନିଆଁ ଅନ୍ୟ ବ୍ୟବସାୟିକ ଗୁଡ଼ିକ ବ୍ୟାପିବା ପୂର୍ବରୁ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଆୟତ୍ତ କରିଥିଲା; ଘଟଣାସ୍ଥଳରୁ ହୁକ୍କା ଟାଣିବା ପାଇଁ ବ୍ୟବହୃତ ବହୁ ସାମଗ୍ରୀ ମିଳିଛି। ଏହା ସହ ଘଟଣାସ୍ଥଳକୁ ପୋଡା ଟିଣ କେନ୍ ମଧ ଦେଖିବାକୁ ମିଳିଛି।

ମିଳିଥିବା ସୂଚନା ମୁତାବକ, ରେଷ୍ଟୋରାଁଟି ୪ମହଲାର ଛାତଉପରେ ଚାଲୁଥିଲା। ରେଷ୍ଟୋରାଁ ବନ୍ଦ ରହିଥିଲା ବେଳେ ଅଚାନକ ଅଗ୍ନିକାଣ୍ଡ ଘଟିଥିଲା। ଏଠାର କର୍ମଚାରୀମାନେ ପ୍ରଥମେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ହେଲେ ରେଷ୍ଟେରାଁରେ ଦହନଶୀଳ ପଦାର୍ଥର୍ ବହୁ ପରିମାଣରେ ଥିବାରୁ ନିଆଁ ଅଚାନକ ଅଣାୟତ୍ତ ହୋଇଗଲା। ଯାହାଫଳରେ ରେଷ୍ଟୋରାଁ କର୍ମଚାରୀମାନେ ଘଟଣାସ୍ଥଳ ଛାଡି ପଳାଇଥିଲେ। ସେତେବେଳକୁ ନିଆଁ ହୁ ହୁ ହୋଇ ଜଳିବା ଆରମ୍ଭ କରିଥିଲା ଓ ଆକାଶ ଧୂଆଁ ଧୂଆଁ ହୋଇ ଯାଇଥିଲା। ସକାଳ ପ୍ରାୟ ୮ଟା ୪୫ ମିନିଟ୍ ସମୟରେ ▶ପୃଷ୍ଠା-୭


KALINGA INSTITUTE OF INDUSTRIAL TECHNOLOGY
KIIT Deemed to be University
(Established U/S 3 of UGC Act 1956), Bhubaneswar, Odisha, India

KALINGA INSTITUTE OF SOCIAL SCIENCES
KISS Deemed to be University
(Established U/S 3 of UGC Act 1956), Bhubaneswar, Odisha, India

WELCOME



Mr. Fabio Azevedo
President, FIVB
&
Senior Leadership & Officials of FIVB

FIVB VOLLEYBALL FESTIVAL WEEK
11th-14th December 2025

*Under the **KIIT–KISS Kanya Kiran Women Empowerment Initiative** for Women Empowerment and Grassroots Volleyball Development*

in collaboration with

International Volleyball Federation
FIVB Volleyball Foundation
Odisha Volleyball Association (OVA)

Over **200** volleyball coaches, players, and experts from across the globe, including India, will participate in the event, in addition to **500** participants from Odisha.

KIIT-DU, Patia, Bhubaneswar Odisha, India 751024 | kiit@kiit.ac.in | kiit.ac.in
KISS-DU, KISS Campus-3, Bhubaneswar Odisha, India 751024 | info@kiss.ac.in | kiss.ac.in

### ନିମ୍ନମାନର ରାସ୍ତା କାମ ଅଭିଯୋଗ

# ଅଧିକାଂଶ ପଞ୍ଚାୟତରେ ଫାଟି ଆଁ କଲାଣି ନୂଆ ରାସ୍ତା

ବାଲେଶ୍ୱର,୧୨।୧୨(ସମିସ)




**ଗ୍ରାମ୍ୟ ନିର୍ମାଣ ଖଣ୍ଡ କାର୍ଯ୍ୟାଳୟ ଆଗରେ ଜିଲ୍ଲା ବିଜେଡିର ଧାରଣା**

ଜିଲ୍ଲାର ସମସ୍ତ ଲାଇନ୍ ଡିପାର୍ଟମେଣ୍ଟରେ ବିଗତ ଦେଢ଼ ବର୍ଷ ହେଲା ଦୁର୍ନୀତି ବୃଦ୍ଧି ପାଇଛି। ବିରୋଧୀ ଦଳ ନେତା ଓ ପୂର୍ବତନ ବିଧାୟକ ନିମ୍ନମାନର କାମ ସମ୍ପର୍କରେ ଅଭିଯୋଗ କଲେ କିମ୍ବା ବଡ଼ ବଡ଼ କାର୍ଯ୍ୟାଦେଶର ଟେଣ୍ଡର ହେଉନାହିଁ ବୋଲି ପଚାରିଲେ ଭୁଲ ତଥ୍ୟ ଦିଆଯାଉଛି। ଏହାକୁ ପ୍ରତିବାଦ କରି ଜିଲ୍ଲା ବିଜେଡି ସଭାପତିଙ୍କ ଆବାହକତ୍ୱରେ ଆଜି ଗ୍ରାମ୍ୟ ନିର୍ମାଣ ଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଓ ଧାରଣା ଦିଆଯାଇଥିଲା।

ନୀଳଗିରି ପୂର୍ବତନ ବିଧାୟକ ଇଂ. ସୁକାନ୍ତ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରତିବାଦ ସଭାରେ ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତି ପାଣିଗ୍ରାହୀ ଯେଉଁମାନେ ଓଡ଼ିଆ ଅସ୍ମିତା କଥା କହି ଭୋଟରଙ୍କୁ ଭୁଆଁ ବୁଲାଇଥିଲେ, ସେହି ଦଳର ବିଧାୟକ ସବୁ ବିଭାଗରୁ ପିସି ନେବା ସହ ଦଳୀୟ କର୍ମୀଙ୍କୁ ପାଞ୍ଚଲକ୍ଷ ଟଙ୍କା କାମ ଦେଉଥିବା ଅଭିଯୋଗ କରିଥିଲେ। ଜିଲ୍ଲାରେ ଅନେକ ସିଭିଲ ଇଞ୍ଜିନିୟର ଟେଣ୍ଡରରେ ଭାଗ ନେବାକୁ ଆଗ୍ରହ ରଖିଥିଲେ ମଧ୍ୟ ସେମାନଙ୍କୁ ବିଭାଗୀୟ ଯନ୍ତ୍ରୀ କାମ ଦେଉନାହାନ୍ତି। ଅଭିଜ୍ଞ ଠିକାଦାରଙ୍କୁ ମଧ୍ୟ କାମ ଦିଆଯାଉନାହିଁ। ଦୁଇ କୋଟି ଟଙ୍କାର କାମକୁ ଭାଗ ଭାଗ କରାଯାଇ ଦଳୀୟ ଓ ଅନଭିଜ୍ଞ କର୍ମୀ ଓ ସମର୍ଥକଙ୍କ ନାମ ବିଧାୟକଙ୍କ ଅଫିସରୁ ଯନ୍ତ୍ରୀଙ୍କ ନିକଟକୁ ଯାଉଛି। ଟେଣ୍ଡର ନିୟମ ମୁତାବକ ନ କଲେ କାର୍ଯ୍ୟାଳୟରେ ତାଲା ପକାଇ ଦିଆଯିବ ବୋଲି ଶ୍ରୀ ପାଣିଗ୍ରାହୀ ମତ ପ୍ରକାଶ କରିଛନ୍ତି। ଇଂ ସୁକାନ୍ତ ନାୟକ କହିଥିଲେ, ଟେଣ୍ଡର ପ୍ରକ୍ରିୟାରେ ସ୍ୱଚ୍ଛତା ରଖିବାକୁ ମୁଖ୍ୟମନ୍ତ୍ରୀ କହୁଥିବାବେଳେ ତାଙ୍କ ଦଳର ବିଧାୟକ ଓଲଟା କାମ କରୁଛନ୍ତି। ସଦର ନିର୍ବାଚନ ମଣ୍ଡଳୀଠୁ ଆରମ୍ଭ କରି ସିମୁଳିଆ ପର୍ଯ୍ୟନ୍ତ ସବୁଠି ଗ୍ରାମ୍ୟ ନିର୍ମାଣ ଖଣ୍ଡ ପକ୍ଷରୁ ଯେଉଁ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି ସବୁ କାମ ନିମ୍ନମାନର ହୋଇଛି ବୋଲି ସଦର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ସ୍ୱରୂପ ଦାସ ଅଭିଯୋଗ କରିଛନ୍ତି। ସଦର ନିର୍ବାଚନମଣ୍ଡଳୀର ସାର୍ଥାଠାରୁ ଆରମ୍ଭ କରି ଅଧିକାଂଶ ପଞ୍ଚାୟତର ରାସ୍ତା ନିର୍ମାଣର ଏକ ମାସ ପରେ ଫାଟିଯାଇଛି। ଯନ୍ତ୍ରୀମାନେ କାମର ମାନ ତଦାରଖ କରିବାକୁ ଯାଉନାହାନ୍ତି।

ରେମୁଣା ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା କହିଥିଲେ, ଜଣେ ବିଧାୟକ ନିଜ ପୁଅକୁ ଟେଣ୍ଡର କାର୍ଯ୍ୟାଦେଶ ଦେବାକୁ ବାଧ୍ୟ କରୁଛନ୍ତି। ଏହି ପ୍ରତିବାଦ ସଭାରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରଞ୍ଜନ ବାଗ, ନୀଳଗିରି ବ୍ଲକ ଚେୟାରମ୍ୟାନ ଶୁଭଲକ୍ଷ୍ମୀ ମାଝି, ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ବାଲେଶ୍ୱର ପୌରପାଳିକା ଉପାଧ୍ୟକ୍ଷ କୈଳାସ ସେଠୀ, ପୂର୍ବତନ ଉପାଧ୍ୟକ୍ଷ ମନୋଜ ରାଉତ, ନୀଳଗିରି ବିଜେଡିର ପୂର୍ବତନ ସଭାପତି ଗଙ୍ଗାଧର ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ଅଭିମନ୍ୟୁ ଦିନ୍ଦା, ଉମାକାନ୍ତ ମହାରଣା, କାଉନସିଲର ମୀନା ମହାନ୍ତି, ସନ୍ଧ୍ୟାରାଣୀ ଦାସ, କାର୍ତ୍ତିକ ସାହୁ, ସେକ ଆୟୁବ ପ୍ରମୁଖ ଉଦବୋଧନ ଦେଇ ନୂଆ ସରକାରଙ୍କ ବଜେଟରେ ଗୋଟିଏ ବସ୍ତା ସିମେଣ୍ଟ ମଧ୍ୟ ଖର୍ଚ୍ଚ ହୋଇ ନ ଥିବାବେଳେ ବିଜେଡି ସରକାରଙ୍କ ଅମଳର କାମକୁ ଶିଳାନ୍ୟାସ କରି ବାହାବା ନେଉଥିବା ଅଭିଯୋଗ କରିଥିଲେ। ପରେ ବିଜେଡି କର୍ମୀ ଓ ନେତାମାନେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାରୁ ଅଧୀକ୍ଷଣ ଯନ୍ତ୍ରୀ ଧାରଣା ସ୍ଥଳରେ ପହଞ୍ଚି ଦାବିପତ୍ର ଗ୍ରହଣ କରି ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

● କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗର ଚଢ଼ଉ

## ୨ ସ୍କୁଟି ସହ ଦେଶୀମଦ ଜବତ, ଦୁଇ ଗିରଫ

ସୋର, ୧୨।୧୨(ସମିସ): କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ୟୁନିଟ-୨ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଦୁଇଟି ସ୍କୁଟି ସମେତ ଦେଶୀମଦ ଜବତ କରି ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। କେନ୍ଦ୍ରାଞ୍ଚଳ ଅବକାରୀ ଆଇଆଇସି ଧିରେନ ବେହେରାଙ୍କ ନେତୃତ୍ୱରେ ଏକ ଟିମ ଆଜି ସକାଳେ ୧୬ ନମ୍ବର ଜାତୀୟ ରାଜପଥ ମାର୍କୋଣା ନିକଟରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ବାଲେଶ୍ୱରରୁ ଭଦ୍ରକ ଅଭିମୁଖେ ଆସୁଥିବା ସ୍କୁଟିକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ସେଥିରେ ୧୦୦ ଲିଟର ଦେଶୀମଦ ଚାଲାଣ ହେଉଥିବା ଜାଣିପାରି ସ୍କୁଟି ସହ ମଦକୁ ଜବତ କରି ସାବରଙ୍ଗ ଥାନା ନଛିପୁର ଗ୍ରାମର ଚନ୍ଦନ ବେହେରାକୁ ଗିରଫ କରିଥିଲେ। ସେହିପରି ଏହି ଟିମ ବାଲେଶ୍ୱର ସହଦେବଖୁଣ୍ଟା ପରିବା ବଜାର ନିକଟରେ ଚଢ଼ଉ କରି ସ୍କୁଟି ସହ ୨୦ ଲିଟର ଦେଶୀମଦ ଜବତ କରିବା ସହିତ ବୈଶିଙ୍ଗା ଥାନା ଅଳଦିଆ ଗ୍ରାମର ହରିଶ୍ଚନ୍ଦ୍ର ରାଉତକୁ ଗିରଫ କରିଥିଲେ। ଅପରାହ୍ନରେ ସୋର ଡାକ୍ତରଖାନାରେ ଡାକ୍ତରୀ ମାଇନା ପରେ ଚନ୍ଦନକୁ ସୋର ଓ ହରିଶ୍ଚନ୍ଦ୍ରକୁ ବାଲେଶ୍ୱର କୋର୍ଟକୁ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଏସଆଇ ଦିବ୍ୟଜ୍ୟୋତି ସତ୍ୟପ୍ରକାଶ, ଏଏସଆଇ କିଶୋର ରାଉତ, ଜଗନ୍ନାଥ ପାଢ଼ୀ, କନଷ୍ଟେବଳ ରାଜେଶ କିଷାନ, ବସନ୍ତ ମଲ୍ଲିକ, ଜଗନ୍ନାଥ ନାୟକ, ଯୋଗେନ୍ଦ୍ର ସାହୁ ପ୍ରମୁଖ ସାମିଲ ଥିଲେ।

● ପୁଲିସ ଗାଡ଼ି ଦେଖି ମଦୁଆ ଛୁ'

## ଛାଡ଼ି ପଳାଇଲେ ୩ ବାଇକ୍

ନୀଳଗିରି, ୧୨।୧୨(ସମିସ): ସନ୍ଧ୍ୟା ହେଲେ ନୀଳଗିରି ସହରରେ ନିଶାଡିଙ୍କ ଆଡ୍ଡା ଜମେ। ସହରରେ ନିଛାଟିଆ ଜାଗା ହିଁ ସେମାନଙ୍କ ପାଇଁ ଉପଯୁକ୍ତ ସ୍ଥାନ। ମଦ, ଗଞ୍ଜେଇ, ବ୍ରାଉନସୁଗର ହିଁ ଏମାନଙ୍କ ପାଇଁ ନିତିଦିନିଆ ଖାଦ୍ୟ। କିଛିଦିନ ଧରି ନୀଳଗିରି ପୁଲିସ ମଦୁଆଙ୍କୁ ସାବାଡ କରିଚାଲିଥିବାବେଳେ ସେମାନଙ୍କ ଉପରେ ନଜର ରଖିଛି। ଶୁକ୍ରବାର ସନ୍ଧ୍ୟାରେ ନୀଳଗିରି ସହରର ଘାଟଘରସାହି କାଳେନ୍ଦ୍ରୀ ପୋଖରୀ ତୁଠରେ ତିନିଜଣ ଯୁବକ ମଦ ପିଉଥିବାବେଳେ ପୁଲିସ ଗାଡ଼ି ସେଠାରେ ପହଞ୍ଚିବାରୁ ତିନିଜଣ ଯୁବକ ବାଇକ୍ ଛାଡ଼ି ପଳାଇଥିଲେ। ଶେଷରେ ପୋଲିସ ବାଇକ୍ ତିନୋଟିକୁ ଥାନାକୁ ଆଣିଥିବାର ଦେଖିବାକୁ ମିଳିଛି।

## ଗବେଷଣା ଓ ପ୍ରକାଶନ ନୀତି-୨ ପାଠ୍ୟକ୍ରମ କାର୍ଯ୍ୟକ୍ରମ ଉଦ୍‌ଯାପିତ



ବାଲେଶ୍ୱର,୧୨।୧୨(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ମାନବ ସମ୍ପଦ ବିକାଶ କେନ୍ଦ୍ର ପକ୍ଷରୁ ପାଞ୍ଚଦିନିଆ ଗବେଷଣା ଓ ପ୍ରକାଶନ ନୀତି-୨ (ଆରପିଇ-୨୦୨୫) ପାଠ୍ୟକ୍ରମ ସଫଳତାର ସହ ଶେଷ ହୋଇଛି। ନୀତିସମ୍ପନ୍ନ ଗବେଷଣା ପ୍ରଚଳନ, ବୈଜ୍ଞାନିକ ସତ୍ୟନିଷ୍ଠା, ପ୍ରକାଶନ ମାନଦଣ୍ଡ ଓ ଗବେଷଣା ସମ୍ବନ୍ଧୀୟ ବିଭିନ୍ନ ପ୍ରାୟୋଗିକ ଉପକରଣ ବ୍ୟବହାର କ୍ଷମତା ବିକାଶ ଉକ୍ତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ୪୬ ଜଣ ଗବେଷକ ଅଂଶଗ୍ରହଣ କର୍ତ୍ତାଙ୍କ ସହ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ରଣୀନ୍ଦ୍ର କୁମାର ନାୟକ, ଗବେଷଣା ଓ ବିକାଶ କେନ୍ଦ୍ର ନିର୍ଦ୍ଦେଶକ ପ୍ରଫେସର ପଙ୍କଜ କୁମାର ପାରହି ଓ ଏଚଆରଡିସି ସଦସ୍ୟ ଅରୁଣ କୁମାର ନାୟକଙ୍କ ଉପସ୍ଥିତିରେ ସଭା ଉଦଘାଟିତ ହୋଇଥିଲା। ଅନ୍ତିମ ଦିବସରେ ଗୋଷ୍ଠୀ ଆଲୋଚନା ପରେ ସମାପନ ସଭା ଆୟୋଜିତ ହୋଇଥିଲା। ସଭାର ଅଧ୍ୟକ୍ଷତା ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ କରିଥିଲେ। ଏଥିସହ ବିଶ୍ୱବିଦ୍ୟାଳୟର ମାନ୍ୟଗଣ୍ୟ ଅଧିକାରୀ ଉପସ୍ଥିତ ହୋଇ ଅଂଶଗ୍ରାହୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଡକ୍ଟର ରାଜଶ୍ରୀ ଦତ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଡକ୍ଟର ପ୍ରହ୍ଲାଦ ଖିଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଏକଦିବସୀୟ ଜେଆର୍‌ସି କାଉନସେଲର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବାଲେଶ୍ୱର/ଔପଦା,୧୨।୧୨(ସମିସ)




ବାଲେଶ୍ୱର ଜିଲ୍ଲାର ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ଜୁନିୟର ରେଡକ୍ରସର ଅଧ୍ୟକ୍ଷ ଡ. ବସନ୍ତ ନାୟକଙ୍କ ତତ୍ତ୍ୱାବଧାନରେ ରାଜ୍ୟ ଜୁନିୟର ରେଡକ୍ରସ ଓ ଜିଲ୍ଲା ଜୁନିୟର ରେଡକ୍ରସର ମିଳିତ ଆନୁକୂଲ୍ୟରେ ବାଲେଶ୍ୱର ଜିଲ୍ଲାରେ ଆଜି ଷଷ୍ଠ ଦିନରେ ଏକଦିବସୀୟ ଜେଆର୍‌ସି କାଉନସେଲର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୌଭାଗ୍ୟ ମଞ୍ଜରୀ ଉଚ୍ଚବିଦ୍ୟାଳୟ ଅଣ୍ଡରା, ଔପଦା ବ୍ଲକରେ ଉଦଯାପିତ ହୋଇଯାଇଛି। ଜିଲ୍ଲା ଶାରିରୀକ ଶିକ୍ଷା ନିରୀକ୍ଷକ ତଥା ଜିଲ୍ଲା ଜୁନିୟର ରେଡକ୍ରସ ସମ୍ପାଦକ ଚନ୍ଦ୍ରକାନ୍ତ ଘଡେଇଙ୍କ ସହଯୋଗରେ ସୁନ୍ଦର ଭାବେ ଜିଲ୍ଲାରେ ୬ଟି ସ୍ଥାନରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପକ୍ଷରୁ ସାଧନ କର୍ମୀ ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ ଓଲମରାର ନାରାୟଣ ପାଇକରାୟ ଓ ଏଚକେ ସରକାରୀ ଉଚ୍ଚବିଦ୍ୟାଳୟ ଉଇଟିକିରିର ସୁଦର୍ଶନ ରାଉତ, ଔପଦା ଓ ନୀଳଗିରି ବ୍ଲକ୍ ସଂଯୋଜକ ରତିକାନ୍ତ ନାୟକ ଓ ଦୀପକ କୁମାର ଜେନା ଉପସ୍ଥିତ ଥିଲେ। ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ କୁମାର ମିଶ୍ର ଯୋଗ ଦେଇଥିଲେଫବିଦ୍ୟାଳୟର ପ୍ରଧାନଶିକ୍ଷକ ନାରାୟଣ ଘଡ଼େଇ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଅରୁଣ ବାରିକ ଧନ୍ୟବାଦ୍ ଅର୍ପଣ କରିଥିଲେ।

ଆଜିର ଷଷ୍ଠ ଦିବସରେ ବାଲେଶ୍ୱର ଜିଲ୍ଲାର ଔପଦା ଓ ନୀଳଗିରି ୨ଟି ବ୍ଲକର ୩୦ ଜଣରୁ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ଭାଗ ନେଇଥିଲେ। ପୂର୍ବରୁ ଜିଲ୍ଲାର ୫ଟି ସ୍ଥାନରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହୋଇଯାଇଛି। କାଉନସେଲରଙ୍କୁ ରେଡକ୍ରସ ଇତିହାସ, ରକ୍ତଦାନ, ପ୍ରାଥମିକ ସହାୟତା, ସଡ଼କ ସୁରକ୍ଷା, ପ୍ରାକୃତିକ ବିପର୍ଯ୍ୟୟ ଓ ପରିଚାଳନା, ଏଚଆଇଭି ଏଡ୍‌ସ ଉପରେ କିଛି କିଛି ତାଲିମ ଦିଆଯାଇଛି। ସ୍କୁଲରେ ଥିବା ଜୁନିୟର ରେଡକ୍ରସ ୟୁନିଟକୁ ତ୍ୱରାନ୍ୱିତ କରି କିପରି ସମାଜର ପୀଡିତ, ଅବହେଳିତଙ୍କୁ ସହାୟତା ପ୍ରଦାନ କରିହେବ, ଏହା ଏହି ତାଲିମର ମୂଳ ଉଦ୍ଦେଶ୍ୟ। ଏଥିସହ ବିଦ୍ୟାଳୟ ସ୍ତରରେ ରେଡରିବନ୍ କ୍ଲବ୍, ଟ୍ରାଫିକ କ୍ଲବ୍, ପ୍ରାଥମିକ ସହାୟତା ବିଦ୍ୟାଳୟରେ କିପରି ଭାବେ କାର୍ଯ୍ୟ କରିବେ ସୂଚନା ଦିଆଯାଇଛି।

## ବ୍ରଜମୋହନ ଉଚ୍ଚବିଦ୍ୟାଳୟରେ ଶିକ୍ଷାସଭା



ଭୋଗରାଇ ୧୨।୧୨(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ କଖଡା ପଞ୍ଚାୟତର ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ବ୍ରଜମୋହନ ସରକାରୀ ଉଚ୍ଚବିଦ୍ୟାଳୟରେ ଶୁକ୍ରବାର ଶିକ୍ଷାସଭା ଅନୁଷ୍ଠିତ ହୋଇଯାଇଛି। କଖଡ଼ା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରତାପ ମାଝିଙ୍କ ପରିଚାଳନାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭୁବନ ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ଆଲୁମିନି ସଭାପତି ସୁକୁମାର ଦାସ, ସମିତି ସଦସ୍ୟା ଗୀତାରାଣୀ ପ୍ରହରାଜ, ସରପଞ୍ଚ ପୁଷ୍ପାଞ୍ଜଳି ମହାନ୍ତି ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ଶିକ୍ଷାରୁ ବଞ୍ଚିତ ଥିବା ପିଲାଙ୍କୁ ସ୍କୁଲକୁ ଆଣି ସାକ୍ଷର କରାଇବା ଓ ସର୍ବନିମ୍ନ ଦଶମ ପାସ ପାଇଁ ସରକାର ମାଗଣାରେ ଶିକ୍ଷାଦାନ ନିମନ୍ତେ ବ୍ୟବସ୍ଥା କରିଥିବା କଥା ସୂଚାଇ ଦେଇଥିଲେ। ସମୂହ ପ୍ରଚେଷ୍ଟା ଦ୍ୱାରା ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ମୋଟ ୧୮ ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ୱାର୍ଡ ସଦସ୍ୟ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଆଞ୍ଚଳିକ ସାଧନ କେନ୍ଦ୍ରର ବିଭିନ୍ନ ଶିକ୍ଷକମାନେ ସହଯୋଗ କରିଥିଲେ।

## ସହକାରୀ ଶିକ୍ଷକଙ୍କ ପରଲୋକ

ଭୋଗରାଇ, ୧୨।୧୨ (ସମିସ): ଦେଉଳା ପଞ୍ଚାୟତ ଅଭୟ ମହଲ ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟରତ ସହକାରୀ ଶିକ୍ଷକ ରାଜୀବ କୁମାର ଗିରିଙ୍କ ୫୦ ବର୍ଷ ବୟସରେ ଗୁରୁବାର ରାତିରେ ପରଲୋକ ହୋଇଯାଇଛି। ସେ ୨୦୦୭ରେ ଶଙ୍କମେଦୀ ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷକତା ବୃତ୍ତି ଆରମ୍ଭ କରି ୨୦୨୫ରେ ଅଭୟମହଲ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ସେ ଜଣେ ଆଦର୍ଶ ବିଚାରଧାରା, ଧର୍ମପରାୟଣ, ପରୋପକାରୀ, କର୍ତ୍ତବ୍ୟନିଷ୍ଠ ତଥା ଛାତ୍ର ବତ୍ସଳ ଶିକ୍ଷକ ଭାବେ ପରିଚିତ।



ତାଙ୍କ ପରଲୋକରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଅନଳିଆ ପଞ୍ଚାୟତ ସରପଞ୍ଚ ସଙ୍ଗୀତାରାଣୀ ମହାନ୍ତି, ସମିତି ସଭ୍ୟା ଅଞ୍ଜଳି ପାଢ଼ୀ, ପୂର୍ବତନ ସରପଞ୍ଚ ବ୍ରଜକିଶୋର ମହାନ୍ତି, ଅନଳିଆ କ୍ଲଷ୍ଟର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଓ ସମସ୍ତ ଶିକ୍ଷକ ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ସାବିତ୍ରୀ, ବଡ଼ପୁଅ ଗୌତମ, ଝିଅ ଅର୍ପିତା, ବଡ଼ଭାଇ, ପରିବାରବର୍ଗ ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ।




























## ବିଧାନ ଜେନା ଜିଲ୍ଲା କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ସଭାପତି



ବାଲେଶ୍ୱର,୧୨।୧୨(ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ଓ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଅନୁମୋଦନ କ୍ରମେ ଅଖିଳ ଭାରତୀୟ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗରେ ବିଧାନ ଚନ୍ଦ୍ର ଜେନାଙ୍କୁ ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗର ସଭାପତି ରୂପେ ଗୁରୁଦାୟିତ୍ୱ ଦେଇଛନ୍ତି। ଶ୍ରୀ ଜେନା ପୂର୍ବରୁ ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କୁ ସାମାଜିକ ନ୍ୟାୟ ଓ ଅଧିକାର ପ୍ରଦାନ କରିବା ଦାବିରେ ବହୁବାର ବାଲେଶ୍ୱର ଜିଲ୍ଲାରେ ବିଭିନ୍ନ ତହସିଲ, ବ୍ଲକ୍, ଥାନା ସମ୍ମୁଖରେ ଅହରହ ଆନ୍ଦୋଳନ କରିବା ସହିତ ବହୁ ପଦକ୍ଷେପ ନେଇଛନ୍ତି। ଆଗାମୀ ୩ ମାସ ମଧ୍ୟରେ ଶ୍ରୀ ଜେନା ବାଲେଶ୍ୱର ଜିଲ୍ଲା କମିଟି, ବ୍ଲକ କମିଟି, ଜୋନ୍ କମିଟି, ପଞ୍ଚାୟତ କମିଟି, ବୁଥ୍ କମିଟି ତୁରନ୍ତ ନିର୍ମାଣ କରିବା ସହିତ ଗରିବ ଲୋକଙ୍କ ବିଭିନ୍ନ ସମସ୍ୟା ନେଇ ସେମାନଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ଦାବିରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ। ଯଦ୍ୱାରା ବାଲେଶ୍ୱର ଜିଲ୍ଲା କଂଗ୍ରେସ, ପ୍ରଦେଶ କଂଗ୍ରେସର ସୁଦୃଢ଼ ସଂଗଠନ ହେବା ସହ ରାହୁଲ ଗାନ୍ଧୀଙ୍କ ହାତମୁଠାକୁ ଟାଣ କରିବେ ବୋଲି ଶ୍ରୀ ଜେନା ମତବ୍ୟକ୍ତ କରିଛନ୍ତି। ବିଭିନ୍ନ ମହଲରୁ ଶ୍ରୀ ଜେନାଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ଏଥିପାଇଁ ଶ୍ରୀ ଜେନା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ, ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ସଭାପତି ମାନସ ମଲ୍ଲିକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଓ ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ସତ୍ୟଶିବ ଦାସଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ବୁଢ଼ାବଳଙ୍ଗ ଆଁରେ ଦୁଇ ଗାଁ

# ଆଡ଼ିବନ୍ଧ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା




**ବାରିପଦା, ୧୨।୧୨(ସମିସ)**

ଶାମାଖୁଣ୍ଟା ବ୍ଲକର ଦୁଇ ଗ୍ରାମ ବୁଢ଼ାବଳଙ୍ଗ ନଦୀ ଗର୍ଭରେ ଲୀନ ହେବା ଆଶଙ୍କାକୁ ନେଇ ଗ୍ରାମବାସୀ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେଉଥିଲେ। ହେଲେ ସମସ୍ୟାର ସମାଧାନ ହେଉ ନ ଥିବାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଚଣାବାଡ଼ିଆ ଓ ଅଖରଶିଳା ୨ଟି ଗ୍ରାମର ଲୋକେ। ଶତାଧିକ ଲୋକଙ୍କ ଘର ବିପଦ ମୁହାଁ ହେଉଥିବା ଆଶଙ୍କା ଥିବାରୁ ନଦୀରେ ଆଡ଼ିବନ୍ଧ ନିର୍ମାଣ ପାଇଁ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରୁଥିଲେ। ମାତ୍ର ପ୍ରଶାସନର ସ୍ଥାଣୁତା ପାଇଁ ଶୁକ୍ରବାର ଶତାଧିକ ଗ୍ରାମବାସୀ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ବନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ ନହେବା ପର୍ଯ୍ୟନ୍ତ ଘରକୁ ଫେରିବେ ନାହିଁ ବୋଲି ନିଜ ଜିଦରେ ଅଡି ବସିଥିଲେ। ଖବରପାଇ ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ, ଉପଜିଲାପାଳ ଡ.ଦୟାସିନ୍ଧୁ ପରିଡ଼ା, ଜଳସେଚନ ଅଧିକ୍ଷଣ ଯନ୍ତ୍ରୀ ଇଂ ପରମେଶ୍ୱର ପାତ୍ର ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଲିଖିତ ପ୍ରତିଶ୍ରୁତି ଦେବାପରେ ସେମାନେ ଗ୍ରାମକୁ ଫେରିଛନ୍ତି। ପ୍ରକାଶ ଯେ, ଶାମାଖୁଣ୍ଟା ବ୍ଲକର କଳାପଥର ପଞ୍ଚାୟତ ଦେଇ ପ୍ରବାହିତ ବୁଢାବଳଙ୍ଗ ନଦୀ ପ୍ରତିବର୍ଷ ଗତିପଥ ବଦଳାଇବାରେ ଲାଗିଛି। ଯାହାକୁ ନେଇ ଉପରୋକ୍ତ ୨ଟି ଗ୍ରାମର ୩ଶହରୁ ଊର୍ଦ୍ଧ୍ୱ ପରିବାରର ୧୫ଶହ ପାଖାପାଖି ଲୋକ ପ୍ରଭାବିତ ହେଉଛନ୍ତି। ୨୦୧୩ ପ୍ରଳୟଙ୍କାରୀ ବନ୍ୟାବାତ୍ୟାରେ ବୁଢାବଳଙ୍ଗ ନଦୀର ଗତିପଥ ବଦଳି ଦୁଇ ଗାଁ ମୁହାଁ ହୋଇଥିଲା। ପାଖାପାଖି ୨ଶହ ମିଟର ଦୂରରେ ଥିବା ନଦୀ କୂଳ ଖାଇବାରୁ ଗ୍ରାମବାସୀଙ୍କ ନିଦ ହଜିଯାଇଛି। ଏପରିକି ପ୍ରତିବର୍ଷ କୂଳ ଖାଇ ଏବେ ତାହା ଶହେ ମିଟର ଦୂରରେ ରହିଛି। ୧୫ଏକରରୁ ଊର୍ଦ୍ଧ୍ୱ ଚାଷ ଜମି ନଦୀ ଗର୍ଭରେ ଲୀନ ହୋଇ ବାଲିଚର ହୋଇପଡ଼ିଛି। ଗ୍ରାମରୁ ନଦୀକୁ ଯିବା ରାସ୍ତାଟି ମାଟି ଅତଡା ଖସିଯିବା ସହିତ ନଦୀ ପଠାରେ ଥିବା ବଡ଼ବଡ଼ ଗଛ ସବୁ ଧସିଯାଇ ପାଣି ସୁଅରେ ଭାସିଯାଇଛି। ଗ୍ରାମରେ ଥିବା ଟ୍ରାନ୍ସଫର୍ମର ଓ ବିଦ୍ୟୁତ ଖୁଣ୍ଟ ମଧ୍ୟ କିଛି ଦିନ ମଧ୍ୟରେ ଧୋଇଯିବାର ସମ୍ଭାବନା ରହିଛି।। ଏହାକୁ ନେଇ ୨୦୨୩ ଜାନୁଆରୀ ୨ତାରିଖରେ ଗ୍ରାମବାସୀଙ୍କ ତରଫରୁ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିରରେ ଲିଖିତ ଭାବେ ଅବଗତ କରିଥିଲେ। ଜିଲ୍ଲାପାଳ ତଦନ୍ତ କରି ତୁରନ୍ତ କାର୍ଯ୍ୟ ଆରମ୍ଭ କରିବା ପାଇଁ ଜିଲା ଜଳ ସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିଛି ଦିନ ପରେ ଗ୍ରାମକୁ ଏକ ସରକାରୀ ଦଳ ଯାଇ ତଦନ୍ତ କରି ଫେରିବା ପରେ ଚୁପ ହୋଇ ବସିଛନ୍ତି। ଧାନକଟା ସରିଥିବାରୁ ବର୍ତ୍ତମାନ ବନ୍ଧ ନିର୍ମାଣ ପାଇଁ ପ୍ରକୃଷ୍ଟ ସମୟ। ବିଭାଗ ପକ୍ଷରୁ କାର୍ଯ୍ୟ ଆରମ୍ଭ ହେଲେ, ସେମାନେ ରବିଚାଷ କରିବେ ବା ନକରିବେ ଦ୍ୱିଧା ମଧ୍ୟରେ ରହିଛନ୍ତି। ତେବେ ଦୀର୍ଘ ଦିନ ଅପେକ୍ଷା କରିବା ପରେ ଦୁଇ ଗ୍ରାମକୁ ସୁରକ୍ଷା ଯୋଗାଇବା ପାଇଁ ଆଡ଼ିବନ୍ଧ ନିର୍ମାଣ କରିବାକୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୟୂରଭଞ୍ଜ ଏମପି, ରାଜ୍ୟସଭା ସଦସ୍ୟା, ବାଙ୍ଗରିପୋଷି ବିଧାୟିକା, ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ମାତ୍ର ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବାରୁ ଗ୍ରାମରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ଗ୍ରାମବାସୀଙ୍କ ସମସ୍ୟାର ସମାଧାନ ପାଇଁ ଜାଗ ମୟୂରଭଞ୍ଜ ଜାଗ ସଙ୍ଗଠନର ଅଧ୍ୟକ୍ଷ ଅରୁଣ କୁମାର ବେହେରାଙ୍କ ନେତୃତ୍ୱରେ ପୁନର୍ବାର କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରୁ ବସିଥିଲେ। ରବୀନ୍ଦ୍ର ନାଏକ, ମନୋରଞ୍ଜନ ନାଏକ, ଶକୁନ୍ତଳା ନାଏକ, ଶମ୍ଭୁନାଥ ନାଏକ, ବ୍ରହ୍ମାନନ୍ଦ ନାଏକ, ନିରଞ୍ଜନ ନାଏକ, ରାଜେନ୍ଦ୍ର ନାଏକ ପ୍ରତ୍ୟୁଷ ଧଳ, ଗୁରା ନାଏକ ଓ କାଳିଆ ନାଏକଙ୍କ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

## ଏମ୍‌ସିଏମ୍‌ରେ ଯକ୍ଷ୍ମା ରୋଗ ନିରାକରଣ ସଚେତନତା

**ବାରିପଦା, ୧୨।୧୨(ସମିସ):** ସ୍ଥାନୀୟ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍‌ସି ଆଣ୍ଡ ମ୍ୟାନେଜମେଣ୍ଟର ଜାତୀୟ ସେବା ଯୋଜନା ୟୁନିଟ ଓ ଜିଲ୍ଲା ଯକ୍ଷ୍ମା ନିରାକାରଣ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ 'ନିକ୍ଷୟ ମିତ୍ର' ଯୋଜନାରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଅତିଥି ଭାବେ ଯୋଗଦେଇ ନିକ୍ଷୟ ମିତ୍ର ପୋଟାଲରେ କିପରି ପଞ୍ଜୀକରଣ କରାଯାଇ ରୋଗୀ ଚିହ୍ନଟ ସହ ତାଙ୍କର ଚିକିତ୍ସା କରାଯାଇପାରିବ, ସେ ସମ୍ପର୍କରେ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କୁ ତାଲିମ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ଯକ୍ଷ୍ମା ନିରାକାରଣ କେନ୍ଦ୍ର ଅଧିକାରୀ ସତ୍ୟବ୍ରତ ମିଶ୍ର ଯୋଗଦେଇ ଯକ୍ଷ୍ମା ରୋଗୀଙ୍କ ଚିକିତ୍ସା ପ୍ରଣାଳୀ ଓ ସରକାରୀ ସୁବିଧା ସୁଯୋଗରେ ସୂଚନା ଦେଇଥିଲେ।




ପ୍ରଦୀପ କୁମାର ନାୟକଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଏହି ଯୋଜନାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨୦୨୨ ସେପ୍ଟେମ୍ବର ୯ ତାରିଖରେ ଶୁଭାରମ୍ଭ କରିଥିଲେ। ଏହାପରଠାରୁ ଏହି ଯୋଜନାକୁ ବିପୁଳ ଜନସମର୍ଥନ ମିଳୁଛି। ରାଜ୍ୟ ଯକ୍ଷ୍ମା ରୋଗ ନିରାକାରଣ ସେଲର ଅଧିକାରୀ ଶିବପ୍ରସାଦ ଓଝା ମୁଖ୍ୟଅତିଥି ଭାବେ ଯୋଗଦେଇ ଯକ୍ଷ୍ମା ରୋଗର ଲକ୍ଷଣ ଓ ଏହାର ନିରାକାରଣ ପାଇଁ ସରକାର ନେଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ମୟୂରଭଞ୍ଜ ଜିଲ୍ଲା ଯକ୍ଷ୍ମା ନିରାକରଣ କେନ୍ଦ୍ରର ଅଧିକାରୀ ଚିନ୍ମୟ କୁମାର ଦାସ ସମ୍ମାନିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ସଂଯୋଜକ ଡ. ବସନ୍ତ କୁମାର ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯକ୍ଷ୍ମା ରୋଗରେ ମୂଳୋତ୍ପାଟନ ପାଇଁ ସମସ୍ତେ ସହଯୋଗ କରିବାକୁ ନିବେଦନ କରିଥିଲେ। ପ୍ରାରମ୍ଭରେ ଇତିହାସ ବିଭାଗ ମୁଖ୍ୟ ପ୍ରତିଭା ଦାସ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମହାବିଦ୍ୟାଳୟ ସେବା ଯୋଜନା ଅଧିକାରିଣୀ ସୁଶ୍ରୀ ନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ବିଏଏଲଏଲବି ବିଭାଗ ମୁଖ୍ୟ ଜ୍ଞାନରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱବିଦ୍ୟାଳୟରେ ଡାଏବେଟିସ୍ ଥ୍ରୁ ସ୍କ୍ରିନିଂ କାର୍ଯ୍ୟକ୍ରମ



**ବାରିପଦା, ୧୨।୧୨(ସମିସ):** ପିଆରଏମ କଲେଜ୍ ଓ ହସ୍ପିଟାଲର ମଲ୍ଟି-ଡିସିପ୍ଲିନାରୀ ରିସର୍ଚ୍ଚ ୟୁନିଟ୍ (ଏମଆରୟୁ) ଦ୍ୱାରା ଏକ ସୁସଂଗଠିତ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ 'ଇପିଡିମିଓଲଜିକାଲ୍ ଆସେସମେଣ୍ଟ ଅଫ୍ ପ୍ରିଡାୟାବେଟିସ୍ ଡାୟାବେଟିସ୍ ଥ୍ରୁ ସ୍କ୍ରିନିଙ୍ଗ୍ ପ୍ରୋଗ୍ରାମ୍ସ ଇନ୍ କଲେଜ୍ ଆଣ୍ଡ ୟୁନିଭର୍ସିଟି ଷ୍ଟୁଡେଣ୍ଟସ୍ ଅଫ୍ ମୟୂରଭଞ୍ଜ ଡିଷ୍ଟ୍ରିକ୍ଟ' ବିଷୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କନଭେନସନ୍ ହଲ୍‌ରେ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏସସିବି ମେଡିକାଲ୍ କଲେଜର ମେଡିସିନ ବିଭାଗର ପ୍ରଫେସର ଡା. ଜୟନ୍ତ ପଣ୍ଡା ଅନଲାଇନ୍ ମାଧ୍ୟମରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପ୍ରି-ଡାୟାବେଟିସ ଓ ଡାୟାବେଟିସ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ସଚେତନତା ବିଷୟରେ ଅବଗତ କରିଥିଲେ। ଅନୁଷ୍ଠାନରେ ପିଆରଏମ ଏମସିଏଚର ଡିନ୍ ଆଣ୍ଡ ପ୍ରିନ୍ସିପାଲ୍ ପ୍ରଫେସର ଡା ପ୍ରତିଭା ପଣ୍ଡା, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ ଶତପଥୀ, ଏମଆରୟୁର ନୋଡାଲ୍ ଅଫିସର ଶିଶୁରୋଗ ପ୍ରଫେସର ଡା ବୁଧିଆ ମାଝି କୋ-ନୋଡାଲ୍ ଅଫିସର ମେଡିସିନ ବିଭାଗର ଡା ଭାଗ୍ୟଶ୍ରୀ ପଣ୍ଡା, ପ୍ରକଳ୍ପର ପ୍ରିନ୍ସିପାଲ୍ ଇନଭେଷ୍ଟିଗେଟର୍ ମେଡିସିନ ବିଭାଗର ଡା ଭବେଶ ଚନ୍ଦ୍ର ଖଟୁଆ ଓ କୋ-ପ୍ରିନ୍ସିପାଲ୍ ଇନଭେଷ୍ଟିଗେଟର୍ ବାୟୋକେମିଷ୍ଟ୍ରି ଡା ପରମିତା ଦେ ଉପସ୍ଥିତ ଥିଲେ। ଡା ଭବେଶ ଚନ୍ଦ୍ର ଖଟୁଆ ପ୍ରି-ଡାୟାବେଟିସ୍ ଓ ଡାୟାବେଟିସର ପରିସ୍ଥିତି, ସ୍କ୍ରିନିଙ୍ଗ୍ ପ୍ରୋଗ୍ରାମ୍ ମାଧ୍ୟମରେ ମୂଲ୍ୟାଙ୍କନ, ରୋଗ ସଚେତନତା, ପ୍ରତିଷ୍ଠାନୀୟ ଓ ସମ୍ପ୍ରଦାୟ ଲାଭ ଏବଂ ଭବିଷ୍ୟତ ଗବେଷଣା ଓ ପ୍ରୟୋଗ ସମ୍ପର୍କରେ ସଂକ୍ଷିପ୍ତ ଭାବରେ ବ୍ୟାଖ୍ୟା କରିଥିଲେ। କାର୍ଯ୍ୟକ୍ରମଟିକୁ ସଫଳ କରିବା ପାଇଁ ଏମଆରୟୁର ବୈଜ୍ଞାନିକ ଡା ଶଶୀଭୂଷଣ ଦାଶ, ଡା ହିମାଦ୍ରି ଗୌରବ ବେହୁରିଆ ଓ ମିସ୍ ମିତାଲି ମହାପାତ୍ର, ମିସ୍ ଅଲିଶା ପ୍ରିୟଦର୍ଶିନୀ ପଣ୍ଡା ସମ୍ପୂର୍ଣ୍ଣ ଭାବେ ପ୍ରବନ୍ଧନ କରିଥିଲେ। ୩୦୦ରୁ ଅଧିକ ଅଧ୍ୟାପକ ଓ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଏହାକୁ ସଫଳ କରିଥିଲେ।

## ଜିଲ୍ଲାସ୍ତରୀୟ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଦିବସ

**ବାରିପଦା, ୧୨।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲା ସରକାରୀ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରରେ ଥିବା ସମ୍ମିଳନୀ କକ୍ଷରେ ଜିଲ୍ଲା ଅଣସଂକ୍ରମକ ରୋଗର ସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ଞାନରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଦିବସ-୨୦୨୫ ପାଳିତ ହୋଇଯାଇଛି। ବୈଠକରେ ବାରିପଦା ଏଏନ୍ଏମ୍ ତାଲିମ କେନ୍ଦ୍ରର ଭାରପ୍ରାପ୍ତ ଅଧ୍ୟକ୍ଷା ଭାରତୀ ଆରୁଖ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଧନୁରାମ ମୁର୍ମୁ, ତାଲିମ କେନ୍ଦ୍ରର ପ୍ରଶିକ୍ଷୀକା ଏବଂ ଏଏନଏମ ଛାତ୍ରୀମାନେ ଉପସ୍ଥିତ ଥିଲେ। ଜ୍ଞାନରଞ୍ଜନ ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସେ କହିଥିଲେ ଯେ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା କହିଲେ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା, ଯେପରି ଜାତି, ବୟସ ଅବା ଲିଙ୍ଗଗତ ନିର୍ବିଶେଷରେ ସମସ୍ତଙ୍କ ପାଖରେ ସହଜ ଏବଂ ସୁଲଭରେ ଉପଲବ୍ଧ କରାଇବା। ସାର୍ବଜନୀନ ସ୍ୱାସ୍ଥ୍ୟ ସେବାକୁ କିପରି ବ୍ୟାପକ ଭାବେ ଲୋକାଭିମୁଖୀ କରିହେବ ତାହା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ବର୍ତ୍ତମାନ ସମୟରେ ଲୋକମାନଙ୍କୁ ଯୋଗାଇ ଦିଆଯାଉଥିବା ପ୍ରାଥମିକ ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ବିସ୍ତୃତ ଭାବରେ ପାଞ୍ଚ ପ୍ରକାର ସେବା ଗୁଡିକ ବିଷୟରେ ଅତିଥି ମାନେ ବକ୍ତବ୍ୟ ରଖିଥିଲେ।ଏବର୍ଷ ଦିବସ ପାଳନର ବାର୍ତ୍ତା 'ସ୍ୱାସ୍ଥ୍ୟସେବା ସୁଲଭ କରାଇବା, ଆମେ ଚାହୁଁଥିବା ଆଗାମୀ କାଲିର ସୁସ୍ଥ ସମାଜ ଗଢ଼ିବା'। କାର୍ଯ୍ୟକ୍ରମକୁ ଜିଲ୍ଲା ସହକାରୀ ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଗଣେଶ୍ୱର ମହାନ୍ତି ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୀତି କବିତା ଆସର ଓ ଆଲୋଚନାଚକ୍ର



**ବାରିପଦା, ୧୨।୧୨(ସମିସ):** ଭୁବନେଶ୍ୱରରୁ ପ୍ରକାଶିତ ରାଜ୍ୟସ୍ତରୀୟ ସାହିତ୍ୟ ପତ୍ରିକା ଗୀତି ଗଙ୍ଗୋତ୍ରୀ ଆନୁକୂଲ୍ୟରେ ବାରିପଦାରେ ଏକ ଗୀତି କବିତା ଆସର ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବାରିପଦା କଲ୍ୟାଣୀ ମହିଳା ସମିତି ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସାରସ୍ୱତ କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ଓ ଗୀତିକବି ଡକ୍ଟର ପୁଷ୍ପା ପାତ୍ର ଅଧ୍ୟକ୍ଷତା କରିଥିଲେ। ଗୀତି ଗଙ୍ଗୋତ୍ରୀ ପତ୍ରିକାର ମୁଖ୍ୟ ସମ୍ପାଦକ ଅଜୟ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ଗୀତିକବି ସୁନୀଲ କୁମାର ଜେନା ମୁଖ୍ୟବକ୍ତା ଓ ହିମାଂଶୁ ଶେଖର ଦାସ ସମ୍ମାନିତ ବକ୍ତା ଭାବେ ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। ଗୀତି କବିତା ଆସରରେ ବରିଷ୍ଠ ଗୀତିକବି ଅନିକେତ ବୃନ୍ଦାବନ ଦାଶ, ଡ.ପୁଷ୍ପା ପାତ୍ର, ହିମାଂଶୁ ଦାସ, ନରସିଂହ ବାରିକ, ବାସନ୍ତିଲତା ମହାପାତ୍ର, କାବେରୀ ମିଶ୍ର, ଶଙ୍କର ଜେନା, ଜୟରାମ ସିଂ, ଗୋପାଳ ଚନ୍ଦ୍ର ସାଓ, ବନମାଳୀ ପାତ୍ର, ଡଃ ସଞ୍ଜୀବ କୁମାର ପାଣିଗ୍ରାହୀ ପ୍ରମୁଖ ସ୍ୱରଚିତ ଗୀତି କବିତା ପାଠ କରିଥିଲେ। ଗୋପାଳ ଚନ୍ଦ୍ର ସାଓ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଆଲୋଚନାଚକ୍ରରେ ଶଙ୍କର ଜେନା, ଆଶିଶ ବସା, ନରସିଂହ ବାରିକ, ବାସନ୍ତିଲତା ମହାପାତ୍ର, ବନମାଳୀ ପାତ୍ର ପ୍ରମୁଖ ଭାଗନେଇ ସ୍ୱକୀୟ ମତାମତ ଓ ବିଚାର ଉପସ୍ଥାପିତ କରିଥିଲେ। ଶେଷରେ ସଞ୍ଜିବ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଏମ୍‌ସିଏମ୍ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ



**ବାରିପଦା, ୧୨।୧୨(ସମିସ):** ସ୍ଥାନୀୟ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟେନ୍ସ ଆଣ୍ଡ ମ୍ୟାନେଜମେଣ୍ଟର ଜାତୀୟ ସେବା ଯୋଜନା ୟୁନିଟ ଦ୍ୱାରା ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୁକ୍ରବାର ବାରିପଦା ସହର ମଧ୍ୟରେ ଥିବା ବେସାହାରା ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ଏଥିରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରମୋଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ କମ୍ବଳ ଆଦି ଶୀତବସ୍ତ୍ର ବଣ୍ଟନ କରିଥିଲେ। କୁଳପତି ପ୍ରଫେସର ଶତପଥି ଜାତୀୟ ସେବା ଯୋଜନାରେ ସାମିଲ ଛାତ୍ରଛାତ୍ରୀଙ୍କ ସେବା ମନୋଭାବକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟ ତରଫରୁ ସବୁ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ। ବାରିପଦା ସହରର ଅମ୍ବିକା ମନ୍ଦିର ସମ୍ମୁଖ, ଜଗନ୍ନାଥ ମନ୍ଦିର ସମ୍ମୁଖ ଓ ଅନ୍ୟାନ୍ୟ ସ୍ଥାନରେ ୨୦୦ରୁ ଅଧିକ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ସଂଯୋଜକ ଡ. ବସନ୍ତ କୁମାର ମହାନ୍ତ ଓ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡ. ପୁଷ୍ପାରାଣୀ ପାତ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନସିର ଏଭଳି ଜନହିତକର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସେବା ଯୋଜନା ଅଧିକାରିଣୀ ସୁଶ୍ରୀ ନାୟକ, ରେଡକ୍ରସ ଅଧିକାରିଣୀ ପୂଜା ଶତପଥୀ, ବିଏ ଏଲଏଲବି ବିଭାଗ ମୁଖ୍ୟ ଜ୍ଞାନରଞ୍ଜନ ପଣ୍ଡା, ଅଧ୍ୟାପକ ସମ୍ବିତ କୁମାର ମିଶ୍ର, ଡ. ଜିତେନ୍ଦ୍ର କୁମାର ଦାସ, ଅଧ୍ୟାପିକା ପ୍ରତିଭା ଦାସ ପ୍ରଭୃତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ମୟୂରଭଞ୍ଜ ସାହିତ୍ୟ ପରିଷଦ ପକ୍ଷରୁ କବୟିତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

**ବାରିପଦା, ୧୨।୧୨(ସମିସ):** ଭଞ୍ଜମାଟିର ସୁକନ୍ୟା ମୟୂରଭଞ୍ଜ ସାହିତ୍ୟ ସମ୍ମାନରେ ସମ୍ମାନିତା ବରିଷ୍ଠ କବୟିତ୍ରୀ ସ୍ୱର୍ଗତା ସଲିଳା ମହାନ୍ତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ମୟୂରଭଞ୍ଜ ସାହିତ୍ୟ ପରିଷଦ ପକ୍ଷରୁ ବାରିପଦାର ରୋଟାରୀ କ୍ଲବ ସଭାଗୃହରେ ଭାବ ଗମ୍ଭୀର ପରିବେଶ ମଧ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ପରିଷଦର ସଭାପତି ପଦ୍ମନାଭ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।



ଉପସ୍ଥିତ ବରେଣ୍ୟ ଅତିଥି ସ୍ୱର୍ଗତା କବୟିତ୍ରୀଙ୍କ ସାରସ୍ୱତ ସାଧନା ତଥା ବ୍ୟକ୍ତିଗତ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ପରିଷଦର ସମ୍ପାଦକ ଇଂ ମନୋଜ ଦଳବେହେରାଙ୍କ ସଂଯୋଜନାରେ ଆୟୋଜିତ ସ୍ମୃତି ସଭାରେ କାବେରୀ ମିଶ୍ର, ବାସନ୍ତୀଲତା ମହାପାତ୍ର, କୈବଲ୍ୟ ପ୍ରସାଦ ମହାପାତ୍ର, ଶଙ୍କର ଜେନା, ସତ୍ୟାନନ୍ଦ ଶେଜପଢ଼ା, ମଧୁସ୍ମିତା ତ୍ରିପାଠୀ, ଡ. ଅବନୀ କୁମାର କୁଣ୍ଡୁ, ନରସିଂହ ବାରିକ, ହିମାଂଶୁ ଶେଖର ଦାସ, ଡ. କବିତା ନନ୍ଦ, ମଧୁମିତା ନନ୍ଦ, ଡ. ଅସୀମା ସାହୁ, ଡ. ସଞ୍ଜୀବ ପାଣିଗ୍ରାହୀ, ପାର୍ବତୀ ବାରିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗୋପାଳ ଚନ୍ଦ୍ର ସାହୁ ଓ ଅଧ୍ୟାପକ ଦୋଳଗୋବିନ୍ଦ ମହାନ୍ତ ଗୀତ ଗାଇ ଦିବଂଗତା କବୟିତ୍ରୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶରତ ମହାନ୍ତି, ପ୍ରଶାନ୍ତ ମହାନ୍ତି, ଶର୍ମିଷ୍ଠା ମହାନ୍ତି, ଅଲକା ମହାନ୍ତି ପ୍ରମୁଖ ପରିବାରର ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପକ ସମରେନ୍ଦ୍ର ବସା ଧନ୍ୟବାଦ ଅର୍ପଣ କରିଥିଲେ।

## ଫଳ ଓ ପନିପରିବା କୃଷକ ଉତ୍ପାଦକ କମ୍ପାନୀ ପକ୍ଷରୁ ରକ୍ତଦାନ ଶିବିର

**ବାରିପଦା, ୧୨।୧୨(ସମିସ):** ଶୁକ୍ରବାର ମୁର୍ଗାବାଡିସ୍ଥ ପ୍ରୟାସ ହଲ ପରିସରରେ ଓରମାସ ପରିଚାଳିତ ମୟୂରଭଞ୍ଜ ଫଳ ଓ ପନିପରିବା କୃଷକ ଉତ୍ପାଦକ କମ୍ପାନୀ ତରଫରୁ ଦ୍ୱିତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉକ୍ତ ରକ୍ତଦାନ ଶିବିରକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ବର୍ତ୍ତମାନର ପରିବର୍ତ୍ତିତ ସମୟରେ ଥାଲସେମିଆ, ସିକିଲସେଲ ଭଳି ଦୁରାରୋଗ୍ୟ ତଥା ଆକସ୍ମିକ ଦୁର୍ଘଟଣା ପାଇଁ ଓ ଅନ୍ୟାନ୍ୟ ଅସାଧ ରୋଗର ଜରୁରୀ ଅସ୍ତ୍ରୋପଚାର ପାଇଁ ରୋଗୀର ଅମୂଲ୍ୟ ଜୀବନକୁ ବଞ୍ଚାଇବା ପାଇଁ ବହୁ ସମୟରେ ରକ୍ତର ହଠାତ ଆବଶ୍ୟକତା ଦେଖାଦେଉଛି। ଏହାର ଦୂରୀକରଣ ପାଇଁ ରକ୍ତଦାନର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। କର୍ପୋରେଟ ସାମାଜିକ ଉତ୍ତରଦାୟିତ୍ୱ ଅଭିଯାନ ଅନ୍ତର୍ଗତ ସମାଜର କଲ୍ୟାଣ ପାଇଁ ଏହି ଶିବିର ଆୟୋଜନ କରିଥବାରୁ କୃଷକ ଉତ୍ପାଦକ କମ୍ପାନୀର ଏହି ମହତ ଉଦ୍ୟମ ନିଶ୍ଚିତ ପ୍ରଶଂସନୀୟ ବୋଲି କହିଥିଲେ। ଏହି ଅବସରରେ ରକ୍ତ ଦାତା ମାନଙ୍କୁ ଏହି ମହତ ଦାନ ପାଇଁ କୃତଜ୍ଞତା ଜଣାଇବା ସହିତ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ସଚେତନତାକୁ ବ୍ୟାପକରୁ ବ୍ୟାପକତର କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ବାରିପଦା ରକ୍ତ ଭଣ୍ଡାରର ଅଧିକାରୀ ଡା. ସୌମ୍ୟ ରଞ୍ଜନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନ୍ୟ ସହକର୍ମୀ ଡଃ ନିଲେଶ ଦାସ, ଲ୍ୟାବ ଟେକ୍ନେସିଆନ୍ ପ୍ରଫୁଲ୍ଲ ମାଝୀ, ଷ୍ଟାଫ୍ ନର୍ସ



ରୂଚିକା ଖୁରାନା, ଶକୁନ୍ତଳା ମହାନ୍ତ, କରୁଣାକର ଜେନା ପ୍ରମୁଖଙ୍କ ସହଯୋଗରେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ ହୋଇଥିଲା। ଉକ୍ତ ଶିବିରରୁ ସମୁଦାୟ ୩୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। କାର୍ଯ୍ୟକ୍ରମରେ ଓରମାସର ଡେପୁଟି ସିଇଓ ଭାଗ୍ୟଲକ୍ଷ୍ମୀ ରାଉତ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶାନ୍ତନୁ କୁମାର ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ବାରିପଦା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶିଶିର କୁମାର ମୁଦୁୟା, ଜିଲ୍ଲା ରେଡ଼କ୍ରସ ଶାଖାର ଆଜୀବନ ସଦସ୍ୟ ତଥା ରକ୍ତଦାତା ଅମର କୁମାର ସେଠୀ, ଶୁଭକାନ୍ତ ଜେନା, ପ୍ରକାଶ ମାଝୀ, ଜ୍ଞାନରଞ୍ଜନ ଦାସ, ସନ୍ଦୀପ ସବୁ, ସୁପ୍ରିୟା ଜେନା, ମୋନାଲିସା ପଡ଼ିହାରୀ, ରଞ୍ଜନ କୁମାର ବେହେରା ଓ ବିଭିନ୍ନ କୃଷକ ଉତ୍ପାଦକ ସଂଗଠନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ।

## ସର୍ବଭାରତୀୟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# କୋଲକାତା ଓ ସମ୍ବଲପୁର ସେମିକୁ ଉନ୍ନୀତ

**ବାରିପଦା, ୧୨।୧୨(ସମିସ)**

ସ୍ଥାନୀୟ ପ୍ରଫୁଲ୍ଲନଗରସ୍ଥ ଲେଟ କଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଟି -୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସର ୧ମ ମ୍ୟାଚରେ କୋଲକାତାର ଏଲଆରଏସଟିମ ୮ ୱିକେଟରେ ବିଶାଖାପାଟନମର ଇଷ୍ଟକୋଷ୍ଟ ରେଲୱେକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଇଷ୍ଟକୋଷ୍ଟ ରେଲୱେ ୧୮ ଓଭରରେ ୮ ୱିକେଟ ହରାଇ ୧୩୧ ରନ ସଂଗ୍ରହ କରିଥିଲା। ଜବାବରେ କୋଲକାତା ୧୧. ୪ ଓଭରରେ ୨ ୱିକେଟ ହରାଇ ୧୩୫ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜସେବୀ ଦେବାଶିଷ ଦାସ ଏହି ମ୍ୟାଚକୁ ଉଦଘାଟନ କରିବା ସହ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର ସଭାପତି ଗିରିଶ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ଲଲାଟେନ୍ଦୁ ବେହେରା, ଉପସଭାପତି ଦାମୋଦର କରଣ, ସମ୍ପାଦକ ଦୀପକ କୁମାର ଦାଶ, ବରିଷ୍ଠ ସଦସ୍ୟ ବିଜୟ କୁମାର ରାୟ, ସହସମ୍ପାଦକ ଲକ୍ଷ୍ମୀଧର ନାୟକ ଉପସ୍ଥିତ ଥିଲେ।




ଦ୍ୱିତୀୟ ମ୍ୟାଚରେ ଏମଏମସିସି, ସମ୍ବଲପୁର ୬ ୱିକେଟରେ ଖଡ଼ଗପୁର ସେରସାକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଖଡ଼ଗପୁରର ସେରସା ଟିମ ୨୦ ଓଭରରେ ୮ ୱିକେଟ ହରାଇ ୧୬୬ ରନ ସଂଗ୍ରହ କରିଥିଲା। ଜବାବରେ ସମ୍ବଲପୁର ୧୮. ୫ ଓଭରରେ ୪ ୱିକେଟ ହରାଇ ୧୭୦ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ବିବେକ କୁମାର ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅତିଥି ଭାବେ ଯୁବ ସମାଜସେବୀ ସୌମ୍ୟରଞ୍ଜନ ମିଶ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମରପ୍ରୀତ ପ୍ରଧାନ, ବିଶ୍ୱମ୍ବର ମହାକୁଡ଼ ଓ ଇନ୍ଦ୍ରଜିତ ପ୍ରସାଦ ଖେଳ ପରିଚାଳନା କରିଥିବାବେଳେ ସୌରଜିତ ସାହୁ ସ୍କୋରର ଥିଲେ। ସୁରେଶ ସାଣ୍ଡିଲ, ବୁବୁ ସିହ୍ନା ଓ ପଙ୍କଜ ମହାକୁଡ଼ ଧାରାବିବରଣୀ ପ୍ରଦାନ କରିଥିଲେ।

# ସମ୍ପାଦକୀୟ



ସଫଳତା ଏମିତି ହଠାତ୍ ଆସେ ନାହିଁ। ଏଥିପାଇଁ ଲୋଡ଼ା ଶିକ୍ଷା, କଠିନ ପରିଶ୍ରମ, ସମର୍ପଣ ଓ କର୍ମ ପ୍ରତି ଭଲ ପାଇବାର ସଂକଳ୍ପ।

-ପେଲେ

ସକାଳ THE SAKALA

## ରହସ୍ୟମୟ ଫେରାର୍

ଗୋଆ ନାଇଟକ୍ଲବ୍ ବିର୍ଚରେ ଘଟିଥିବା ଲୋମହର୍ଷକ ହୃଦୟବିଦାରକ ଅଗ୍ନିକାଣ୍ଡ ଏଥିମଧ୍ୟରେ ଏକ ସପ୍ତାହ ଅତିକ୍ରମ କରିଗଲାଣି। ଏଥିରେ ମୃତକଙ୍କ ସଂଖ୍ୟା ୨୫ ହୋଇଥିବାବେଳେ ୫୦ରୁ ଉର୍ଦ୍ଧ୍ୱ ଆହତ ହେବା ଘଟଣା ସମଗ୍ର ଦେଶବାସୀଙ୍କ ମନରେ ବିଷାଦର ଛାୟା ଖେଳାଇ ଦେଇଛି। ଏହି ଦୁର୍ଘଟଣାର କାରଣ ଓ ନିରାକଣ ସଂପର୍କରେ ଚାଲିଥିବା ତର୍ଜମାରୁ ସ୍ପଷ୍ଟ ହୋଇଛି ଯେ ସେଠାରେ ଅଗ୍ନି ନିରୋଧକ ବ୍ୟବସ୍ଥା ନଥିଲା। କେବଳ ସେତିକି ନୁହେଁ ପ୍ରସ୍ଥାନ ପଥ ଏତେ ସଂକୀର୍ଣ୍ଣ ଥିଲା ଯେ ଅଘଟଣରୁ ମୁକ୍ତି ପାଇଁ ଅନ୍ତେବାସୀଙ୍କ ମୁକ୍ତ ଉଦ୍ୟମ ବ୍ୟର୍ଥ ହୋଇଥିଲା। ଏହି ଅଗ୍ନିକାଣ୍ଡର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି, ଦିଲ୍ଲୀରେ ଅବସ୍ଥାନ କରୁଥିବା ନାଇଟ୍‌କ୍ଲବ୍‌ର ଦୁଇମାଲିକ ସୌରଭ ଓ ଗୌରବ ଲୁଥ୍ରା ଘଟଣା ଘଟିବାର ୫ ଘଣ୍ଟା ମଧ୍ୟରେ ପୁଲିସର ଗିରଫଦାରୀକୁ ଏଡ଼ାଇ ଦେଶ ଛାଡ଼ି ଚାଲିଯିବାକୁ ସମର୍ଥ ହୋଇଛନ୍ତି। ଏହା ପ୍ରଶାସନର ଦୋଷ ଦୁର୍ବଳତା ନା ଉଦ୍ଦେଶ୍ୟ ପ୍ରଣୋଦିତ ସୁଯୋଗ ସୃଷ୍ଟି ସେନେଇ ଏବେଠାରୁ କିଛି ମତାମତ ଦେବା ଠିକ୍ ହେବ ନାହିଁ। ତେବେ ଲୁଥ୍ରାଭ୍ରାତାଙ୍କ ରହସ୍ୟମୟ ଉଭାନ ଯେ ଅକ୍ଷମଣୀୟ ଏକଥା ସତ।

ଏହି ଅଗ୍ନିକାଣ୍ଡର ଘଟଣାକ୍ରମକୁ ଅନୁଧ୍ୟାନ କଲେ ମନେ ହୁଏ, ବୁଝାମଣାରେ ନାଇଟ୍‌କ୍ଲବ୍ ବେପାର ଚାଲିଥିଲା। ଯେଉଁ ଜମି ଉପରେ ଏହାର ଇମାରତ ଗଢ଼ି ଉଠିଥିଲା ତାହା ସରକାରୀ ନକ୍ସାରେ ଶିକ୍ଷାନୁଷ୍ଠାନ ସକାଶେ ଉଦ୍ଦିଷ୍ଟ ଥିଲା ଓ ଲୁଥ୍ରାଭ୍ରାତାଙ୍କ ଚାପରେ ଏହା ପରିବର୍ତ୍ତନ କରାଯାଇଥିଲା। ଏପରିକି ବିର୍ଚ ନାଇଟକ୍ଲବ୍‌ର ଲାଇସେନ୍ସକୁ ନେଇ ମଧ୍ୟ ମତଭେଦ ରହିଛି। ଏଥିରୁ ସ୍ପଷ୍ଟ ଯେ ପ୍ରଭାବଶାଳୀ ଲୋକଙ୍କ ସାହାଯ୍ୟ ଓ ସମର୍ଥନରେ ଦୁଇଭାଇ ନିରଙ୍କୁଶ ବେପାର ଚଳାଇଥିଲେ। ଏପରିକି ସେମାନଙ୍କୁ ଦେଶଛାଡ଼ି ଚାଲିଯିବା ସକାଶେ ସୁଯୋଗ ଦିଆଯାଇଛି। ବଡ଼ବଡ଼ିଆଙ୍କ ମହଲରେ ଆତଯାତ ଥିବା ସୌରଭ ଓ ଗୌରବଙ୍କ ପତ୍ତା ଓ ଠିକଣା ଗୋଆ ପୁଲିସ ନିକଟରେ ଯେ ନଥିଲା ଏକଥା ନୁହେଁ। ଡିସେମ୍ବର ୭ ତାରିଖ ରାତି ୧୨ଟାରେ ଏହି ଦୁର୍ଘଟଣା ସଂପର୍କରେ ପୁଲିସ ଅବଗତ ଥିଲା। ଗୋଆ ଡିଜିପି ଚାହିଁଥିଲେ ତୁରନ୍ତ ଦିଲ୍ଲୀ ପ୍ରତିପକ୍ଷଙ୍କୁ ଅବଗତ କରାଇ ଲୁଥ୍ରାଭାତାଙ୍କୁ ଗିରଫ କରିବାରେ କିଛି ଅସୁବିଧା ହୋଇନଥାନ୍ତା। ଦେଶରେ ଇଣ୍ଡିଗୋ ବିମାନ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଦିଲ୍ଲୀ ବିମାନ ବନ୍ଦରରୁ ଦୁଇ ଭାଇ ସୀମିତ ସମୟ ମଧ୍ୟରେ ଥାଇଲାଣ୍ଡ ଟିକଟ, ଇମିଗ୍ରେସନ କ୍ଲିୟରାନ୍ସ, ସୁରକ୍ଷାଗତ ସମସ୍ତ ସୁବିଧା ହାସଲ କରି କିଭିଳି ଥାଇଲାଣ୍ଡ ଯାତ୍ରା କରିପାରିଲେ ତାହା ଯେ କୌଣସି ଲୋକଙ୍କୁ ଚକିତ କରିବ। ସବୁର ଉର୍ଦ୍ଧ୍ୱରେ ସେମାନେ ଭିଆଇପି ନୁହନ୍ତି ଅପରାଧୀ। ଲୁଥ୍ରାଭ୍ରାତାଙ୍କ ଅନ୍ୟତମ ସହଯୋଗୀ ଅଜୟ ଗୁପ୍ତାଙ୍କ ସମେତ ୬ ଜଣଙ୍କୁ ଏଥିମଧ୍ୟରେ ଗିରଫ କରାଯାଇଛି। ଥାଇଲାଣ୍ଡ ପଳାୟନ କରିଥିବା ଦୁଇ ଭାଇଙ୍କ ବିରୋଧରେ ଇଣ୍ଟରପୋଲ ବ୍ଲୁକର୍ଣ୍ଣର ନୋଟିସ୍ ଜାରି କରାଯାଇଛି। ଏହା ଛଡ଼ା ଲୁକ୍ ଆଉଟ୍ ସର୍କୁଲାର ମଧ୍ୟ ସେମାନଙ୍କ ବିରୋଧରେ ଅଛି। ଆମର ଏଠାରେ କହିବାର କଥା ହେଲା, ଅପରାଧର ଗୁରୁତ୍ୱ ନିର୍ବିଶେଷରେ ପ୍ରଭାବଶାଳୀ ଅପରାଧୀ ଦେଶର ଆଇନକାନୁନ୍‌କୁ ଏଡ଼ାଇଯାଇ ଦେଶଛାଡ଼ି ଚାଲିଯିବାକୁ ସମର୍ଥ ହେଉଛନ୍ତି। ଯାହାକି ଚିନ୍ତାର ବିଷୟ ପାଲଟିଛି। ●

## କହିଦେଉଥାଏ ପରକୁ...

ଚଳିତ ଶୀତକାଳୀନ ବିଧାନସଭା ଅଧିବେଶନ ବିଭିନ୍ନ କାରଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ବିଧାନସଭା ଇତିହାସରେ ପ୍ରଥମଥର ପାଇଁ ଦେଶର ରାଷ୍ଟ୍ରପତି ଗୃହକୁ ସମ୍ବୋଧନ କରିଥିଲେ। ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଧାନପାଳିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ଉଲ୍ଲେଖ କରି ଜନପ୍ରତିନିଧିଙ୍କୁ ଆଚରଣଗତ ଶୃଙ୍ଖଳା ରକ୍ଷା କରିବା ସହ ଉତ୍ତରଦାୟିତ୍ୱ ସଂପର୍କରେ ସଚେତନ କରାଇଥିଲେ। ଏସବୁ ସତ୍ତ୍ୱେ ବିଜେପି ବିଧାୟକ ସନ୍ତୋଷ ଖୁଣ୍ଟିଆ ଆଦୌ ପ୍ରାସଙ୍ଗିକତା ନଥିଲେ ମଧ୍ୟ ମହାତ୍ମାଗାନ୍ଧିଙ୍କୁ ଆଲୋଚନା ପରିସରକୁ ଟାଣିଆଣି ତାଙ୍କ ସଂପର୍କରେ ଯେଉଁ ନାକରାତ୍ମକ ମନ୍ତବ୍ୟ ଦେଲେ ତାହା ବିଧାନସଭା ମର୍ଯ୍ୟାଦା ଉଲ୍ଲଂଘନ କେବଳ ନୁହେଁ ଏକ କଳା ଅଧ୍ୟାୟ ସୃଷ୍ଟି କରିଛି କହିଲେ ଭୁଲ ହେବନି। ତାଙ୍କର ଏହି ଆଚରଣ ପାଇଁ ସରକାର ଅପଦସ୍ଥ ହେଲେ ଓ ଗୃହର ବିବରଣୀରୁ ସେହି ମନ୍ତବ୍ୟ ବାଦ ଦିଆଗଲା। ଏପରିକି ବିଧାୟକଙ୍କ ମନ୍ତବ୍ୟକୁ ସରକାର ନିନ୍ଦା କରିବା ପର୍ଯ୍ୟନ୍ତ କଥା ଯାଇଥିଲା। ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଦିଆଯାଇଥିବା ସୁଚିନ୍ତିତ ପରାମର୍ଶର କୌଣସି ପ୍ରଭାବ ଅନୁଭୂତ ହୋଇନଥିଲା ବିଧାୟକଙ୍କ ଆଚରଣରେ।

ଚଳିତ ବିଧାନସଭା ନିର୍ଦ୍ଧାରିତ ୧୮ ଟି କାର୍ଯ୍ୟଦିବସ ପୂର୍ବରୁ ଶେଷ ହୋଇଗଲା। କାରଣ ସ୍ୱରୂପ କୁହାଯାଇଛି ଯେ କୌଣସି ସରକାରୀ କାର୍ଯ୍ୟନଥିବାରୁ ଗୃହକୁ ମୁଲତବୀ ରଖାଗଲା। ପୂର୍ବବର୍ଷ ମଧ୍ୟ ୧୬ ଦିନ ପୂର୍ବରୁ ଅଧିବେଶନ ବନ୍ଦ କରି ଦିଆଯାଇଥିଲା। ଆମକୁ ଏଠାରେ କହିବାକୁ ପଡୁଛି ଯେ ଚଳିତ ଅଧିବେଶନରେ ବିରୋଧୀଦଳର ଅଭୂତପୂର୍ବ ସହଯୋଗ ସହ ଗୋଟିଏ ଦିନ ପାଇଁ ଗୃହକୁ ଅଚଳ କରିନାହାନ୍ତି। ବିଧାନସଭାରେ ପ୍ରଶ୍ନକାଳ, ଶୂନ୍ୟକାଳ ଓ ମୁଲତବୀ ପ୍ରସ୍ତାବ ଓ ଖର୍ଚ୍ଚଦାବି ଆଲୋନା ସବୁ ସୁରୁଖୁରୁରେ ଚାଲିଥିଲା। ବରିଷ୍ଠ କନିଷ୍ଠ ନିର୍ବିଶେଷରେ ବିଧାୟକଙ୍କୁ ଅଂଶ ଗ୍ରହଣ ଓ ଆଲୋଚନାରେ ଭାଗନେବାକୁ ସୁଯୋଗ ମିଳିଥିଲା। ଏତେ ଅନୁକୂଳ ପରିସ୍ଥିତି ଓ ପରିବେଶ ସତ୍ତ୍ୱେ ସରକାରଙ୍କୁ ୧୮ ଟି କାର୍ଯ୍ୟ ଦିନର ପୂର୍ବରୁ ଅଧିବେଶନ ଶେଷ କରିବାକୁ ପଡିଲା କାହିଁକି? ବିଧାନସଭା କାର୍ଯ୍ୟବିଧି ଆଇନରେ ୧୭୭ ଧାରା ସଂଶୋଧନ ଶେଷ କରାଯାଇ ବର୍ଷକୁ ୬୦ ଦିନ ଗୃହକାର୍ଯ୍ୟ ଚାଲିବା ସକାଶେ ନିୟମ ପ୍ରସ୍ତୁତ ହୋଇଥିଲା। ଏଭଳି ଅନୁକୂଳ ପରିବେଶରେ ଯଦି ଗୃହକାର୍ଯ୍ୟ ୬୦ ଦିନ ଚାଲିନପାରୁଛି ତେବେ ପୁଣି ଏକ ସଂଶୋଧନ ମାଧ୍ୟମରେ ଏହି କାର୍ଯ୍ୟଦିବସକୁ ଆହୁରି ସଂକୁଚିତ କରାଯାଇପାରେ। ଆମେ ଏଠାରେ କେବଳ କ୍ଷମତାସୀନ ଏବର ସରକାରଙ୍କ କଥା କହୁନୁ ପୂର୍ବ ସରକାର ମଧ୍ୟ ନିର୍ଦ୍ଧାରିତ ଦିନ ନିର୍ଘଣ୍ଟକୁ ପୂରଣ କରୁନଥିଲେ। ହେଲେ ସେତେବେଳର ବିରୋଧୀ ବିଜେପି କଟୁ ସମାଲୋଚନା କରିବା ସହ ସରକାର ପଳାୟନପନ୍ଥୀ ହୋଇ ଗୃହକୁ ଆଗୁଆ ମୁଲତବୀ ରଖୁଥିବାର ଅଭିଯୋଗ କରିଥିଲେ। ତେଣୁ ଏଠାରେ ଆମେ କହିବା 'କହି ଦେଉଥାଏ ପରକୁ ବୃଦ୍ଧି ନ ଦିଶଇ ଘରକୁ' ଚଳିତ ଅଧିବେଶନର ଅନ୍ୟ ଏକ ଦିଗ ହେଲା ମନ୍ତ୍ରୀ ଓ ବିଧାୟକଙ୍କ ବେତନ, ଭତ୍ତା ବୃଦ୍ଧି ପ୍ରସ୍ତାବ ସର୍ବ ସମ୍ମତି କ୍ରମେ ଗୃହୀତ ହୋଇଛି। ଏହା ପୁଣି ୧୮ ମାସ ପିଛିଲା କାର୍ଯ୍ୟକାରୀ ହେବ ଏହି ବର୍ଦ୍ଧିତ ବେତନ ଭତ୍ତା ପ୍ରଚଳିତ ହାର ଠାରୁ ୩ ଗୁଣ ଅଧିକ। ବିଧାୟକଙ୍କ ମାସିକ ବେତନ ଭତ୍ତା ୩ ଲକ୍ଷ ୪୫ ହଜାର ଟଙ୍କା ଧାର୍ଯ୍ୟ କରାଯାଇଥିଲା ବେଳେ ପେନସନ୍ ମଧ୍ୟ ୩୫ ହଜାରରୁ ୮୦ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ଏହା କୁଆଡେ ଦେଶର ସବୁ ବିଧାନସଭାରେ ପ୍ରଚଳିତ ବ୍ୟବସ୍ଥାକୁ ଟପିଛି। ଗୃହ ପରିଚାଳନାଠାରୁ ବେତନ – ଭତ୍ତା ନିର୍ଦ୍ଧାରଣ ପର୍ଯ୍ୟନ୍ତ ସବୁ ବୁଝାମଣା ଭିତ୍ତିରେ ଚାଲିଛି ଓ ଆଗକୁ ତାହା ଚାଲିବାକୁ ଦିଆଯାଉ। ହେଲେ ଗୃହ ଦିବସକୁ ସଂକୁଚିତ ନ କରି ରାଜ୍ୟବାସୀଙ୍କ ଅଭାବ –ଅସୁବିଧା ଓ ସମସ୍ୟା ସମାଧାନର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରାଯାଉ। ●

# ପୁଟିନଙ୍କ ଭାରତ ଗସ୍ତର କୂଟନୀତିକ ଦିଗ

**ଡ. ସୁଶାନ୍ତ କୁମାର ପରିଡା**

ଭାରତ–ରୁଷ ସମ୍ପର୍କ ନେଇ ଆଜି ଯେତେ ଆଲୋଚନା ହେଉଛି, ସେହି ଚର୍ଚ୍ଚାର ମଝିରେ ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଭାରତ ଭ୍ରମଣ ଏକ ନୂଆ ଅର୍ଥ ନେଇ ଆସିଛି। ଆଜିର ବିଶ୍ୱ ବ୍ୟବସ୍ଥାଟି ପୁରା ଅଲଗା, ଏକଧ୍ରୁବୀୟ ଆମେରିକୀୟ ନେତୃତ୍ୱ ହସ୍ତକ୍ଷୀଣ, ଚୀନର ଉତ୍ଥାନ, ୟୁରୋପର ସୁରକ୍ଷା ଚିନ୍ତା ଓ ରୁଷ-ୟୁକ୍ରେନ ଯୁଦ୍ଧରେ ନୂଆ ଅସ୍ଥିରତା-ଏସବୁରେ ଭାରତ ନିଜ ତୃତୀୟ ଆଖିରେ ଦେଖୁଛି ଜଗତକୁ। ଏହି ପରିପ୍ରେକ୍ଷୀରେ ପୁଟିନଙ୍କ ଭାରତ ଭ୍ରମଣ କେବଳ ଦୁଇ ଦେଶର କୂଟନୀତିକ ଆଦାନ-ପ୍ରଦାନ ନୁହେଁ; ଏହା ଏକ ଗଭୀର ସନ୍ଦେଶ-ଭାରତ ଓ ରୁଷ ଆଜି ମଧ୍ୟ ଏକାପରିକା ଓ ଏକାପରି।

ଭାରତ ଓ ରୁଷ ସମ୍ପର୍କକୁ "ସମୟ ପରୀକ୍ଷିତ" ବୋଲି କୁହାଯାଏ। ଶୀତଳ ଯୁଦ୍ଧରୁ ଆରମ୍ଭ କରି କୌଶଳିକ ସହଯୋଗ ପର୍ଯ୍ୟନ୍ତ ରୁଷ ସବୁବେଳେ ଭାରତର ସହଯୋଗୀ ରହିଛି। ୧୯୭୧ର ଇଣ୍ଡୋ–ସୋଭିଏତ ଶାନ୍ତି, ମିତ୍ରତା ଓ ସହଯୋଗ ଚୁକ୍ତିରୁ ଆରମ୍ଭ କରି, ନାଭାଲ ପ୍ଲାଟଫର୍ମ, ସାମରିକ ଉପକରଣ, ଅନ୍ତରୀକ୍ଷ ସହଯୋଗ, ଶକ୍ତି ବ୍ୟବସ୍ଥା-ସବୁଥିରେ ରୁଷ ଭାରତକୁ ଦୃଢ଼ ଭିତ୍ତି ଦେଇଛି। କିନ୍ତୁ ଏବେ ପରିବେଶ ଅଲଗା। ଚୀନ ଆଜି ଦୁଇ ଦେଶଙ୍କ ପାଇଁ ଅଲଗା–ଅଲଗା ଭାବେ ଅନୁଭବୀୟ ଅକଳି ସୃଷ୍ଟି କରୁଛି। ଭାରତ ପାଇଁ ସୀମା ସମସ୍ୟା, ରୁଷ ପାଇଁ ଅଧିକ ନିର୍ଭରତା। ପଶ୍ଚିମ ଦେଶଗୁଡିକ ଭାରତକୁ ଇଣ୍ଡୋ–ପାସିଫିକ୍‌ର ଗୁରୁତ୍ୱପୂର୍ଣ୍ଣ ନେତା ଭାବେ ଦେଖୁଛନ୍ତି, ରୁଷକୁ ତାଙ୍କର ନିଜ ଅନୁଶାସନୀୟ ପରିକଳ୍ପନାର ଅଂଶ ମାନୁଛନ୍ତି। ଏମିତି ସମୟରେ ପୁଟିନଙ୍କ ଭାରତ ଯାତ୍ରା ଦୁଇ ଦେଶକୁ ପୁଣିଥରେ ନୂଆ ମଞ୍ଚରେ ଡାକୁଛି-କେମିତି ପ୍ରାଚୀନ ସମ୍ପର୍କକୁ ଆଧୁନିକ ଯୁଗର ଚ୍ୟାଲେଞ୍ଜ ସହିତ ମେଳ କରିବା?

ପୁଟିନଙ୍କ ଯାତ୍ରାକୁ ବୁଝିବା ପାଇଁ ୟୁକ୍ରେନ ଯୁଦ୍ଧର ପ୍ରେକ୍ଷାପଟ ଅତ୍ୟନ୍ତ ଆବଶ୍ୟକ। ରୁଷ ପଶ୍ଚିମ ରାଷ୍ଟ୍ର ପକ୍ଷରୁ ଅପରିମିତ ନିଷେଧ ଦେଖୁଛି ଓ ବିଶ୍ୱ ଆର୍ଥିକ ବ୍ୟବସ୍ଥାରୁ ପ୍ରାୟ ଅଲଗା କରାଯାଇଛି। ଏହି ସମୟରେ ଭାରତ ରୁଷ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସାରଥୀ-ତେଲ କ୍ରୟ, ସାମରିକ ହାର୍ଡୱେର କ୍ରୟ, ଅନ୍ତଃରାଷ୍ଟ୍ରୀୟ ମଞ୍ଚରେ ସନ୍ତୁଳିତ ଭୂମିକା ଭାରତ ପଶ୍ଚିମ ପକ୍ଷରୁ ଚାପ ଥିଲେ ମଧ୍ୟ ନିଜ ହିତକୁ ଭିତ୍ତି କରି ରୁଷ ସହ ସମ୍ପର୍କ ଜାରି ରଖିଛି।

ପୁଟିନଙ୍କ ଯାତ୍ରା ଏହାକୁ ସୂଚାଇ ଦେଲା-ରୁଷ ଭାରତକୁ ଦୀର୍ଘମିଆଦୀ ମିତ୍ର ବୋଲି ମାନେ ଓ ଭାରତ ନିଜ ସ୍ୱାଧୀନ କୂଟନୀତି ପଥକୁ ପୁନର୍ବଳ ପ୍ରଦାନ କରେ।

ଭାରତ ପାଇଁ ରୁଷର ଅପରିହାର୍ଯ୍ୟ ଗୁରୁତ୍ୱ। ଆମେ ବହୁ ସମୟରେ କହୁଛୁ ଯେ ଭାରତ ଆଜି ବହୁଧ୍ରୁବୀୟ ଶକ୍ତିକେନ୍ଦ୍ରର ନେତୃତ୍ୱ ନେଉଛି, କିନ୍ତୁ ସତ୍ୟ ହେଲା-କୌଣସି ମହାଶକ୍ତିକୁ ପୂରା ଛାଡ଼ି ଭାରତ ଆଗକୁ ବଢ଼ିପାରିବ ନାହିଁ। ରୁଷ ଏଠାରେ ଅପରିହାର୍ଯ୍ୟ: ସାମରିକ ସହଯୋଗ କ୍ଷେତ୍ରରେ ଭାରତର ରକ୍ଷା ପ୍ରଣାଳୀର ୫୦ ଭାଗ ରୁଷ ଆଧାରିତ। ସୁଖୋଇ- ୩୦ ଏମ୍‌କେଆଇ, ଟି-୯୦, ଏସ୍-୪୦୦, କିଲୋ-କ୍ଲାସ୍ ସବ୍‌ମେରିନ୍-ସବୁ ରୁଷୀୟ ମୂଳଭୂତି। ନୂଆ ପ୍ରଣାଳୀ ଯଥା ବ୍ରହ୍ମୋସ୍ ମିସାଇଲ ସଂଯୁକ୍ତ ଉତ୍ପାଦନର ଉଦାହରଣ।

ଉର୍ଜା ସୁରକ୍ଷା କ୍ଷେତ୍ରରେ ସାଂଗଠିକ ଭାବେ ଭାରତ ଆଜି ଅପେକ୍ଷାକୃତ ଶସ୍ତା ରୁଷ ତେଲ ଉପରେ ନିର୍ଭର କରୁଛି। ଏହା ଭାରତର ବଜାର ଭାରକୁ ଅନେକ କମାଇଛି। ଅନ୍ତରୀକ୍ଷ ଓ ପରମାଣୁ ସହଯୋଗ କ୍ଷେତ୍ରରେ କୁଡ଼ନ୍କୁଲମ୍ ପରମାଣୁ ପ୍ଲାଣ୍ଟ ରୁଷ–ଭାରତ ସମ୍ପର୍କର ଏକ ପ୍ରତୀକ। ଇସ୍ରୋ-ରସ୍‌କସ୍‌ମସ୍ ସହଯୋଗ ଭାରତର ମାନବ ଅନ୍ତରୀକ୍ଷ ମିଶନକୁ ନୂଆ ଦିଗ ଦେଇଛି। ଏହାର ଅର୍ଥ-ରୁଷକୁ ଛାଡ଼ି ଭାରତ ତା'ର ସୁରକ୍ଷା ଓ ଉର୍ଜା ଉନ୍ନତିକୁ ସଂପୂର୍ଣ୍ଣ କରିପାରିବା କଷ୍ଟ।



ପୁଟିନଙ୍କ ଯାତ୍ରା ପଶ୍ଚିମ ଦେଶଗୁଡ଼ିକୁ ଏକ ନିର୍ମଳ, କିନ୍ତୁ ସ୍ପଷ୍ଟ ସନ୍ଦେଶ ପଠାଇଛି-ଭାରତ କେବଳ ପାର୍ଶ୍ୱଭାଗୀ ନୁହେଁ; ସ୍ୱାଧୀନ ନୀତି ଅଙ୍ଗୀକାର କରୁଥିବା ଏକ ଅପରିହାର୍ଯ୍ୟ ଶକ୍ତି। କ୍ୱାଡ୍, ଆଇ୨ୟୁ୨, ଇଣ୍ଡୋ-ପାସିଫିକ୍ ଷ୍ଟ୍ରାଟେଜି- ଯେଉଁଭଳି ଭାରତ ଅଛି, ସେଠି ତାଙ୍କର ନୀତି ଆମେରିକୀୟ ପାଠକୁ ମାନିବା ମାତ୍ର ନୁହେଁ। Bharat acts in its own interest. ଏହି ଯାତ୍ରା ଏକ କୂଟନୀତିକ ସ୍ୱାଧୀନତାର ପ୍ରତୀକ।

ପୁଟିନ–ମୋଦୀ ଆଲୋଚନାର ପୃଷ୍ଠଭୂମିରେ ଚୀନର ଛାୟା ଅନିବାର୍ଯ୍ୟ। ଚୀନ–ରୁଷ ସମୀକରଣ ବଢୁଛି, ଚୀନ–ଭାରତ ସୀମା ସଂକଟ ଜାରି ରହିଛି। ଏହାର ଭାରତୀୟ ଅର୍ଥ-ରୁଷକୁ ଭାରତ ସହ ସମ୍ପର୍କ ସଂରକ୍ଷଣ ଆବଶ୍ୟକ, ଯାହା ତାଙ୍କୁ ଚୀନ ପ୍ରତି ଅତ୍ୟଧିକ ନିର୍ଭରତାରୁ ବଞ୍ଚାଇପାରିବ। ଭାରତ ପାଇଁ ମଧ୍ୟ ଏହି ସମୀକରଣ ଗୁରୁତ୍ୱପୂର୍ଣ୍ଣ। ଏକ ରୁଷ–ଚୀନ ବ୍ଲକ୍ ଭାରତର ରଣନୀତିକ ସ୍ଥାନକୁ କମାଇଦେଇପାରେ। ତେଣୁ ଦୁଇ ଦେଶ ନିଜ ମଧ୍ୟରେ ସନ୍ତୁଳନ ରଖିବାକୁ ଚାହୁଁଛନ୍ତି।

ପୁଟିନଙ୍କ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ଆର୍ଥିକ ସମ୍ପର୍କକୁ ପୁନର୍ଗଠନ କରିବା। ସାମରିକ କ୍ଷେତ୍ର ବ୍ୟତୀତ ଭାରତ–ରୁଷ ବ୍ୟାପାର ତତ୍ତ୍ୱରେ ସୀମିତ ରହିଛି। ନୂଆ ସୂଚୀରେ-ଫାର୍ମା, ଆଇ.ଟି, କୃଷି ଓ ଖାଦ୍ୟପ୍ରକ୍ରିୟା, ନିର୍ମାଣ, ରେଲ୍‌ୱେ ଓ ଅଫଶୋର ତେଲ ପ୍ରକଳ୍ପ ସବୁକୁ ନୂଆ ଗତି ଦେବା ଉଦ୍ଦେଶ୍ୟ। ବିଶେଷକରି ଉତ୍ତର–ଦକ୍ଷିଣ ଟ୍ରାନ୍ସପୋର୍ଟ କରିଡର (INSTC) ଭାରତକୁ ଇଉରେସିଆ ମଝିରେ ବ୍ୟାପକ ସଂଯୋଗ ଦେଇପାରେ।

ଯେତେବେଳେ ଅନ୍ୟ ଦେଶର ରାଷ୍ଟ୍ରପତିମାନେ ମଞ୍ଚରେ ଆସନ୍ତି, ସେଥିରେ ନାଗରିକମାନଙ୍କ ପାଇଁ କ'ଣ ଆସେ? ଭାରତ–ରୁଷ ସମ୍ପର୍କର ଆଉ ଏକ ଗଭୀର ଦିଗ ରହିଛି-ସଭ୍ୟତା ଓ ସଂସ୍କୃତିର ସଂଳାପ। ଦୋସ୍ତୋଏଭସ୍କି, ଟଲଷ୍ଟୟ, ଟାଗୋର-ସବୁ ଭାରତ–ରୁଷ ସମ୍ପର୍କର ସାହିତ୍ୟିକ ସୂତ୍ର। ବିଜ୍ଞାନ, ସଙ୍ଗୀତ, ଶିକ୍ଷା-ବିବିଧ ମଞ୍ଚରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ସବୁବେଳେ ଗଭୀର ସମ୍ପର୍କ ରହିଛି। ପୁଟିନଙ୍କ ଯାତ୍ରା ଏହି ସମ୍ପର୍କକୁ ନୂଆ ଦିଶା ଦେଲା।

ଆଜି ଦୁନିଆ ଏକ ନୂଆ ଦିଗକୁ ଯାଉଛି। ଆମେରିକୀୟ ପ୍ରଭୁତ୍ୱର ଯୁଗ ଆସ୍ତେ–ଆସ୍ତେ ଶିଥିଳ ହେଉଛି, ଚୀନ ଉଡ଼ୁଛି, ୟୁରୋପ ଅସ୍ଥିର। ମଧ୍ୟପ୍ରାଚ୍ୟ ପୁନଃ ତଫାତ୍‌ରେ। ଏହି ସମୟରେ ଭାରତ ଓ ରୁଷ ପାଇଁ ପରସ୍ପର ସମ୍ପର୍କ ଏକ ରଣନୀତିକ ଆବଶ୍ୟକତା। ବହୁଧ୍ରୁବୀୟ ଜଗତ ଏହାକୁ ଆଉ ଗଭୀର କରେ-India and Russia are partners in shaping a balanced global order. ପୁଟିନଙ୍କ ଭାରତ ଯାତ୍ରା କହିଦେଲା-ଭାରତ ପରାନୁସରଣକାରୀ ନୁହେଁ। ଭାରତ ନିଜ ସ୍ୱାଧୀନ କୂଟନୀତିକ ହିତକୁ ପ୍ରଥମେ ରଖେ।

କ୍ୱାଡ୍ ସହିତ ସମ୍ପର୍କ ରହିଛି, ବ୍ରିକ୍ସ ସହିତ ସମ୍ମିଳନ ରହିଛି, ଏସ୍‌ସିଓ ସୁରକ୍ଷା ମଞ୍ଚରେ ଭାଗ ନେଉଛି, ପଶ୍ଚିମ ସହ ଆର୍ଥିକ ସମ୍ପର୍କ, ରୁଷ ସହ ପରମାଣୁ–ରକ୍ଷା–ଉର୍ଜା ସହଯୋଗ, ଏହି ସବୁକିଛି ଏକ ସଂକେତ: ଭାରତ ଏବେ ବିଶ୍ୱ ରାଜନୀତିର ନିର୍ମାତା; କେବଳ ଅନୁସାରୀ ନୁହେଁ।

ପୁଟିନଙ୍କ ଏହି ସଂକ୍ଷିପ୍ତ ଭାରତ ଗସ୍ତ ଭିତରେ ରହିଛି ଦୀର୍ଘମିଆଦୀ ପରିଣାମ। ଆମେ ଯେପରି ଦେଖୁଛୁ-ବିଶ୍ୱ ରାଜନୀତିର ପୁନର୍ଗଠନ, ଭାରତର ବୃଦ୍ଧିଶୀଳ ଶକ୍ତି ସ୍ଥାନ, ରୁଷର ପଶ୍ଚିମବିମୁଖ ରଣନୀତି, ଚୀନର ଉତ୍ଥାନ ଏହି ଦୁଇ ଦେଶକୁ ପୁଣି ଏକାଠି କରି ଆଣିଛି। ପୁଟିନଙ୍କ ଭାରତ ଯାତ୍ରାର ମୂଳ ସନ୍ଦେଶ ଏକ-"In a changing world, India and Russia still need each other."ଭାରତ ନୂତନ ବିଶ୍ୱ ବ୍ୟବସ୍ଥାର ନିର୍ମାଣକାରୀ। ରୁଷ ତାହାର ପ୍ରାକ୍ତନ ମିତ୍ର ଓ ଭବିଷ୍ୟତ ସହପାଠୀ। ଏବଂ ଏହି ଯାତ୍ରା ଦୁଇ ଦେଶକୁ ସଂପର୍କର ନୂଆ ପର୍ବକୁ ଆଣିଛି-ଏକ ସହଯୋଗିତା ଯାହା ଇତିହାସର ଉପରେ ଭିତ୍ତି କରିଛି ଓ ଭବିଷ୍ୟତର ଦୃଷ୍ଟିକୋଣରେ ଦୃଢ଼ ହେଉଛି। ●

ବିଭାଗୀୟ ମୁଖ୍ୟ, ରାଜନୀତି ବିଜ୍ଞାନ ବିଭାଗ
ଲୋକନାଥ ମହାବିଦ୍ୟାଳୟ, ପାଟକୁରା, କେନ୍ଦ୍ରାପଡ଼ା
ମୋ- ୯୪୩୭୨୧୦୪୫୮

# ବ୍ୟବସ୍ଥାପକଙ୍କ ବେତନ ବୃଦ୍ଧି: ଏକ ଅନୁଶୀଳନ

**ଶ୍ରୀ ଅବନୀ ଚନ୍ଦ୍ର ଦାସ**

ସମୟର ଚକ୍ର ଘୂର୍ଣ୍ଣାୟମାନ। କେବେ କାହା ଭାଗ୍ୟରେ ଧନ ସମ୍ପଦ ଅବା ଐଶ୍ୱର୍ଯ୍ୟର ବର୍ଷା ହୁଏ ତ, କେବେ କାହାକୁ ଚୁଲି ଜାଳିବା ପାଇଁ ମଧ୍ୟ ସଂଘର୍ଷ କରିବାକୁ ପଡ଼େ। ଓଡ଼ିଶା ବିଧାନସଭାରେ ଆଗତ ହୋଇ ସଦ୍ୟ ପାରିତ ହୋଇଥିବା "ବେତନ ଓ ଭତ୍ତା ବୃଦ୍ଧି ବିଲ୍" ଏହି ସତ୍ୟକୁ ହିଁ ସ୍ପଷ୍ଟ କରିଛି। ବିଧାୟକ, ମନ୍ତ୍ରୀ, ବାଚସ୍ପତି, ଉପବାଚସ୍ପତି ଓ ପୂର୍ବତନ ବିଧାୟକ ଆଦି ବିଧି ବ୍ୟବସ୍ଥାପକଙ୍କ ପେନ୍‌ସନ୍/ବେତନ ବୃଦ୍ଧିର ଘୋଷଣା ସରିଛି। ସଂସଦୀୟ ପରମ୍ପରାର ଅଂଶ ଭାବେ ଏହିପରି ବିଲ୍ ପାସ୍ ହେବା ଏକ ରାଜନୈତିକ ପ୍ରକ୍ରିୟା ନିଶ୍ଚିତ, କିନ୍ତୁ ଏହାଦ୍ୱାରା ସାଧାରଣ ଜନତାଙ୍କ ମନରେ ଗୁଞ୍ଜରି ଉଠୁଥିବା ପ୍ରଶ୍ନଗୁଡ଼ିକୁ କଦାପି ଅବଦମିତ କରିବା ସମ୍ଭବ ନୁହେଁ।

ଏକ ମୁଖ୍ୟ ସାମ୍ବିଧାନିକ ପ୍ରଶ୍ନ ଆଜି ସମାଜରେ ଚିନ୍ତାର କାରଣ ସାଜି ସଭିଙ୍କ ମନରେ ନିଆଁ ପରି ହୁତୁହୁତୁ ହୋଇ ଜଳୁଛି। ସମାଜ ପାଇଁ, ସରକାରଙ୍କ ପାଇଁ ଅହରହ କର୍ତ୍ତବ୍ୟ ସମ୍ପାଦନ କରୁଥିବା ଶିକ୍ଷକ, ସ୍ୱାସ୍ଥ୍ୟକର୍ମୀ, ଯୋଜନା କର୍ମୀ, ସର୍ବନିମ୍ନସ୍ତରୀୟ କର୍ମଚାରୀ, ସଫେଇ କର୍ମଚାରୀ, ଶ୍ରମିକ/ଠିକା କର୍ମଚାରୀ, ଏପରିକି ଠିକା ସଂସ୍ଥା ଜରିଆରେ ଅନେକ ସରକାରୀ କାର୍ଯ୍ୟ କରୁଥିବା ଡାକ୍ତର, ଇଞ୍ଜିନିୟର ତଥା ଅନ୍ୟାନ୍ୟ ପଦସ୍ଥ ଅଧିକାରୀମାନଙ୍କ ବେତନ ବୃଦ୍ଧିର ଆବଶ୍ୟକତା ନାହିଁ କି ? ସେମାନେ କୌଣସି ଶ୍ରେଣୀଭୁକ୍ତ କର୍ମଚାରୀ / ଅଧିକାରୀ ନୁହନ୍ତି କି ?

ବିଧାୟକମାନଙ୍କ ଦରମା ବୃଦ୍ଧି ହେବାରେ କେତେକ ନିର୍ଦ୍ଦିଷ୍ଟ ଯୁକ୍ତି ରହିଥିବା କୁହାଯାଉଛି, ଯଥା: ସେମାନଙ୍କ ଉପରେ ରହୁଥିବା ଦାୟିତ୍ୱଭାର, ନିର୍ବାଚନୀ ଖର୍ଚ୍ଚ, ନିଜ ଅଞ୍ଚଳ / ଜିଲ୍ଲା ଭ୍ରମଣ, ଅନ୍ୟାନ୍ୟ ଜନସେବାର ଦାୟିତ୍ୱ, ଇତ୍ୟାଦି। ଏସବୁ ପ୍ରସଙ୍ଗମାନ ସଠିକ୍ ବୋଲି ଗ୍ରହଣ କରାଯାଉଥିଲେ ମଧ୍ୟ ଆମ ସମାଜର ଅନ୍ୟ କ୍ଷେତ୍ରରେ ପ୍ରତ୍ୟହ ୮ ରୁ ୧୦ ଘଣ୍ଟା ଶ୍ରମଦାନ କରୁଥିବା ୪ର୍ଥ ଶ୍ରେଣୀ କର୍ମଚାରୀ, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, କ୍ଷେତ୍ର - କର୍ମଚାରୀ, ସ୍ୱାସ୍ଥ୍ୟ କର୍ମୀମାନଙ୍କ ଜୀବନର ସ୍ଥିତି ଉପରେ ଅନୁଧ୍ୟାନ କରିବାପାଇଁ କେବେ ସମୟ ମିଳେ ? ଯଥାଯୋଗ୍ୟ ବେତନ ପାଇଁ ସେମାନେ ଭାଜ୍ୟ ନୁହନ୍ତି କି ?

ସାଧାରଣ କର୍ମଚାରୀଙ୍କ ଘରକୁ ବହୁଥିବା ଝାଞ୍ଜିପିଟା ଗରମ ପବନରେ ମିଶ୍ରିତ ବଜାର ଦର, ପିଲାଙ୍କ ପାଠପଢ଼ା ଖର୍ଚ୍ଚ, ପରିବାର ସଦସ୍ୟଙ୍କ ଚିକିତ୍ସା ଖର୍ଚ୍ଚ ଆଦି କେମିତି ଅବା ବଡ଼ବଡ଼ିଆଙ୍କ ଚଳଣି ସହ ତୁଳନୀୟ ହୋଇପାରିବ? ଏହି ପ୍ରଶ୍ନ ଆଜି ଅନେକଙ୍କ ମନକୁ ଆନ୍ଦୋଳିତ କରୁଛି।

ଆମ ରାଜ୍ୟରେ ଜଣେ ଶିକ୍ଷକ ହୁଅନ୍ତୁ କି, ଜଣେ ଶ୍ରମିକ ୨୫-୩୦ ବର୍ଷ ପର୍ଯ୍ୟନ୍ତ 'ସମାନ କାମ କୁ ସମାନ ଦରମା' ନ୍ୟାୟରେ ତତ୍ ଜନିତ ଅସଙ୍ଗତି ଦୂର କରିବାକୁ କିମ୍ବା ବେତନ ବୃଦ୍ଧି ପାଇଁ ଯେପରି ବିକଳ ଚିତ୍କାର କରି ଚାଲିଛନ୍ତି, ତାହା ପ୍ରାୟ କାହାରିକୁ ଅବିଦିତ ନୁହେଁ। ଏହି ନିମ୍ନବର୍ଗ କର୍ମଚାରୀ ବା ସେବା ପ୍ରଦାନକାରଙ୍କ ଦରମା ବୃଦ୍ଧି, ସୁରକ୍ଷା, ସାମାଜିକ ସମ୍ମାନ ଆଦି ସବୁ ଯେମିତି ଆଜି ମଧ୍ୟ 'ପରବର୍ତ୍ତୀ ସଭା'ର ଅପେକ୍ଷାରେ ଥିବା ନଥିପତ୍ରର ନାଲି ଫିତା ତଳେ ବନ୍ଧା ପଡ଼ିଛି।

ବିଧି ବ୍ୟବସ୍ଥାପକ ତଥା ନିର୍ବାଚିତ ଜନସେବକମାନଙ୍କ ଦରମା ବଢ଼ିବା ପାଇଁ ଯେପରି ଯୁକ୍ତି ଉପସ୍ଥାପିତ ହୋଇଥାଏ, ସେହି ଯୁକ୍ତିକୁ ନିମ୍ନ ବର୍ଗର ସରକାରୀ କର୍ମଚାରୀ, ଦିନ ମଜୁରିଆ, ଚାକିରି ପ୍ରାର୍ଥୀ ଯୁବକ, ଅଧିକୃତ ଦଖଲକାରୀ, ଗ୍ରାମାଞ୍ଚଳରେ ଜୀବିକାଧାରୀ ମାନଙ୍କ ପାଇଁ କାହିଁକି ସମାନ ପ୍ରକାର ମାପଦଣ୍ଡରେ ପ୍ରୟୋଗ କରାଯାଏ ନାହିଁ?

ସମାଜର ଅସମତା ସେତେବେଳେ ଅଧିକ ପ୍ରଗାଢ଼ ହୋଇଯାଏ, ଯେବେ କୌଣସି ବର୍ଗ ବୃତ୍ତିଧାରୀଙ୍କ ଦୀର୍ଘ ପଥ ଯାତ୍ରା ସୌଖିନ ଯାନରେ ସମାହିତ ହେଲାବେଳେ, ତଥାପି ତାହାକୁ 'ସମୟର ଆବଶ୍ୟକତା' ବୋଲି ବର୍ଣ୍ଣନା କରାଯାଏ। ଆଉ ଠିକ୍ ସେହି ବେଳେ ଅନ୍ୟ କୌଣସି ନିମ୍ନ ବର୍ଗ ସରକାରୀ କର୍ମଚାରୀଙ୍କ ପରିଶ୍ରମକୁ ବଜେଟ୍ ସଙ୍କଟର ଦ୍ୱାହି ଦେଇ ଉପେକ୍ଷା କରାଯାଏ। ଜନସେବକ/ପ୍ରତିନିଧିମାନେ ଯଦି ସମାଜର ମୂଳ ଆଧାର, ତେବେ ସମସ୍ତ ଜନସେବକଙ୍କ ପାଇଁ ସମ ନୀତି ପ୍ରଣୟନ ହେବା ଆବଶ୍ୟକ ନୁହେଁ କି ? ଏଥିରେ ବ୍ୟତିକ୍ରମ ହେଲେ ଜନତାର ବିଶ୍ୱାସ, ଯାହା ଗଣତନ୍ତ୍ରର ପ୍ରଥମ ବିଧି ବ୍ୟବସ୍ଥା ସେହିଥିରୁ ବିଚ୍ୟୁତ ହୋଇଯିବା ସ୍ୱାଭାବିକ।

ବେତନ ବୃଦ୍ଧି କୌଣସି ଅପରାଧ ନୁହେଁ କି, ଅଯୌକ୍ତିକ/ ଅବାନ୍ତର ନୁହେଁ। କିନ୍ତୁ ଏଥିରେ ସମାନତାର ଭୂମିକା ଅତ୍ୟନ୍ତ ଅପରିହାର୍ଯ୍ୟ। ବିଧାୟକଙ୍କ ବେତନ ବୃଦ୍ଧିକୁ ଯେତିକି ଗୁରୁତ୍ୱ ଦିଆଯାଉଛି; କଲ୍ୟାଣକର ଯୋଜନା ବୋଲି ବିବେଚନା କରାଯାଉଛି; ଅନୁରୂପେ ଗ୍ରାମାଞ୍ଚଳରେ କାର୍ଯ୍ୟରତ ଶିକ୍ଷକ, ସ୍ୱାସ୍ଥ୍ୟ କର୍ମୀ, କ୍ଷେତ୍ର କର୍ମଚାରୀ, ଠିକା କର୍ମଚାରୀ, ନିମ୍ନ ବର୍ଗ ପଦବୀଧାରୀ କର୍ମଜୀବୀ, ଅଥବା ଶ୍ରମିକ ତଥା ଦିନ ମଜୁରିଆଙ୍କ ବେତନ ବୃଦ୍ଧି କରି ସେମାନଙ୍କୁ ମଧ୍ୟ ସ୍ୱ ସ୍ୱ ଜୀବନରେ ଆଶାର ନୂଆ ଖାତା ଖୋଲିବାର ସହଜ ଅନୁଭବ କରିବାର ସୁଯୋଗ ଦିଆଯିବା ଆବଶ୍ୟକ।

ସରକାରୀ ଦପ୍ତର ଟେବୁଲ୍ ଯଦି ସମାନ ନ୍ୟାୟର ପାଦପୀଠ ହୋଇଯାଆନ୍ତା, ତେବେ ଆମ ରାଜ୍ୟର ଦୃଶ୍ୟ ଭିନ୍ନ ହୋଇଯାନ୍ତା ଏବଂ ଅମୃତ ଅନୁଭବ ଦେବାରେ ସହାୟକ ହୋଇପାରନ୍ତା। ବିଧାନସଭାର ପବିତ୍ର ଅଟ୍ଟାଳିକା ଉପରେ ଯେପରି ସୂର୍ଯ୍ୟ ଆଲୋକ ବିଚ୍ଛୁରିତ ହୁଏ, ସେପରି ରଶ୍ମି ମଧ୍ୟ ସାଧାରଣ କର୍ମଚାରୀଙ୍କ ଘର ଅଗଣାରେ ପ୍ରତିଭାତ ହୁଏ। ତେବେ ସୂର୍ଯ୍ୟରଶ୍ମି ବିକିରଣରେ ସମାନତା ଥିବା ନ୍ୟାୟରେ ବିଧି ବ୍ୟବସ୍ଥାପକ ମାନଙ୍କ ଭଳି ସାଧାରଣ କର୍ମଚାରୀଙ୍କ ବେତନ ବୃଦ୍ଧି ବ୍ୟାପାରକୁ ସମାନ ଆଧାରରେ ବିଚାର କରାଯିବା ଜରୁରୀ। ଏହାହିଁ ହେଉଛି ସତ୍ୟ ସୁଶାସନର ମୂଳ ମନ୍ତ୍ର। ●

ପ୍ରଶାନ୍ତି ବିହାର, ଭୁବନେଶ୍ୱର -୨୪
ଦୂରଭାଷ ନଂ: ୯୯୩୭୫୩୭୯୭୪

# ପଦ୍ମସମ୍ଭବଙ୍କ ମହାପରିନିର୍ବାଣ ସ୍ଥଳ

**ପ୍ରବୀର କୁମାର ପଟ୍ଟନାୟକ**

ଦ୍ୱିତୀୟ-ବୁଦ୍ଧ କଥା

*ପୂର୍ବପ୍ରକାଶିତ ଉତ୍ତାରୁ...*

ଗୁରୁ ପଦ୍ମ ସମ୍ଭବ ତାନ୍ତ୍ରିକ ବୌଦ୍ଧ ଧର୍ମ-ବଜ୍ରଯାନକୁ ତିବ୍ବତ ଏବଂ ଭୂଟାନ, ସିକ୍କିମ୍, ନେପାଳ, ଲଦାଖ, ଅରୁଣାଚଳ ପ୍ରଦେଶ ଆଦି ହିମାଳୟ ଅଞ୍ଚଳରେ ଅଷ୍ଟମ ଶତାବ୍ଦୀରେ ହିଁ ପ୍ରତିଷ୍ଠା ଓ ପ୍ରଚାର ପ୍ରସାର କରିଥିଲେ। ଗୁରୁ ପଦ୍ମସମ୍ଭବ ସେହି ଅଞ୍ଚଳରେ ଧର୍ମ ପ୍ରଚାର କାର୍ଯ୍ୟରେ ଭ୍ରମଣ କରୁଥିବା ସମୟରେ ଏହି ହଜୋ ଅଞ୍ଚଳ ସହ ମଧ୍ୟ ସମ୍ବନ୍ଧିତ ତଥା ସଂଯୁକ୍ତ ରହିଥିଲେ। ଯଦିଚ ତାହା ବୁଦ୍ଧଙ୍କର ମହାପରିନିର୍ବାଣ ସ୍ଥଳ ନୁହଁ, ତେବେ ହଜୋ ନିଶ୍ଚିତ ଭାବେ ଅନ୍ୟ କୌଣସି ବୌଦ୍ଧଧର୍ମର ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଆଚାର୍ଯ୍ୟଙ୍କ ସହ ସଂପର୍କିତ ରହିଥିଲା। ସେହି ଆଚାର୍ଯ୍ୟ ନିଶ୍ଚିତ ରୂପେ ବୁଦ୍ଧଙ୍କ ଭଳି ସମ୍ମାନ କିମ୍ବା ପରବର୍ତ୍ତୀ ଗୁରୁତ୍ୱପୂର୍ଣ୍ଣ ବୌଦ୍ଧଗୁରୁ ହୋଇଥିବେ ଏବଂ ସେହିଭଳି ସମ୍ମାନ ବୌଦ୍ଧଜଗତରେ ପାଉଥିବେ। ଗୁରୁ ପଦ୍ମସମ୍ଭବ ସମଗ୍ର ବୌଦ୍ଧଜଗତରେ ଦ୍ୱିତୀୟ ବୁଦ୍ଧ ଭାବେ ପରିଚିତ ଥିବା ସହ ତିବ୍ବତୀୟ ବୌଦ୍ଧ ଧର୍ମାବଲମ୍ବୀମାନେ ତାଙ୍କୁ ଭଗବାନ ବୁଦ୍ଧଙ୍କଠାରୁ ଅଧିକ ସମ୍ମାନ ତଥା ଭକ୍ତି ଅର୍ପଣ କରୁଥିଲେ। ଏଣୁ ନିଶ୍ଚିତ ଭାବେ ଏହି ହଜୋ ପୁଣ୍ୟକ୍ଷେତ୍ରଟି ଗୁରୁ ପଦ୍ମସମ୍ଭବଙ୍କର ମହାପରିନିର୍ବାଣ ସ୍ଥଳ। ସେ ଏହି ଅଞ୍ଚଳ ସହ ଅଧିକ ଜଡ଼ିତ ଏବଂ ତିବ୍ବତରୁ ଫେରିବା ପରେ ଜୀବନର ଶେଷକାଳରେ ଏ ଅଞ୍ଚଳକୁ ସେ ଅଧିକ ଯିବାଆସିବା କରୁଥିଲେ। ତାଙ୍କର ଅନ୍ତିମ ରହଣି ସ୍ଥଳ ଓଡ଼ିଶାର ଉଦୟଗିରି ମହାବିହାର ଥିଲା।

ଉଦୟଗିରି - ଇନ୍ଦ୍ରଭୂତିଙ୍କ ପୁତ୍ର ପଦ୍ମସମ୍ଭବଙ୍କର ଯାଜପୁରରେ ବିରଜାଙ୍କ ସହ ଐତିହାସିକ ସମ୍ବନ୍ଧ। ନେପାଳର ତାନ୍ତ୍ରିକ ପରମ୍ପରାରେ ବୁଦ୍ଧଙ୍କର ଭବିଷ୍ୟବାଣୀ ରହିଛି। ଏଥିରେ ଭଗବାନ ବୁଦ୍ଧ ସାରୀପୁତ୍ରଙ୍କୁ ଆଶ୍ୱାସନାବାଣୀ ଶୁଣାଉଛନ୍ତି କି ଭବିଷ୍ୟତରେ ସେ ପଦ୍ମସମ୍ଭବ ନାମ ଧାରଣ କରି ଜଣେ ବୁଦ୍ଧ ଭାବରେ ଜନ୍ମଗ୍ରହଣ କରିବେ ଏବଂ ସେତେବେଳେ ତାଙ୍କର ବିରଜାଙ୍କ ନିକଟରେ ବୋଧିପ୍ରାପ୍ତି ହେବ। ପଦ୍ମସମ୍ଭବ, ତାରା ଓ ଅନ୍ୟ ଦେବଦେବୀଙ୍କୁ ଆବାହନପୂର୍ବକ ଦଣ୍ଡାୟମାନ ଅବସ୍ଥାରେ ରହିଥିବା ବୋଧିସତ୍ତ୍ୱ ମୂର୍ତ୍ତିର ପଛପାଖରେ ପଚିଶ ଧାଡ଼ିବିଶିଷ୍ଟ ଏକ ଲମ୍ବା ଅଭିଲେଖ ଖୋଦିତ ହୋଇଛି ଏବଂ ଏହି ମୂର୍ତ୍ତି ବିରଜାଙ୍କ ନିକଟରେ ଉଦୟଗିରି ମହାବିହାରର ଧ୍ୱଂସାବଶେଷରେ ରହିଛି। ଏଥିରେ ଲେଖାଯାଇଛି- 'ତଥାଗତାଧିଷ୍ଠିତ ଧାତୁଗର୍ଭ ସ୍ତୂପ(ତଥାଗତ ବୁଦ୍ଧଙ୍କ ଦେହାବଶେଷ ଏଠାରେ ସ୍ତୂପ ମଧ୍ୟରେ ରହିଛି)। ସେହି ସ୍ତୂପ ସେହି ସ୍ଥାନରେ ରହିଥିବା ସେହି ଅଭିଲେଖ ଦର୍ଶାଉଛି। ଏହି ସ୍ତୂପରେ ନିଶ୍ଚିତଭାବେ ପଦ୍ମସମ୍ଭବଙ୍କର ଦେହାବଶେଷ ରହିଛି ଏବଂ ଏହି ସ୍ତୂପର ଧ୍ୱଂସାବଶେଷ ନିଶ୍ଚିତଭାବେ ସେହି ମୂର୍ତ୍ତି ରହିଥିବା ସ୍ଥାନଟିର ଆଖପାଖରେ ରହିଛି ବୋଲି ଗବେଷକମାନଙ୍କର ବିଶ୍ୱାସ।

ଏସବୁରୁ ଏହା ସୂଚିତ ହେଉଛି ଯେ ଗୁରୁ ପଦ୍ମସମ୍ଭବଙ୍କ ପିତା ଇନ୍ଦ୍ରଭୂତି ଯେକି ଉଡ୍ଡୀୟାନ ଅଞ୍ଚଳର ଜଣେ ରାଜା ଥିଲେ। ଏହି ଉଡ୍ଡୀୟାନ ହେଉଛି ବର୍ତ୍ତମାନର ଓଡ଼ିଶା, ଯାହା ହେଉଛି ଓଡ୍ରପୀଠ। ଏହି ପୀଠର ପୀଠ ଦେବାଦେବୀ ହେଉଛନ୍ତି ଜଗନ୍ନାଥ ଓ ବିରଜା। ଉଦୟଗିରି ମହାବିହାରରେ କୌଣସି ମତେ ଭଗବାନ ବୁଦ୍ଧଙ୍କର ଦେହାବଶେଷ ଥିବାର କୌଣସି ସୂଚନା କୌଣସିଠାରେ ହିଁ ନାହିଁ। ତେଣୁ ଭବିଷ୍ୟବାଣୀ ମୁତାବକ ଏହି ଦେହାବଶେଷ ହେଉଛି ପଦ୍ମସମ୍ଭବଙ୍କର।

ଉପରେ ପଦ୍ମସମ୍ଭବଙ୍କ ଦେହାବଶେଷ ତଥା ମହାପରିନିର୍ବାଣ ସଂପର୍କରେ ବିସ୍ତୃତଭାବେ ଆଲୋଚନା କରାଗଲା। ଆଲୋଚନା ମତେ ପଦ୍ମସମ୍ଭବଙ୍କର ଦେହାବଶେଷ ଉଭୟ ଆସାମର କୁଶନଗର ଅଥବା ହଜୋ ଏବଂ ଓଡ଼ିଶାର ଉଦୟଗିରିଠାରେ ରହିଥିବା ଜଣାଯାଉଛି। ଗବେଷକମାନେ ଏହି ଉଭୟସ୍ଥଳକୁ ମଧ୍ୟ ତାଙ୍କର ମହାପରିନିର୍ବାଣ ସ୍ଥଳଭାବେ ଚିହ୍ନଟ କରୁଛନ୍ତି। ପରମ୍ପରା ହଜୋର ଗୁରୁତ୍ୱ ଦର୍ଶାଉଥିବା ବେଳେ ପୁରାଣତ୍ତ୍ୱିକ ପ୍ରାମାଣିକ ତଥ୍ୟ ଦୃଢ଼ଭାବରେ ଉଦୟଗିରି ବିଷୟ ଦର୍ଶାଉଛି। ଗୁରୁ ପଦ୍ମସମ୍ଭବ ତିବ୍ବତରୁ ଫେରିବା ପରେ ଏହି ଉଦୟଗିରିଠାରେ ହିଁ ଅବସ୍ଥାନ କରୁଥିଲେ। ଜୀବନର ଶେଷ ଭାଗରେ ତାଙ୍କର ଜନ୍ମଭୂମି ଉଡ୍ଡୀୟମାନ (ଓଡ଼ିଶା)ରୁ ଆସାମ, ଭୂଟାନ ଅଞ୍ଚଳକୁ ଅନେକବାର ଯିବା ଆସିବା କରୁଥିଲେ। ଏଣୁ ଉଭୟ ସ୍ଥଳ ତାଙ୍କର ମହାପରିନିର୍ବାଣ ସ୍ଥଳ ହୋଇପାରେ। ମାତ୍ର ପୁରାଣତାତ୍ତ୍ୱିକ ଦୃଷ୍ଟିକୋଣରୁ ଉଦୟଗିରିକୁ ଗୁରୁ ପଦ୍ମସମ୍ଭବଙ୍କର ମହାପରିନିର୍ବାଣସ୍ଥଳ ବୋଲି ଦୃଢ଼ ଭାବେ ଗ୍ରହଣ କରାଯାଇପାରିବ। (ସମାପ୍ତ) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ବିଧାୟକଙ୍କ ଦରମା ବୃଦ୍ଧିକୁ ନେଇ ବର୍ଷିଲେ ପ୍ରଫୁଲ୍ଲ ସାମନ୍ତରା

## ‘ପ୍ରଶ୍ନ କରି ବ୍ୟବସ୍ଥା ପରିବର୍ତ୍ତନ କରନ୍ତୁ ଯୁବପିଢ଼ି’

**ଭୁବନେଶ୍ୱର, ୧୨।୧୨(ସମିସ):** ଥରେ ବିଧାୟକ ହେଲେ ସାଢ଼େ ୩ ଲକ୍ଷ ଟଙ୍କା ଦରମା ମିଳିବ। ଦିନେ ପାଇଁ ବିଧାୟକ ହେଲେ ବି ଦରମା ସାଙ୍ଗକୁ ପେନସନ ପାଇଁ ହକଦାର ହେବେ। ଜଣେ ବିଧାୟକ ଯଦି ସାଂସଦ ହେବେ ବା ହୋଇଥିବେ, ତାହେଲେ ଦୁଇଟି ପେନସନ୍ ପାଇବେ। ଲୋକଙ୍କ ସେବା ପାଇଁ ଆସୁଥିବା ଲୋକ ପ୍ରତିନିଧିମାନେ ମଧ୍ୟ ନୈତିକତା ହରାଇ ଏକାଧିକ ପେନସନ୍ ନେଉଛନ୍ତି। ଓଡ଼ିଶା ପରି ଏକ ଗରିବ ରାଜ୍ୟରେ ବିଧାୟକଙ୍କ ଦରମାକୁ ରାଜ୍ୟ ସରକାର ୩ ଗୁଣା ବୃଦ୍ଧି କରିବା ପରେ ସରକାର ଓ ସରକାରୀ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି ଲୋକଶକ୍ତି ଅଭିଯାନର ସଭାପତି ପ୍ରଫୁଲ୍ଲ ସାମନ୍ତରା।



**ଲୋକ ପ୍ରତିନିଧି ନେଉଛନ୍ତି ଏକାଧିକ ପେନସନ୍**

**ଆର୍ଥିକ ସ୍ୱଚ୍ଛଳ ସତ୍ତ୍ୱେ କାହିଁକି ମିଳୁଛି ସହାୟତା**

ଶ୍ରୀ ସାମନ୍ତରା କହିଛନ୍ତି ଯେ ଜଣେ ବ୍ୟକ୍ତି ଏକାଧିକ ସରକାରୀ ଚାକିରି କରିଥିଲେ ମଧ୍ୟ କେବଳ ଗୋଟିଏ ପେନସନ୍ ପାଉଛନ୍ତି। ହେଲେ ଲୋକଙ୍କ ସେବା କରିବାକୁ କହି ନିର୍ବାଚିତ ହେଉଥିବା ଲୋକ ପ୍ରତିନିଧିମାନେ ଏକାଧିକ ପେନସନ୍ ଉଠାଉଛନ୍ତି। ଏହା ପେନସନ୍ ପ୍ରଦାନରେ ଅସମାନତା ସୃଷ୍ଟି କରୁଥିବାରୁ ବ୍ୟବସ୍ଥାକୁ ପରିବର୍ତ୍ତନ କରିବାକୁ ରାଜ୍ୟ ଓ ଦେଶର ନିର୍ବାଚିତ ପ୍ରତିନିଧିଙ୍କୁ ସେ ଆହ୍ୱାନ ଦେଇଛନ୍ତି। ଅନୁରୂପ ଭାବେ ନିକଟରେ ବିଧାୟକଙ୍କ ଦରମା ବୃଦ୍ଧି ନିଷ୍ପତ୍ତିକୁ ସେ ନିନ୍ଦା କରିଛନ୍ତି। ଦେଶରେ ବେକାରୀ ହାର ବଢୁଥିବାବେଳେ ସେମାନଙ୍କ ପାଇଁ ରୋଜଗାର ସୃଷ୍ଟି କରାଯାଉ ନାହିଁ। କୌଣସି ଭତ୍ତା ପ୍ରଦାନ କରାଯାଉ ନାହିଁ। ଦିନ ମଜୁରିଆଙ୍କ ଦୈନିକ ମଜୁରୀ ବଢ଼ାଇବାକୁ ସରକାର ପ୍ରସ୍ତୁତ ନାହାନ୍ତି। ଅନେକ ଦିନକୁ ମାତ୍ର ଶହେ ଟଙ୍କାରେ ଖଟୁଛନ୍ତି। ଅସହାୟ ବୃଦ୍ଧ ବୃଦ୍ଧାଙ୍କ ପେନସନ୍‌କୁ ସେମାନଙ୍କ ଚଳିବା ଭଳିଆ ପ୍ରଦାନ କରାଯାଉ ନାହିଁ। ହେଲେ ନୀତି ନିର୍ଦ୍ଧାରଣ କରୁଥିବା ବିଧାୟକ ନିଜର ଦରମା ନିଜେ ବଢ଼ାଇ ଦେଉଛନ୍ତି। ଏହା ଅନୈତିକ ଓ ଜନତାଙ୍କ ପ୍ରତି ସ୍ପଷ୍ଟ ପ୍ରତାରଣା ବୋଲି ଶ୍ରୀ ସାମନ୍ତରା କହିଛନ୍ତି। ସେହିପରି ବିଧାୟକ ଓ ସାଂସଦ ମାନଙ୍କୁ ଆଜୀବନ ପେନସନ୍ ପ୍ରଦାନକୁ ସେ ବିରୋଧ କରିଛନ୍ତି। ସାଧାରଣ ଲୋକେ ରାସନ୍‌କାର୍ଡ ଖଣ୍ଡେ କରିବା ପାଇଁ ଯେପରି ବିଭିନ୍ନ ମାନଦଣ୍ଡ ରହିଛି, ବିଧାୟକଙ୍କ କ୍ଷେତ୍ରରେ ମଧ୍ୟ ମାନଦଣ୍ଡ ରହିବା ଆବଶ୍ୟକ। ଅନେକ ବିଧାୟକ ଆର୍ଥିକ ସ୍ୱଚ୍ଛଳ ଥିବାରୁ ସେମାନଙ୍କୁ ପେନସନ୍ ପ୍ରଦାନ କରିବା ଯଥାର୍ଥ ନୁହେଁ। ରାଜ୍ୟ ଓ ଦେଶର ଯୁବପିଢି ଏହାକୁ ନେଇ ପ୍ରଶ୍ନ କରିବା ସହ ବ୍ୟବସ୍ଥା ପରିବର୍ତ୍ତନ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି।

### ସାଲନ୍ଦୀ ନଦୀ ପଠାକୁ ଜବରଦଖଲମୁକ୍ତ ପାଇଁ ସରକାରୀ ନିଷ୍କ୍ରିୟତା

## ପଦକ୍ଷେପ ବାବଦରେ ସତ୍ୟପାଠ ଦିଅ: ହାଇକୋର୍ଟ

**କଟକ,୧୨। ୧୨(ସମିସ):** ଭଦ୍ରକର ସାଲନ୍ଦୀ ନଦୀ ପଠାକୁ ଜବରଦଖଲକାରୀଙ୍କ କବଳରୁ ମୁକ୍ତ କରିବା କ୍ଷେତ୍ରରେ ସରକାରୀ ନିଷ୍କ୍ରିୟତା ଅଭିଯୋଗ କରି ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ଏପରିକି ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଗତ ୨୦୨୩, ନଭେମ୍ବର ୧୪ରେ ଦାଖଲ କରିଥିବା ତଦନ୍ତ ରିପୋର୍ଟରେ ଦେଇଥିବା ପରାମର୍ଶ ଅନୁପାଳନ ହୋଇନଥିବାରୁ ଅଦାଲତ ଅସନ୍ତୋଷ ପ୍ରକାଶ କରିବା ସହ ଏହି ରିପୋର୍ଟ ଅନୁସାରେ କଣ ପଦକ୍ଷେପ ନିଆଯାଇଛି ତାହାକୁ ସତ୍ୟପାଠ ଜରିଆରେ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଲକ୍ଷ୍ମଣ ମିଶ୍ର ଓ ଅନ୍ୟଜଣଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ତଦନ୍ତ ରିପୋର୍ଟରେ ଦିଆଯାଇଥିବା ପରାମର୍ଶ ଅନୁସାରେ ଉପଯୁକ୍ତ କାର୍ଯ୍ୟପନ୍ଥା ଗ୍ରହଣ ସହିତ ନଦୀ ସଂଲଗ୍ନ ଗାଁର ବାସିନ୍ଦାଙ୍କ ଧନଜୀବନ ସୁରକ୍ଷା ପ୍ରସଙ୍ଗକୁ ଧ୍ୟାନ ଦିଆଯିବା ଉଚିତ ବୋଲି ହାଇକୋର୍ଟ କହିଛନ୍ତି ୨୦୨୬, ଜାନୁଆରି ୧୩କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ମାମଲାରୁ ପ୍ରକାଶ ଯେ ପ୍ରତିବର୍ଷ ସାଲନ୍ଦୀରେ ବନ୍ୟା ଆସୁଥିବାରୁ ନଦୀର ଗତିପଥ ବଦଳୁଛି। ଏଭଳି ସ୍ଥିତିର ଫାଇଦା ଉଠାଇ ନଦୀ ନିକଟ ଜମି ମାଲିକମାନେ ନଦୀପଠାକୁ ବେଆଇନ ଜବରଦଖଲ କରି ଘର ନିର୍ମାଣ କରିଥିଲେ। ଏଭଳି ଅଭିଯୋଗ ପରେ ଜଳସଂପଦ ବିଭାଗ ତରଫରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ତଦନ୍ତ ରିପୋର୍ଟରେ ନଦୀପଠା ଜବରଦଖଲ ସହ ବର୍ଜ୍ୟବସ୍ତୁ ପକାଯାଉଥିବା କଥା ଉଲ୍ଲେଖ କରାଯାଇଥିଲା। ନଦୀପଠାରୁ ଅନଧିକୃତ ଅବରୋଧ ହଟାଇବା, ମୃତ୍ତିକା କ୍ଷୟ ନିୟନ୍ତ୍ରଣ ପାଇଁ ବୃକ୍ଷରୋପଣ, ବର୍ଜ୍ୟବସ୍ତୁ ପାଇଁ ବିକଳ୍ପ ବ୍ୟବସ୍ଥା, ବିଶୋଧନ ପରେ ଜଳ ନଦୀକୁ ଛାଡ଼ିବା, ବନ୍ୟା ପ୍ଲାବିତ ଜୋନ ଓ ନକ୍ସା କରିବା ସହିତ ଚେତାବନୀ ବ୍ୟବସ୍ଥା ପାଇଁ ତଦନ୍ତ ରିପୋର୍ଟରେ ପରାମର୍ଶ ଦିଆଯାଇଥିଲା। ଏହି ରିପୋର୍ଟ ଆଧାରରେ ପଦକ୍ଷେପ ଗ୍ରହଣ ପାଇଁ ଜଳସଂପଦ ବିଭାଗ କହିଥିଲେ ମଧ୍ୟ ସୁଫଳ ମିଳି ନଥିଲା ବୋଲି ଦର୍ଶାଇ ଏହି ଜନସ୍ୱାର୍ଥ ମାମଲା ଦାୟର ହୋଇଛି।

## ଦୋଷମୁକ୍ତ କର୍ମଚାରୀଙ୍କୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାରେ ଦଣ୍ଡିତ କରାଯାଇପାରିବ ନାହିଁ: ହାଇକୋର୍ଟ

**କଟକ,୧୨।୧୨(ସମିସ):** ଭିଜିଲାନ୍ସ ପ୍ରକ୍ରିୟାରେ ଦୋଷମୁକ୍ତ ହୋଇଥିବା କର୍ମଚାରୀଙ୍କୁ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାରେ ଦଣ୍ଡିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏଥିସହ ଆବେଦନକାରୀଙ୍କ ବିରୋଧରେ ପୁଲିସ ଡିଜିଙ୍କ ପକ୍ଷରୁ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପୂର୍ବକ ଗତ ୨୦୧୯ ଜୁନ୍ ୩୦ରେ ପ୍ରଦାନ କରାଯାଇଥିବା ଦୁଇଟି ବ୍ଲାକ୍ ମାର୍କ ଦଣ୍ଡକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଅନ୍ୟପଟରେ ଆବେଦନକାରୀଙ୍କ ପକ୍ଷରୁ ଉପରୋକ୍ତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବିରୋଧରେ ହୋଇଥିବା ଆବେଦନକୁ ଖାରଜ କରି ସରକାର ପ୍ରଦାନ କରିଥିବା ଗତ୨୦୨୧ ଅକ୍ଟୋବର୩୦ର ଆଦେଶକୁ ମଧ୍ୟ ଅଦାଲତ ରଦ୍ଦ କରିଦେଇଛନ୍ତି। ଅଜୟ କୁମାର ଜେନାଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଚାକିରିରେ ଥିବା ବେଳେ ତାଙ୍କ ବିରୋଧରେ ଗତ ୨୦୧୧ରେ ବ୍ରହ୍ମପୁର ଭିଜିଲାନ୍ସରେ ଏକ ମାମଲା ରୁଜୁ ହୋଇଥିଲା। ତେବେ ଏହି ମାମଲାରେ ତାଙ୍କୁ ଗତ ୨୨.୦୯.୨୦୧୫ ତାରିଖର ରାୟ ଅନୁଯାୟୀ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ନିର୍ଦ୍ଦୋଷ ସାବ୍ୟସ୍ତ କରିଥିଲେ। ହେଲେ ଭିଜିଲାନ୍ସ ମାମଲା ଆଧାରରେ ଆବେଦନକାରୀଙ୍କ ବିରୋଧରେ ଚାଲିଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାରେ ଦୁଇଟି ବ୍ଲାକ ମାର୍କ ଦଣ୍ଡ ଦେଇଥିଲେ। ଯେଉଁ ଭିଜିଲାନ୍ସ ମାମଲା ଆଧାରରେ ତାଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା ସେହି ମାମଲାରେ ଦୋଷମୁକ୍ତ ହେବା ସତ୍ତ୍ୱେ ତାଙ୍କୁ ବ୍ଲାକ ମାର୍କ ମିଳିବା ବେଆଇନ ଦର୍ଶାଇ ସରକାରଙ୍କୁ ଫେରାଦ ହୋଇଥିଲେ।

## ୧୪ରେ କଟକ ଆସିବେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି

**କଟକ,୧୨।୧୨(ସମିସ):** ଆସନ୍ତା ୧୪ ତାରିଖ ରବିବାର ଦିନ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ କଟକ ଆସିବେ। ପ୍ରଧାନ ବିଚାରପତି ଭାବେ ଶପଥ ଗ୍ରହଣ କରିବା ପରେ ପ୍ରଥମ ଥର ପାଇଁ ଓଡିଶା ଗସ୍ତରେ ଆସୁଛନ୍ତି ଜଷ୍ଟିସ ସୂର୍ଯ୍ୟକାନ୍ତ। ଆସନ୍ତା ରବିବାର ପୂର୍ବାହ୍ନ ୧୦ଟା୩୦ରେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ କଟକ ସହିଦ ଭବନ ଠାରେ ଆୟୋଜିତ ହେବାକୁ ଥିବା ଏକ ଆଲୋଚନାଚକ୍ରରେ ସେ ଯୋଗଦେଇ ଉଦବୋଧନ ଦେବେ। ଏନେଇ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ହାଇକୋର୍ଟ ବାର ଆସୋସିଏସନର ସଭାପତି ମନୋଜ ମିଶ୍ର ଓ ସମ୍ପାଦକ ଅଭିଜିତ ପଟ୍ଟନାୟକ। “ସାଧାରଣ ଲୋକଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ, ମାମଲା ଖର୍ଚ୍ଚ ଏବଂ ବିଳମ୍ବ ହ୍ରାସ କରିବା ପାଇଁ ରଣନୀତି ଶୀର୍ଷକ ବିଷୟବସ୍ତୁ ଉପରେ ଉଦ୍‌ବୋଧନ ଦେବେ ଜଷ୍ଟିସ ସୂର୍ଯ୍ୟକାନ୍ତ। ଏହି କାର୍ଯ୍ୟକ୍ରମ ଅବସରରେ ୫୦ବର୍ଷରୁ ଅଧିକ ସମୟ ଧରି ଓକିଲାତିରେ ନିୟୋଜିତ ଥିବା ବରିଷ୍ଠ ଆଇନଜୀବୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ, ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ , ବାର କାଉନସିଲ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ପ୍ରମୁଖ ଅତିଥି ଭାବେ ଯୋଗଦେବେ ।ଏହି ସାମ୍ବିଦିକ ସମ୍ମିଳନୀରେ ବାର୍ ଆସୋସିଏସନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଚିଲତଇଲା ଆଶ୍ରମ ସ୍କୁଲର ୩ ଛାତ୍ର ନିଖୋଜ

**ହିନ୍ଦୋଳ/ଖଜୁରିଆକଟା,୧୨।୧୨(ସମିସ):** ହିନ୍ଦୋଳ ଉପଖଣ୍ଡ ଗଣ୍ଡାନାଳୀ ପଞ୍ଚାୟତ ଚିଲତଇଲା ଆଶ୍ରମ ସ୍କୁଲ ଛାତ୍ରାବାସରୁ ବୁଧବାର ୩ ଛାତ୍ର ନିଖୋଜ ହୋଇଯାଇଛନ୍ତି। ସେମାନେ ହେଲେ, ଭୁବନ ଥାନା କଂସରଗୋଡ଼ା ଗ୍ରାମର କାଳିଆ ମୁର୍ମୁଙ୍କ ୨ୟ ଶ୍ରେଣୀରେ ପଢୁଥିବା ପୁଅ ସ୍ୱାଧୀନ ମୁର୍ମୁ (୭), ଷଷ୍ଠ ଶ୍ରେଣୀରେ ପଢୁଥିବା କାଳିଆଙ୍କ ପୁତୁରା ଶିବ ମୁର୍ମୁ ଓ ବାପି ବେଶ୍ରା (୧୦)। ବୁଧବାର ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଚାଲିଥିବା ବେଳେ ଖେଳପଡ଼ିଆରୁ ଏହି ପିଲାମାନେ କେଉଁଆଡ଼େ ଚାଲିଯାଇଛନ୍ତି। ଏହି ବିଦ୍ୟାଳୟରେ ୪୩୭ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ୩୩୩ ଜଣ ହଷ୍ଟେଲରେ ରୁହନ୍ତି। ସବୁଦିନ ଭଳି ବୁଧବାର ପିଲାଙ୍କ ଉପସ୍ଥାନ ନେବା ବେଳେ ସ୍ୱାଧୀନ, ଶିବ ଓ ବାପି ନ ଥିବା ଶିକ୍ଷକମାନେ ଜାଣିବାକୁ ପାଇଥିଲେ। ଖୋଜାଖୋଜି କଲାପରେ ସେମାନଙ୍କୁ ନ ପାଇବାରୁ ଗୁରୁବାର ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ସ୍ୱାଧୀନଙ୍କ ମାଆ ବିଜନ୍ତୀ ସୋରେନ ଏ ନେଇ ରାସୋଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

## ଅବଶିଷ୍ଟାଂଶ

### ସରିଲା ବିଧାନସଭା...

କରିଛନ୍ତି। ବିରୋଧୀ ଦଳରେ ଥିବାବେଳେ ଏବେକାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସେମାନଙ୍କ ଦାବିକୁ ଯଥାର୍ଥ ବୋଲି କହିବା ସହ ଧାରଣାସ୍ଥଳକୁ ଯାଇ ସମର୍ଥନ କରିଥିଲେ। ହେଲେ ଶାସନକୁ ଆସିବା ପରେ ଟାଳଟୁଳ ନୀତି ଆପଣାଉଛନ୍ତି। ସେମାନଙ୍କୁ ପ୍ରତାରିତ କରିଛନ୍ତି। ଅପରପକ୍ଷରେ କାଳକ୍ଷେପଣ ନୀତି ସଦୃଶ କମିଟି ଗଠନ କରିଛନ୍ତି। ପୂର୍ବରୁ ଏକାଧିକବାର କମିଟି ଗଠନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏଣୁ କମିଟି ଗଠନ ଆଳରେ ବିଳମ୍ବ ନ କରି ସେମାନଙ୍କ ଦାବିକୁ ତ୍ୱରିତ ପୂରଣ କରିବାକୁ ସଂଘର ସଭାପତି ଡ. ଦେବ ବିଜୟ ମିଶ୍ର ପ୍ରକାଶ କରିଛନ୍ତି। ଅପରପକ୍ଷରେ ଆନ୍ଦୋଳନକାରୀଙ୍କ ଏକ ପ୍ରତିନିଧି ଦଳଙ୍କ ସହ ମୁଖ୍ୟ ଶାସନ ସଚିବ ଆଲୋଚନା କରିଛନ୍ତି। ସମସ୍ତ ଦାବିକୁ ଶୁଣିବା ପରେ ଆସନ୍ତା ସପ୍ତାହରେ ମୁଖ୍ୟମନ୍ତ୍ରୀଙ୍କ ସହ ସଂଘ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଥିବା ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। ଏହି ବିକ୍ଷୋଭରେ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଯୋଗ ଦେଇଥିଲେ।

ଅନୁରୂପ ଭାବେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା କଳା ଓ କ୍ରୀଡ଼ା ଶିକ୍ଷକମାନେ ମଧ୍ୟ ଶୁକ୍ରବାର ଗାନ୍ଧୀମାର୍ଗରେ ଆନ୍ଦୋଳନ କରିଛନ୍ତି। ଦୀର୍ଘ ବର୍ଷରୁ ନିରବଚ୍ଛିନ୍ନ ଭାବେ ଛାତ୍ରଛାତ୍ରୀଙ୍କୁ ସେବା ଯୋଗାଇ ଆସୁଥିଲେ ମଧ୍ୟ ସେମାନଙ୍କୁ ନିୟମିତ କରାଯାଇ ନ ଥିବା ଅଭିଯୋଗ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ମାନସିକ ଓ ଶାରିରୀକ ଭାବେ ସୁସ୍ଥ ରଖିବା ସହ କ୍ରୀଡ଼ା ଓ କଳା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପଛରେ ରହିଥିବା ଶିକ୍ଷକଙ୍କ ଦାବିକୁ ପୂରଣ କରିବାକୁ ଦାବି କରିଛନ୍ତି। ଏଣୁ ସେମାନଙ୍କ ପାଇଁ କ୍ୟାରିଅର୍ ଆଡଭାନ୍ସମେଣ୍ଟ ପଲିସି ଲାଗୁ କରିବା ସହ ନିୟମିତ କରିବାକୁ ସଂଘର ଆବାହକ ଜଗଦାନନ୍ଦ ଗିରି ଓ ରଶ୍ମିରଞ୍ଜନ ସାହାଣୀଙ୍କ ନେତୃତ୍ୱରେ ଆନ୍ଦୋଳନ କରିଛନ୍ତି।

### ସର୍ଭିସ ବନ୍ଧୁକରୁ...

ନୂଆପଡା ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ଆଣିଛନ୍ତି। କୋମନା ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଶନିବାର ମୃତଦେହର ବ୍ୟବଚ୍ଛେଦ ପରେ ମର ଶରୀରକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବବୋଲି ଜଣାପଡିଛି। ଆତ୍ମହତ୍ୟାର କାରଣ ଜଣାପଡିନାହିଁ।

### ରାତିରେ ଶୀତର...

କରାଯାଇଛି। ତାପମାତ୍ରା ସ୍ୱାଭାବିକ ତୁଳନାରେ ୩-୬ ଡିଗ୍ରୀ ପର୍ଯ୍ୟନ୍ତ କମ୍ ରହୁଥିବା ବେଳେ ଶୀତର ପ୍ରଭାବ ଅଧିକ ରହୁଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଆସନ୍ତା ୨୪ ଘଣ୍ଟାରେ ୯ ଜିଲ୍ଲା ଅର୍ଥାତ ସୁନ୍ଦରଗଡ, ଅନୁଗୁଳ, ଝାରସୁଗୁଡା, କେନ୍ଦ୍ରାପଡା, ଜଗତସିଂହପୁର, ଖୋର୍ଦ୍ଧା, ଢେଙ୍କାନାଳ, କଳାହାଣ୍ଡି ଓ କନ୍ଧମାଳରେ ପ୍ରବଳ ଶୀତ ଅନୁଭୂତ ହେବାର ସମ୍ଭାବନା ରହିଛି। ତେଣୁ ଏହି ସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେପଟେ ରାଜ୍ୟର ଅନେକ ସ୍ଥାନରେ ଘନ କୁହୁଡି ଦୃଶ୍ୟମାନ ହେଉଥିବା ବେଳେ ଆହୁରି ୪୮ ଘଣ୍ଟା ଘନ କୁହୁଡିର ପ୍ରଭାବ ରହିବ ବୋଲି ଜଣାପଡ଼ିଛି। ଆସନ୍ତା ୨୪ ଘଣ୍ଟାରେ ସୁନ୍ଦରଗଡ଼ ଓ କୋରାପୁଟରେ ଘନ କୁହୁଡ଼ିର ଦୃଶ୍ୟମାନ ହୋଇପାରେ, ତେଣୁ ଏହି ସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେ ଆହୁରି କହିଛନ୍ତି, ରାଜ୍ୟରେ ଆହୁରି ଦୁଇ ଦିନ ଯାଏଁ ପ୍ରବଳରୁ ଅତିପ୍ରବଳ ଶୀତ ଅନୁଭୂତ ହେବ। ଏହାପରେ ଗୋଟିଏ କିମ୍ବା ଦୁଇ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇବ। ଆସନ୍ତା ୭ ଦିନ ମଧ୍ୟରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି।

### ବୀମା କ୍ଷେତ୍ରରେ...

ଯାହା ଫଳରେ ସେବାର ଗୁଣବତ୍ତା ଉନ୍ନତ ହେବ। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ବଜେଟ୍ ଭାଷଣରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବୀମା ଶିଳ୍ପରେ ବିଦେଶୀ ନିବେଶ ସୀମାକୁ ୭୪%ରୁ ୧୦୦% କୁ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଥିଲେ।

### ରାଜଧାନୀର ହୁକ୍କା ବାର୍‌ରେ...

ଅଗ୍ନିଶମ ବିଭାଗକୁ ଫୋନ୍ ଯାଇଥିଲା। ୭ଟି ଦମକଳ ଗାଡି ଓ ଅଗ୍ନିଶମ କର୍ମଚାରୀ ୨ ଘଣ୍ଟା ଧରି ପରିଶ୍ରମ କରିବା ପରେ ନିଆଁକୁ ଆୟତ୍ତ କରିଥିଲେ।

ତେବେ ନିଆଁ କେମିତି ଲାଗିଲା ଏହାକୁ ନେଇ ଏବେ ବିବାଦ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକଙ୍କ ସହ ବିବାଦ ଯୋଗୁଁ ରେସ୍ତୋରାଁରେ କେହି ଜାଣିଶୁଣି ନିଆଁ ଲଗାଇ ଦେଇଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ରେସ୍ତୋରାଁ ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କ କହିବା ମୁତାବକ ନିକଟସ୍ଥ ଏକ ହୋଟେଲର ଏୟାର କଣ୍ଡିସନରରେ ପ୍ରଥମେ ସର୍ଟ ସର୍କିଟ୍ ହୋଇଥିଲା ଓ ପରେ ନିଆଁ ସାରା ରେସ୍ତୋରାଁକୁ ବ୍ୟାପିଥିଲା। ଅନ୍ୟପକ୍ଷରେ ଅନ୍ୟ କିଛି ଲୋକ ଅଗ୍ନିକାଣ୍ଡ ପାଇଁ ରେସ୍ତୋରାଁ ମାଲିକ ଏବଂ କର୍ମଚାରୀଙ୍କୁ ସିଧାସଳଖ ଦାୟୀ କରିଛନ୍ତି। ପ୍ରକୃତ କାରଣ ଖୋଜିବାକୁ ପୁଲିସ ଏହାର ଅନୁସନ୍ଧାନ ଚଳାଇଛି।

ଏହି ରେସ୍ତୋରାଁରେ ଅଗ୍ନିକାଣ୍ଡ ପରେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ଲୋକେ ଏକତ୍ର ହୋଇ ରେସ୍ତୋରାଁରେ ଚାଲିଥିବା ଅନୈତିକ କାର୍ଯ୍ୟକୁ ବିରୋଧ କରିଥିଲେ। ଅଗ୍ନିକାଣ୍ଡ ପରେ ରେସ୍ତୋରାଁ ପରିଚାଳନାକୁ ନେଇ ଉଠିଛି ଅନେକ ପ୍ରଶ୍ନ। ଏହି ରେସ୍ତୋରାଁକୁ ବାର୍ ଭଳି ପରିଚାଳନା କରାଯାଉଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲୁଥିଲା। ଏଠାରେ ମଦ ପରସେ ଯାଉଥିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ରାତି ୪ଟା ପର୍ଯ୍ୟନ୍ତ ଖୋଲାଯାଉଥିଲା। ସ୍ଥାନୀୟ ଲୋକେ ବାରମ୍ବାର ଏହାକୁ ନେଇ ଭୁବନେଶ୍ୱର ଡିସିପିଙ୍କୁ ଅଭିଯୋଗ କରିଥିଲେ। ଏହାପରେ ଅବକାରୀ ବିଭାଗ ଉକ୍ତ ରେସ୍ତୋରାଁରେ ରେଡ୍ କରିଥିଲେ ମଧ୍ୟ କିଛି ଲାଭ ହୋଇ ନଥିଲା।

ତେବେ ସତ୍ୟବିହାର ଭଳି ଏକ ରେସିଡେଣ୍ଟାଲ୍ ଅଞ୍ଚଳରେ ବିଳମ୍ବିତ ରାତି ପର୍ଯ୍ୟନ୍ତ କିଭଳି ଭାବେ ରେସ୍ତୋରାଁ ଅପରେଟ୍ କରୁଥିଲା ବୋଲି ପ୍ରଶ୍ନ ଉଠିଛି। ଯଦି ଏଠାରେ ମଦ ପରସାଯାଉଥିଲା ପୁଲିସ କିମ୍ବା ଅବକାରୀ ବିଭାଗ କିପରି କିଛି ଜାଣିପାରୁ ନ ଥିଲା। ଅନ୍ୟପକ୍ଷରେ ବାରରେ ଥିବା ଏକ ଖାତା କିଛି ଫର୍ଦ୍ଦ ଗଣମାଧ୍ୟମ ସାମ୍ନାକୁ ଆସିବା ପରେ ସମସ୍ତେ ଆଶ୍ଚର୍ଯ୍ୟ ଚକିତ ହୋଇଥିଲେ। ରେସ୍ତୋରାଁ ପକ୍ଷରୁ ପ୍ରତ୍ୟେକ ମାସରେ ବିଏମ୍‌ସି ପାଇଁ ୩ହଜାର ଟଙ୍କା ଖର୍ଚ୍ଚ କରାଯାଉଥିଲା ବେଳେ ପିସିଆର୍ କର୍ମଚାରଙ୍କ ପାଇଁ ଦୈନିକ ୫ଶହ ଟଙ୍କା ଖର୍ଚ୍ଚ କରାଯାଉଥିବା ଉଲ୍ଲେଖ ରହିଛି। ଏହି ଟଙ୍କା ସେମାନେ ପୁଲିସ ଏବଂ ବିଏମ୍‌ସି ପାଇଁ ଖର୍ଚ୍ଚ କରୁଥିଲେ ତାହାକୁ ନେଇ ଏବେ ସନ୍ଦେହ ବଢିବାରେ ଲାଗିଛି। ଏନେଇ ଅଗ୍ନିକାଣ୍ଡ ପରେ ସାମ୍ନାକୁ ଆସିଛି ଅବକାରୀ ବିଭାଗ। ଅବକାରୀ ବିଭାଗ ପକ୍ଷରୁ କୌଣସି ବାର୍ ଲାଇସେନ୍ସ ଦିଆଯାଇ ନାହିଁ ବୋଲ ସ୍ପଷ୍ଟ କରାଯାଇଛି। ଅବକାରୀ ସୁପରିଟେଣ୍ଟ ଦେବାଶିଷ ପଟେଲ କହିଛନ୍ତି ଏକ ମାସ ତଳେ ଏଠାରେ ମଦ ବିକ୍ରି ହେଉଥିବା ନେଇ ଅଭିଯୋଗ ହୋଇଥିଲା। ଏହାପରେ ଅବକାରୀ ବିଭାଗ ଘଟଣାସ୍ଥଳରେ ପହଁଞ୍ଚି ଯାଞ୍ଚ କରିଥିଲେ ବି ସେପରି କିଛି ସାମଗ୍ରୀ ମିଳି ନ ଥିଲା।

ତେବେ ଅଗ୍ନିକାଣ୍ଡ ପରେ ଅଗ୍ନିଶମ ବିଭାଗ ମଧ୍ୟ ସନ୍ଦେହ ଘେରକୁ ଆସିଛି। ଏହି ରେସ୍ତୋରାଁର ଫାୟାର ଲାଇସେନ୍ସ ନ ଥିଲା ବେଳେ ଏହାକୁ ଚାଲିବାକୁ କିପରି ଅନୁମତି ଦିଆଯାଇଥିଲା। କଣ ପାଇଁ ରେସ୍ତୋରାଁକୁ ବନ୍ଦ କରାଗଲା ନାହିଁ। କିଛିଦିନ ତଳେ ଗୋଆ ଘଟଣା ସମଗ୍ର ଦେଶକୁ ଦୋହଲାଇ ଦେଇଥିଲା। ଏହି ଘଟଣାରୁ ଅଗ୍ନିଶମ ବିଭାଗ କିପରି କିଛି ଶିଖି ପାରିଲା ନାହିଁ ବୋଲି ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି । ଏହି ସମୟରେ ଫାୟାର ଡ଼ିଜି ସୁଧାଂଶୁ ଷଡ଼ଙ୍ଗୀ ଆସନ୍ତା ୧୦ଦିନ ମଧ୍ୟରେ ସମସ୍ତ ବାର୍‌ର ଫାୟାର ଲାଇସେନ୍ସ ଯାଞ୍ଚ କରାଯିବ ବୋଲି ଘୋଷଣା କରିଛନ୍ତି ।

## ଦନ୍ତାହାତୀର ସନ୍ଦେହଜନକ ମୃତ୍ୟୁ

**ତୁମୁଡିବନ୍ଧ, ୧୨।୧୨ (ସମିସ):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡର କରଜଣ୍ଡି ଗ୍ରାମ ନିକଟସ୍ଥ ଏକ ଜଙ୍ଗଲରୁ ଦନ୍ତା ହାତୀର ମୃତଦେହ ଠାବ ହୋଇଛି। ହାତୀ ମୃତ୍ୟୁର କାରଣ ଜଣାପଡ଼ି ନଥିବା ବେଳେ ଅଞ୍ଚଳବାସୀ ସିଧାସଳଖ ଭାବେ ବନବିଭାଗର ଅବହେଳାକୁ ଦାୟୀ କରିଛନ୍ତି। ଶୁକ୍ରବାର ଭୋର ୪ଟାରେ ହାତୀଟି ମୃତ୍ୟୁବରଣ କରିଥିବା ନେଇ କରଜଣ୍ଡି ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀଙ୍କ କହିବା କଥା, ଗତ ୬ ମାସ ପୂର୍ବରୁ ଉକ୍ତ ହାତୀ ଝିରିପାଣି ଅଞ୍ଚଳରେ ବୁଲୁଥିଲା ଏବଂ ଅନେକ ଫସଲ ନଷ୍ଟ କରୁଥିଲା। ଏନେଇ ଝିରିପାଣି ଅଞ୍ଚଳର ଚାଷୀ ବନସୁରକ୍ଷା ଦାୟିତ୍ୱରେ ଥିବା ବୁଲୁ ନାୟକ ଏବଂ ବନପାଳ ଶିବାଜୀ ବେହେରାଙ୍କୁ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ ଦୁଇ ଅଧିକାରୀ ଚାଷୀଙ୍କୁ କେବଳ ଭଣ୍ଡାଉଥିଲେ। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ମୃତ ହାତୀ ଅତି ଦୁର୍ବଳ ଥିଲା ଏବଂ ଠିକ ଭାବେ ଶୁଣିପାରୁନଥିଲା।


**PUBLIC NOTICE**

This is to inform that my client, Mrs. Kamini Kar, has lost the original registered sale deed No. 552, dated 14/02/1992 relating to Khata No. 519/74, Plot No. 23/1066, Mouza-Puri Sahar Unit No. 17, Dolamandap Sahi, Puri. An FIR (Complaint No. 24502039072500150) has been lodged at Puri Town Police Station on 11th Dec 2025. Any person having a claim or objection over the said property is required to submit it with proof within 15 days from the date of this notice. If the original deed is not found within this period, the certified copy from the registry office will be treated as the original document.

Jayashree Jena (Advocate) Puri Court Ph: 8144775325

**ADMISSION NOTICE-2025-26**

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

Campus: 262, Puranpadhan, Balakati, Bhubaneswar

Mob. 7019799641, 7978608747, 9853801459

Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**Tender Notice**

IGSSS invites quotations from reputed and experienced service providers for Pond Desilting and Toilet Construction work. Interested firms are requested to submit their Expression of Interest (EOI) to receive the detailed BOQ /RFQ by emailing procurement@igsss.net within 5 days. For more information, **please contact 9711387171 / 8984983103**

**AFFIDAVIT**

By Virtue of an affidavit Before the Executive Magistrate: Sadar, Cuttack, Odisha. I **Smt. HARSHITA KANKARIA,** aged about 25 years, D/O: Rajendra Kankaria, Village: Gulab Badi, PO: Arya Samaj Road, P.S.: Kota, Kota City, Dist: Rajasthan-324006. declare by this Affidavit No.: 10680, dtd: 13.10.2023, I have Changed my name from Harshita Kankaria to **HARSHITA CHORARIA.** Harshita Kankaria & Harshita Choraria is one and the same person. Henceforth I shall be known as **HARSHITA CHORARIA** for all purposes.

**AFFIDAVIT**

By virtue of an affidavit no.2927, before Executive Magistrate, Phulbani dated 24.11.2025 I, Krishnamayee Majhi, residing at Bandhagada, P.O. Bandhagada, P.S.: Phiringia, Dist.: Kandhamal, - 762011 have changed my name from Krishnamayee Majhi to Krishna Majhi. Henceforth I shall be known as Krishna Majhi for all purposes.

Sd/- Krishna Majhi

**AFFIDAVIT**

By virtue of an affidavit sworn before the Executive Magistrate, Oupada, Balasore, Odisha vide Sl. No. 617 on dated 09/12/2025 I, Hemanta Kumar Malik, S/o. Krushna Chandra Malik, At. Similipal, Po. Badapokhari, Ps. Oupada, Dist. Balasore, Odisha, Pin code- 756047, declare that I have changed the name of my daughter from Meghana Malik to Meghnarani Malik. Henceforth, she will be known as **Meghnarani Malik** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, No 113, dated. 10.12.2025 I, PADMAN JANI, S/o- Late. Somnath Jani, At Village- Nua Hirli, PO - Agnipur, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from PADMA JANI to PADMAN JANI. Henceforth, I shall be known as PADMAN JANI for all purposes.

Sd/- PADMAN JANI

**AFFIDAVIT**

By virtue of an affidavit no.2955, before Notary Public, Sukinda, dtd.19.11.2025 I, Rekha Pradhan, residing at Village Madhapur (Rangitangar), Po/Ps.: Sukinda, Dist: Jajpur,-755018 hereby declare that my correct name is Rekha Pradhan but in my Aadhaar Card wrongly recorded as Rekh Pradhan. That both names “Rekha Pradhan” and “Rekh Pradhan” refer to the same and one person, i.e., myself.

MM-366

**GOVERNMENT OF ODISHA**

**OFFICE OF THE DIVISIONAL FOREST OFFICER, REDHAKHOL FOREST DIVISION**

E-mail id – dfo.redhakhol@odisha.gov.in

OFFICE ORDER NO.339/1F (Accounts), Dt. 11.12.2025

The following E-Tenders under Tender Bid Notification No. F&E /RKL/01,1(02),1(03),1(04) (Online)/2025-26 dt.18.11.2025 are hereby cancelled due to following reasons.

| SL No. | Name of the Work | Tender Amount in Rs. | No of Bidder applied | Remarks |
|---|---|---|---|---|
| 1 | Construction of Forest Guard Quarter at Jharapada of Rairakhol Forest Range under Redhakhol Forest Division | Rs.13,35,593/- | 0 | Cancelled due to non receipt of minimum bid |
| 2 | Construction of Ministerial Quarter at Forest Colony under Redhakhol Forest Division | Rs.10,81,356/- | 1 | Cancelled due to participation of Single Bidder. |
| 3 | Construction of Ministerial Quarter at Forest Colony under Redhakhol Forest Division | Rs.10,81,356/- | 1 | Cancelled due to participation of Single Bidder. |
| 4 | Construction of ACF Quarter at Forest Colony under Redhakhol Forest Division | Rs.16,77,966/- | 1 | Cancelled due to participation of Single Bidder. |

OIPR-08146/11/0035/2526

Divisional Forest Officer
Redhakhol Forest Division

**CENTRE FOR REHABILITATION SERVICES & RESEARCH (CRSR)**

**APPOINTMENT**

Applications are invited from the eligible candidates with requisite qualifications to fill up the following vacancies of CRSR, Bhadrak on contractual basis. The candidates are required to file their applications with complete Bio-data through Registered Post / Speed Post / E-mail by 01.01.2026 positively to the General Secretary, Centre for Rehabilitation Services & Research (CRSR), At- Prasanti Bhawan, Dahanigadia, Po- Charampa, Bhadrak-756101 (E-mail-crsrorissa@gmail.com). Suitable candidates will be call for interview after due scrutiny.

| Post | Nos. | Qualification |
|---|---|---|
| Physiotherapist | 03 | BPT with 03 years’ experience / MPT from any recognized university. |
| Clinical Psychologist | 01 | M.A in Clinical Psychology with 03 years exp, in Disability management. Preference will given to exp. In Counseling & guidance of IDD. |
| Occupational Therapist | 01 | BOT with 03 years’ experience / MPT from any recognized university. |
| Social Worker | 01 | MSW from reputed Institution with 05 years’ experience in Disability rehabilitation and management. |
| Multipurpose Rehabilitation Assistant | 01 | PG Diploma in Community Based Rehabilitation/Diploma in Community Based Rehabilitation with 02 Yrs. Exp. |
| Speech Language Pathologist | 01 | BASLP from recognized university with 02 years’ experience. |

**ପର୍ଯ୍ୟଟନ ଋତୁରେ ଭୀମକୁଣ୍ଡ ଚଳଚଞ୍ଚଳ**

# ଅବ୍ୟବସ୍ଥା ପାଇଁ ପର୍ଯ୍ୟଟକ ଅସନ୍ତୋଷ

ଠାକୁରମୁଣ୍ଡା, ୧୨।୧୨(ସମିସ): ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡ। ଏହା ମୟୂରଭଞ୍ଜ ଜିଲ୍ଲାର ଏକ ଅନନ୍ୟ ପର୍ଯ୍ୟଟନ କ୍ଷେତ୍ର। ବିଶ୍ୱାସ ଅଛି ଯେ ପାଣ୍ଡବମାନେ ଦ୍ୱାପର ଯୁଗରେ ଅଜ୍ଞାତ ବାସରେ ଥିବାବେଳେ ଏହିଠାରେ ସ୍ନାନ କରିବା ସହିତ ତୃଷ୍ଣା ମେଣ୍ଟାଇଥିଲେ। ତେଣୁ ଏହାର ନାମକରଣ ଭୀମକୁଣ୍ଡ ରଖାଯାଇଛି। ଯାହା ଲୋକଶ୍ରୁତିରୁ ଜଣାଯାଏ। ତେବେ ଏହାକୁ ୨୦୦୬ରେ ଓଡ଼ିଶା ମାନଚିତ୍ରରେ ପର୍ଯ୍ୟଟନ କ୍ଷେତ୍ର ହିସାବରେ ସ୍ଥାନ ମିଳିଛି। ସେହିଦିନଠାରୁ ପିକ୍‌ନିକ୍ ଋତୁରେ ଚଳଚଞ୍ଚଳ ହୋଇଉଠେ ଭୀମକୁଣ୍ଡ। ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଜନମାନସକୁ ବିମୋହିତ କରିଥାଏ। ପୁଣ୍ୟତୋୟା ବୈତରଣୀର ଉଚ୍ଛୁଳା ଜଳରାଶି ପଥର ଉପରୁ ପଥରକୁ ଡେଇଁ ଏକ ଜଳପ୍ରପାତ ସୃଷ୍ଟି କରିବାର ଦୃଶ୍ୟ ପରିବେଶକୁ ରମଣୀୟ କରୁଥିବାବେଳେ ଧଳା, କଳା ଓ ନେଳି ପଥର ଗହ୍ୱର ଦେଇ ଏକ ବିରାଟ କୁଣ୍ଡକୁ ନୀଳ ଜଳରାଶି ବୋହି ଆସୁଥିବାର ଦୃଶ୍ୟ ଅତି ସୁନ୍ଦର। ଏହାକୁ ଦେଖିଲେ ଯେ କେହି ବି କିଛି କ୍ଷଣ ପାଇଁ ସବୁକିଛି ଭୁଲି ଯାଇଥାଏ। ହେଲେ ପ୍ରକୃତିର ସୌନ୍ଦର୍ଯ୍ୟଭରା ଏଇ ଭୀମକୁଣ୍ଡ ପର୍ଯ୍ୟଟନ ମାନ୍ୟତା ପାଇଥିଲେ ମଧ୍ୟ ବହୁ ସମସ୍ୟା ଦେଖାଦେଇଛି। ଦୀର୍ଘ ଦିନ ଧରି ଉନ୍ନତୀକରଣ କାମ ମନ୍ଥରଗତିରେ ଚାଲିଛି। ତେବେ ଭୀମକୁଣ୍ଡର ସୁରକ୍ଷା ବାଡ଼ ଡେଇଁ ସେଲ୍‌ଫି ପାଇଁ ପର୍ଯ୍ୟଟକ ଚାଲିଯାଉଥିଲା ବେଳେ ଅଘଟଣ ଘଟିପାରେ। ତେଣୁ ସେଠାରେ ସୁରକ୍ଷା ବ୍ୟବସ୍ଥା କରିବାକୁ ଦାବି ହେଉଛି। ଏହା ସହିତ କୁଣ୍ଡ ପାଖରେ ନିର୍ମାଣ ହୋଇଥିବା ଭୀମ ମୂର୍ତ୍ତିର ରଙ୍ଗ ଛାଡ଼ିବା ସହ ବର୍ଷାଜଳରେ ଶିଉଳି ଲାଗିଯାଇଛି। କୁଣ୍ଡରେ କୌଣସି ସୁରକ୍ଷା ବାଡ଼ ଦେଲେ ବହୁ ମୂଲ୍ୟବାନ ଜୀବନର ସୁରକ୍ଷା ହୋଇପାରିବା ସହିତ ପର୍ଯ୍ୟଟକମାନେ ଏହାର ଭରପୂର ମଜା ନେଇପାରନ୍ତେ।



ଏହା ଏକ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପର୍ଯ୍ୟଟନସ୍ଥଳୀ ହୋଇଥିବାବେଳେ ବଣଭୋଜି ପାଇଁ ଏଠାକୁ ବର୍ଷ ସାରା ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ଏଠାରେ ପର୍ଯ୍ୟଟନ ଋତୁରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଲାଣି। ଏହାର ମନରୋମ ଦୃଶ୍ୟ ଉପଭୋଗ କରିବା ପାଇଁ ୱାଚ୍ ଟାୱାର, ସୁରକ୍ଷାବାଡ଼, ପକ୍କା ରାସ୍ତା, ଶୌଚାଳୟ, ରହିବା ପାଇଁ କଟେଜ୍, ବଙ୍ଗଳା ଆଦି ମନ୍ଥର ଗତିରେ କାମ ଚାଲିଥିଲାବେଳେ ଜୁଲାଇ ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ପାଇଁ ସମୟ ସୀମା ଥିଲା। ଛୁଟି ଦିନଗୁଡ଼ିକରେ ବାହାର ଜିଲ୍ଲା ସହିତ ରାଜ୍ୟ ବାହାରୁ ମଧ୍ୟ ପର୍ଯ୍ୟଟକ ଆସୁଛନ୍ତି। ପାନୀୟ ଜଳ, ଶୌଚାଳୟ ଓ ସନ୍ଧ୍ୟା ପରେ ଷ୍ଟ୍ରିଟ୍ ଲାଇଟ୍ ଆଦି ସମସ୍ୟା ଦେଖାଦେଇଛି। ଏହାକୁ ନେଇ ପର୍ଯ୍ୟଟକଙ୍କ ମନରେ ଅଶାନ୍ତି ଭରି ରହୁଛି। ସେହିପରି ପର୍ଯ୍ୟଟନ କ୍ଷେତ୍ରରେ ସୁରକ୍ଷା ଓ ସ୍ୱଚ୍ଛତା, ସୁରକ୍ଷା ବ୍ୟବସ୍ଥା ଓଟିଡିସିର ଭୀମକୁଣ୍ଡ ଦାୟିତ୍ୱରେ ଥିବା କର୍ମଚାରୀ ଆର୍ ପୀୟୂଷ ପ୍ରକାଶ କରିଥିଲେ। ତେବେ ଶୌଚାଳୟ କିମ୍ବା ରହିବା ପାଇଁ କୌଣସି ବ୍ୟବସ୍ଥା ହୋଇ ନ ଥିବାରୁ ପର୍ଯ୍ୟଟକମାନେ ବହୁ ଅସୁବିଧାର ସମ୍ମୁଖୀନ ମଧ୍ୟ ହୋଇଥା'ନ୍ତି। ତେବେ ସେଠାରେ ଏ ବିଷୟରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ସୁଧାଂଶୁ ଶେଖର ନାଏକଙ୍କୁ ପଚାରିବାରୁ ବିଜୁଳି ଆଲୋକ କାମ ଆମର ନୁହେଁ, ଶୌଚାଳୟ ଓ ଅନ୍ୟାନ୍ୟ କାମ ବର୍ଷା ପାଇଁ ବିଳମ୍ବ ହୋଇଛି। ବର୍ତ୍ତମାନ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଯାଇଥିଲା ବେଳେ ଜିଲ୍ଲା ପ୍ରଶାସନ ବା ପର୍ଯ୍ୟଟନ ବିଭାଗର ଏ ଦିଗରେ କେବେ ଦୃଷ୍ଟି ପଡୁଛି ଦେଖିବାକୁ ବାକି ରହିଲା। ଏଠାକୁ ଆସିବା ପାଇଁ ବସ୍ କିମ୍ବା ଚାରିଚକିଆ ଯାନରେ ଭୁବନେଶ୍ୱରରୁ ଠାକୁରମୁଣ୍ଡା ଦେଇ ୨୦୩ କି.ମି.। ବାଲେଶ୍ୱରରୁ ଠାକୁରମୁଣ୍ଡା ଦେଇ ଭୀମକୁଣ୍ଡକୁ ୧୨୦ କି.ମି.। ଜିଲ୍ଲା ସଦର ମହକୁମା ବାରିପଦାରୁ ୧୩୦ କି.ମି.। ରାଇରଙ୍ଗପୁରରୁ ଭୀମକୁଣ୍ଡ ୧୦୩ କି.ମି. ଦୂରତା।

**● ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା**

## ମିଳୁନି ଜନ୍ମମୃତ୍ୟୁ ପ୍ରମାଣପତ୍ର



ରାଇରଙ୍ଗପୁର, ୧୨।୧୨(ସମିସ): ଆଦିବାସୀ ବହୁଳ ବାମନଘାଟି ଉପଖଣ୍ଡରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟବସ୍ଥା। ଜନ୍ମ, ମୃତ୍ୟୁ ପ୍ରମାଣପତ୍ର ସଠିକ ସମୟରେ ପ୍ରଦାନ କରାଯାଉ ନାହିଁ। ବାଦାମପାହାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜନ୍ମମୃତ୍ୟୁ ପ୍ରମାଣପତ୍ର ପାଇଁ ଅହେତୁକ ବିଳମ୍ବ ହେଉଛି। ଲୋକେ ମାସ ମାସ ଧରି ଅପେକ୍ଷାରତ ଥିବାବେଳେ ପ୍ରମାଣ ପତ୍ର ନ ପାଇବାରୁ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରମାଣ ପତ୍ର ପାଇଁ ବାରମ୍ବାର କାର୍ଯ୍ୟାଳୟକୁ ଦୌଡ଼ି ଲୋକେ ନୟାନ୍ତ ହେଉଛନ୍ତି। ଦାୟିତ୍ୱରେ ଥିବା ବିଭାଗୀୟ କର୍ମଚାରୀଙ୍କ ଅବହେଳା ଯୋଗୁଁ ଏହିପରି ସମସ୍ୟା ଉପୁଜିଥିବାର ଲୋକେ ଅଭିଯୋଗ କରିଛନ୍ତି। ଜନ୍ମ, ମୃତ୍ୟୁ ପ୍ରମାଣପତ୍ର ଠିକ ସମୟରେ ନ ପାଇ ଲୋକେ ଅନେକ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏହାର ସମାଧାନ କରିବା ପାଇଁ ଆଦିବାସୀ ଛାତ୍ର ସଙ୍ଗଠନ 'ମାସା' ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ ଏହାପରେ ବି କୌଣସି ସୁଫଳ ମିଳିଲା ନାହିଁ। ଜନ୍ମ ମୃତ୍ୟୁ ପ୍ରମାଣପତ୍ର ଦାୟିତ୍ୱରେ ଥିବା ଅଧିକାରୀ ଲୋକଙ୍କ ସମସ୍ୟାକୁ ଖାତିର କରୁନାହାନ୍ତି। ମନଇଚ୍ଛା କାର୍ଯ୍ୟାଳୟ ବନ୍ଦ କରୁଛନ୍ତି। ଏହାର ତୁରନ୍ତ ସମାଧାନ ପାଇଁ ମାସା ପକ୍ଷରୁ ଦାବି ହୋଇଛି।

## ଜୁଆ ଆଡ୍ଡାରୁ ୫, ୪୨୦ ଟଙ୍କା ଜବତ

ମହୁଲଡିହା, ୧୨।୧୨(ସମିସ): ମହୁଲଡିହା ଥାନା ଅଧୀନ ଚମ୍ପାଝର ପଞ୍ଚାୟତ ଭେଜିଡିହା ସାପ୍ତାହିକ ହାଟରେ ଚାଲିଥିବା ଜୁଆ ଆଡ୍ଡାରୁ ଚଢ଼ଉ କରି ୫, ୪୨୦ ଟଙ୍କା ଜବତ କରିଛି ମହୁଲଡିହା ଥାନା ପୁଲିସ। ଘଟଣାରୁ ପ୍ରକାଶ ଯେ ମହୁଲଡିହା ଥାନାଧିକାରୀ ବିଶେଷ ସୂତ୍ରରୁ ଖବର ପାଇ ଥାନା ଏଏସ୍‌ଆଇ ବିଜୟକୃଷ୍ଣ ସାନ୍ତରାଙ୍କ ସହ ପୁଲିସ କର୍ମଚାରୀ ସନ୍ଧ୍ୟାରେ ସାପ୍ତାହିକ ହାଟରେ ଚଢ଼ଉ କରିଥିଲେ। ଏହି ଜୁଆରେ ସମ୍ପୃକ୍ତ ଥିବା ୫ ଜଣ ରାମଚନ୍ଦ୍ର ମହାନ୍ତ, ପର୍ଦ୍ଧାନ ପିଙ୍ଗୁଆ ସାତ୍ରୀ ଖୁଣ୍ଟିଆ, ତ୍ରିବାନ ହୋ ଓ ମହେଶ୍ୱର ସିଂକୁ ଟଙ୍କା ସହିତ ଥାନାକୁ ଆଣି ଏକ ମାମଲା ରୁଜୁକରି ନୋଟିସ ଜାରି କରାଯାଇଥିବା ଜଣାପଡ଼ିଛି।

## ୧୪ରୁ ଆଠଦିନିଆ ଧୁମୁସା ମହୋତ୍ସବ

ଉଦଳା, ୧୨।୧୨(ସମିସ): କପ୍ତିପଦା ଉପଖଣ୍ଡର ଗର୍ବ ଗୌରବ ଧୁମୁସା ମହୋତ୍ସବ ଆସନ୍ତା ୧୪ରୁ ୨୧ ତାରିଖ ପର୍ଯ୍ୟନ୍ତ ୮ ଦିନବ୍ୟାପୀ ପାଳିତ ହେବା ନେଇ ଉପଖଣ୍ଡ ପ୍ରଶାସନ ସହ ଉପଖଣ୍ଡର ସମସ୍ତ ବ୍ଲକ, ଉଦଳା ଏନ୍‌ଏସି, ଆଇଟିଡିଏ ପ୍ରଶାସନ ତରଫରୁ ବ୍ୟାପକ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଉଦଳା ହାଇସ୍କୁଲ ପଡ଼ିଆ ନିକଟସ୍ଥ ଆଦିବାସୀ ସମ୍ବଳ ବିକାଶ କେନ୍ଦ୍ର ସଂଲଗ୍ନ ଧୁମୁସା ମଞ୍ଚ ଓ ମହୋତ୍ସବ ପଡ଼ିଆରେ ପ୍ରଦର୍ଶନୀ ମଣ୍ଡପ, ମୀନାବଜାର, ମେଳା ଆୟୋଜନ ନେଇ ପ୍ରସ୍ତୁତି ଚୂଡ଼ାନ୍ତ ରୂପ ନେବାକୁ ଯାଉଛି। ମହୋତ୍ସବର ଶୁଭ ଉଦ୍‌ଘାଟନ ଉପଲକ୍ଷେ ଉଦଳା ଗୌଡ଼ୀୟ ମଠଠାରୁ ମହୋତ୍ସବ ପଡ଼ିଆ ପର୍ଯ୍ୟନ୍ତ ବିଭିନ୍ନ ପାରମ୍ପରିକ ବାଦ୍ୟ ଝଙ୍କାର ସହ ଆକର୍ଷଣୀୟ କାର୍ଣ୍ଣିଭାଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ସନ୍ଧ୍ୟାରେ ମହୋତ୍ସବ କମିଟି ତରଫରୁ ଅସୀମା ପଣ୍ଡାଙ୍କ ମେଲୋଡ଼ି ଓ ବିଭିନ୍ନ ମହାବିଦ୍ୟାଳୟ ଦ୍ୱାରା ଆଞ୍ଚଳିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୨ୟ ସନ୍ଧ୍ୟାରେ ଉଦଳା ଏନ୍‌ଏସି ଆନୁକୂଲ୍ୟରେ ଚଳଚ୍ଚିତ୍ର ତାରକା ଅସିତ୍ ପତିଙ୍କ ସହିତ କୋଲକାତାର ତରଙ୍ଗିଣୀ ସାଂସ୍କୃତିକ ଦଳର କାର୍ଯ୍ୟକ୍ରମ ଓ ମିସ୍ ଉଦଳା ଫେସନ୍ ଶୋ' ଅନୁଷ୍ଠିତ ହେବ। ୩ୟ ସନ୍ଧ୍ୟାରେ ଖୁଣ୍ଟା ପଞ୍ଚାୟତ ସମିତି ଆୟୋଜନରେ ଅଭିନେତା ସ୍ୱରାଜ ବାରିକ ଓ ମନିଷାଙ୍କ କାର୍ଯ୍ୟକ୍ରମ ସାଙ୍ଗକୁ ପ୍ରଥମ ଥର ପାଇଁ କଣ୍ଠଶିଳ୍ପୀ ପୋରାୟନି ସୋରେନ ଓ ଗୋପୀଙ୍କ ଦ୍ୱାରା ସାନ୍ତାଳୀ ସଙ୍ଗୀତ କାର୍ଯ୍ୟକ୍ରମ ଦେଖିବାକୁ ମିଳିବ। ୬ଷ୍ଠ ସନ୍ଧ୍ୟାରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ହାସ୍ୟ ଅଭିନେତା ପପୁ ପମ୍‌ପମ୍‌ଙ୍କ ଦମ୍‌ଦାର କମେଡ଼ି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ୭ମ ସନ୍ଧ୍ୟାର ଆୟୋଜକ ଭାବେ କପ୍ତିପଦା ବ୍ଲକ ଦ୍ୱାରା ସମ୍ବଲପୁରୀ ଗାୟକ ମଣ୍ଟୁ ଛୁରିଆଙ୍କ ମେଲୋଡ଼ି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମହୋତ୍ସବ କମିଟି ତରଫରୁ ବିଷ୍ଣୁମୋହନ କବିଙ୍କ ମେଲୋଡି ସହିତ ଚଳଚ୍ଚିତ୍ର ତାରକା ଏଲିନାଙ୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତ୍ୟେକ ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପୂର୍ବ ବର୍ଷମାନଙ୍କ ପରି ସ୍ମରଣିକା ଧୁମୁସାର ଉନ୍ମୋଚନ ଓ ପ୍ରତିଭା ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଛି।

## ସମିତିସ୍ତରୀୟ ଧାନକିଣା ଓ ବାର୍ଷିକ ସାଧାରଣ ସଭା

ମହୁଲଡ଼ିହା, ୧୨।୧୨(ସମିସ): ମହୁଲଡ଼ିହା ବୃହଦାକାର ବହୁମୁଖୀ ଆଦିବାସୀ କୃଷିଋଣ ସମବାୟ ସମିତି ଲି.ପକ୍ଷରୁ ସମିତିସ୍ତରୀୟ ଚାଷୀ ସଚେତନତା ଶିବିର ଓ ବାର୍ଷିକ ସାଧାରଣ ସଭା ଭୈରବ କୁଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଲ୍ୟାମ୍ପ ସଭାପତି ଦିଲ୍ଲୀପ କୁମାର ନାୟକଙ୍କ ନେତୃତ୍ୱରେ କରଞ୍ଜିଆ ମଣ୍ଡଳର ସହକାରୀ ନିବନ୍ଧକ ବସନ୍ତ କୁମାର ନାୟକ ଯୋଗ ଦେଇଥିଲେ। ଏହି ବୈଠକରେ କୃଷି ଅଧିକାରୀ ବିଶ୍ୱରଞ୍ଜନ ନାଏକ, ଯୋଗାଣ ଅଧିକାରୀ ଦିଲୀପ କୁମାର ସାହୁ, ଜିଲ୍ଲା ପରିଷଦ ସଭ୍ୟ ପ୍ରହ୍ଲାଦ ମଡ଼େଇ, ସାତକୋଶିଆ ସରପଞ୍ଚ ଚାନ୍ଦମଣି ଜାରିକା, ଧାତିକିଡିହା ସରପଞ୍ଚ କରୁଣାକର ନାୟକ ପ୍ରମୁଖ ଆଲୋଚନା କରିଥିଲେ। ଖରିଫ ବିପଣନ ଋତୁ ୨୦୨୪/୨୫ ବର୍ଷରେ ସମସ୍ତ ଚାଷୀ ଧାନ ମଣ୍ଡିରେ କିପରି ଧାନ ବିକ୍ରି କରିବେ ଏବଂ କେଉଁକେଉଁ ମାନଦଣ୍ଡ ପାଳନ କରିବାକୁ ହେବ ଉପସ୍ଥିତ ଅଧିକାରୀଙ୍କ ଠାରୁ ଅବଗତ ହୋଇଥିଲେ। ଲ୍ୟାମ୍ପ୍‌ସ ମାଧ୍ୟମରେ ୫୩ ନମ୍ବର ରାଜ୍ୟ ରାଜପଥ ପାର୍ଶ୍ୱରେ ସରକାରୀ ଜମିରେ ପେଟ୍ରୋଲ ପମ୍ପ ଓ ଗ୍ୟାସ ଡିଲରସିପ ନିମନ୍ତେ ଆଲୋଚନା କରାଯାଇଥିଲା। ଏହି ଶିବିରରେ ମହୁଲଡିହା, ସାତକୋଶିଆ, ଧାତିକିଡିହା, ସାଲଚୁଆ, ଜରକ ଓ ଚମ୍ପାଝର ପଞ୍ଚାୟତର ଚାଷୀ, ଲ୍ୟାମ୍ପ୍‌ସର ସମସ୍ତ ପରିଚାଳନା ସମିତିର ସଦସ୍ୟ ଓ ଲ୍ୟାମ୍ପ୍ସ କର୍ମଚାରୀ ଉପସ୍ଥିତ ଥିଲେ। କରଞ୍ଜିଆ ଉପସହକାରୀ ନିବନ୍ଧକ ତୁଷାର କାନ୍ତି ମହାନ୍ତ ପରିଚାଳନା କରିଥିବାବେଳେ ଲ୍ୟାମ୍‌ପ୍ସର ପରିଚାଳନା ନିର୍ଦ୍ଦେଶକ ଦେବେନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଉଦଳା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ଉଦଳା, ୧୨।୧୨(ସମିସ): ଉଦଳା ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଛାତ୍ରୀମାନେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ନାମ ପଞ୍ଜୀକରଣ କରି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପିଲାମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଉତ୍ସାହ ଦେଖିବାକୁ ମିଳିଥିଲା। ଉକ୍ତ କ୍ରୀଡ଼ା ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନୁଜା ମାଧୁରୀ ଦାସ, ସମ୍ମାନିତ ଅତିଥି ଭାବରେ ଉଦଳା ସରକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ନୀତିଶ କୁମାର ଘୋଷ, ଏସ୍‌ଏମ୍‌ସି ସଭାପତି ରବୀନ୍ଦ୍ର କୁମାର ପରିଡ଼ା, ଏସ୍‌ଏମ୍‌ସି ସଭ୍ୟ ସୀତାକାନ୍ତ ମହାପାତ୍ର ଉପସ୍ଥିତ ଥିଲେ। କ୍ରୀଡ଼ା ଶିକ୍ଷକ ଦମୟନ୍ତୀ ମୁର୍ମୁ ପ୍ରତିଯୋଗିତାଗୁଡ଼ିକୁ ସୁଚାରୁରୂପେ ପରିଚାଳନା କରିଥିଲେ। ବିଦ୍ୟାଳୟର ଅନ୍ୟ ଶିକ୍ଷକ ଓ କର୍ମଚାରୀଙ୍କ ମଧ୍ୟରୁ ସୁବ୍ରତ କୁମାର ପ୍ରଧାନ, ବାବୁରାମ ଜେନା, ଶାଶ୍ୱତୀ ଜେନା, ନିବେଦିତା ସିଂ, ଫୁଲମଣି ମାଝୀ, କାହ୍ନୁ ମାଝୀ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପୂର୍ଣ୍ଣ ସହଯୋଗ କରିଥିଲେ।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ




ବେତନଟୀ, ୧୨।୧୨(ସମିସ): ବେତନଟୀ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଗତ ବୁଧବାର ୭୩ତମ ଶ୍ରୀଅରବିନ୍ଦଙ୍କ ସମାଧି ପ୍ରତିଷ୍ଠା ଦିବସରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରାତଃ ୬ଟାରେ ମନ୍ଦିର ପ୍ରାଙ୍ଗଣ ସମାଧିଠାରେ ସମବେତ ଧ୍ୟାନ ଅଖଣ୍ଡ ନାମଜପ କରାଯାଇଥିଲା। ପୂର୍ବାହ୍ନ ୧୦ଟାରେ ଶିକ୍ଷାକେନ୍ଦ୍ରର ସଭାପତି ଗୌତମ ଚନ୍ଦ୍ର ବେହେରା ଭାରତର ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରି ଉତ୍ସବକୁ ଶୁଭାରମ୍ଭ କରିଥିଲେ। ପ୍ରଥମ ଅଧିବେଶନ ୧୧ଟାରେ ଆରମ୍ଭ ହୋଇଥିବାବେଳେ ମୁଖ୍ୟବକ୍ତା ଭାବେ ସଂଯୁକ୍ତା ପ୍ରଧାନ ଯୋଗଦେଇ ଶ୍ରୀମା ଶ୍ରୀଅରବିନ୍ଦଙ୍କ ତତ୍ତ୍ୱ ସମ୍ବନ୍ଧୀୟ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ଉକ୍ତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂଯୋଜକ ଗଣେଶ ପ୍ରସାଦ ମହାପାତ୍ର, ପ୍ରଫୁଲ୍ଲ ମହାଳିକ, ସମ୍ପାଦକ ସୁଧାଂଶୁ ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ମହେଶ୍ୱର ପଣ୍ଡା, ରାଧାନାଥ ପାତ୍ର ଓ ବେତନଟୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ସଂଯୁକ୍ତା ଜି ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହାପରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପିଲାମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା।

**ରାଇରଙ୍ଗପୁରରେ ଚୋର ଗ୍ୟାଙ୍ଗ ସକ୍ରିୟ**

## ପୁଣି ଦୋକାନରୁ ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି




ରାଇରଙ୍ଗପୁର, ୧୨।୧୨(ସମିସ): ରାଇରଙ୍ଗପୁର ସହରରେ ଚୋର ଗ୍ୟାଙ୍ଗ ସକ୍ରିୟ ହୋଇଥିବାବେଳେ କିଛି ଦିନର ବ୍ୟବଧାନରେ ପୁଣି ବଡ଼ ଧରଣର ଚୋରି ହୋଇଛି। ଚୋର ଗ୍ୟାଙ୍ଗ ପୁଲିସକୁ ଚ୍ୟାଲେଞ୍ଜ ଦେଉଥିବା ବେଳେ ଚୋରଙ୍କୁ ଧରିବାରେ ପୁଲିସ ବିଫଳ ରହିଛି। ରାଇରଙ୍ଗପୁର ଗୋଲେଇ ନିକଟସ୍ଥ ମୋବାଇଲ ଦୋକାନରୁ ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି କରିଛନ୍ତି। ଶୀତୁଆ ରାତିରେ ଜନଶୂନ୍ୟ ଥିବାର ସୁଯୋଗ ନେଇ ବିଳମ୍ବିତ ରାତିରେ ଛାତ ସ୍କାଇଲାଇଟ ଦେଇ ଦୋକାନକୁ ପଶି ମୋବାଇଲ ଚୋରି କରିଛନ୍ତି। ଶୁକ୍ରବାର ସକାଳୁ ମାଲିକ ତାପସ କୁମାର ସାମଲ ଦୋକାନ ଖୋଲିବା ବେଳକୁ ଚୋରି ବାବଦରେ ଜାଣିଥିଲେ। ଘଟଣା ବାବଦରେ ରାଇରଙ୍ଗପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ତେବେ ୩ଲକ୍ଷ ଟଙ୍କା ମୂଲ୍ୟର ମୋବାଇଲ ଓ ସରଞ୍ଜାମ ଚୋରି ହୋଇଥିବାର ଅଭିଯୋଗରେ ଦର୍ଶାଇଛନ୍ତି। ଖବରପାଇ ରାଇରଙ୍ଗପୁର ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। କିଛିଦିନ ପୂର୍ବରୁ ରାଇରଙ୍ଗପୁର ବଜାରର ପାରାଡାଇଜ ମୋବାଇଲରୁ ଅନୁରୂପ ଶୈଳୀରେ ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି ହୋଇଥିଲା। ତେଣୁ ଦୁଇଟି ଚୋରି ଗୋଟିଏ ଗ୍ୟାଙ୍ଗର ବୋଲି ସନ୍ଦେହ ହେଉଛି। ଏହାସହିତ ସହରରେ ବିଭିନ୍ନ ସମୟରେ ବାଇକ ଚୋରି ଆଦି ଘଟଣା ଘଟୁଛି। ପୁଲିସ ପକ୍ଷରୁ ଢିଲା ପାଟ୍ରୋଲିଂ ବ୍ୟବସ୍ଥା ଯୋଗୁଁ ଏହିପରି ଘଟଣା ଘଟୁଥିବା ନେଇ ସ୍ଥାନୀୟ ଲୋକମାନେ ମତପ୍ରକାଶ କରିଛନ୍ତି।

## କପ୍ତିପଦା ବ୍ଲକ ସମ୍ମୁଖରେ ଏସ୍‌ୟୁସିଆଇ ପକ୍ଷରୁ ବିକ୍ଷୋଭ

କପ୍ତିପଦା, ୧୨।୧୨(ସମିସ): କପ୍ତିପଦା ବ୍ଲକ ସମ୍ମୁଖରେ ଏସ୍‌ୟୁସିଆଇ ପକ୍ଷରୁ ଏକ ଧାରଣା ଦେବା ସହ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ୮ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ସେହି ଦାବିଗୁଡ଼ିକ ମଧ୍ୟରୁ ପ୍ରମୁଖ ଦାବି ହେଲା ଚାଷଜମିକୁ ଦଖଲକାରୀଙ୍କ ନାମରେ କରାଯାଉ, ଭରଡ଼ା ଛକଠାରୁ କଳମଗଡ଼ିଆ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ କରିବା ସହ ସ୍ଥାୟୀ ରାସ୍ତା ନିର୍ମାଣ କରାଯାଉ, ବିଭିନ୍ନ ସ୍ଥାନରେ ଉଚ୍ଛେଦ ବନ୍ଦ କରାଯାଉ, ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବର୍ଷସାରା କାମ ଯୋଗାଇ ଦିଆଯାଉ, ବେକାରୀ ଭତ୍ତା ପ୍ରଦାନ କରିବା ସହିତ ପ୍ରତିଶ୍ରୁତି ଅନୁଯାୟୀ ୩୦୦ ୟୁନିଟ୍ ବିଦ୍ୟୁତ୍ ଦେୟ ଛାଡ଼ କରାଯିବା ଭଳି ଦାବି ରହିଛି। କାର୍ଯ୍ୟକ୍ରମରେ ଉପସ୍ଥିତ ନେତୃତ୍ୱ ନେଇଥିଲେ ପାର୍ଟିର କପ୍ତିପଦା ଆଞ୍ଚଳିକ କମିଟି ସମ୍ପାଦକ ଶ୍ୟାମ ବାନରା। ଉପସ୍ଥିତ ଥିଲେ କମିଟିର ସଦସ୍ୟ ସୋମା ସୁମ୍ବୁରୁଇ, ଶୁବୁଦିଆ ହାଇବୁରୁ, ଯୁବରାଜ ସମାଡ, ସିଂରାୟ ଦେଓଗାମ୍, ବାଙ୍ଗରା ଉଗ୍ରସାନଡି, ସଦସ୍ୟା ଶାନ୍ତି ଚାକିଏ ପ୍ରମୁଖ।




## ଆଜି ମୋରଡ଼ା ସେକ୍ସନର ବିଦ୍ୟୁତ୍ ଲୋକ ଅଦାଲତ

ମୋରଡ଼ା, ୧୨।୧୨(ସମିସ): ମୋରଡ଼ାସ୍ଥିତ ବିଦ୍ୟୁତ୍ ସବ୍‌ଡିଭିଜନ(ଏସ୍‌ଡିଓ) କାର୍ଯ୍ୟାଳୟରେ ଶନିବାର ବିଦ୍ୟୁତ୍ ଲୋକ ଅଦାଲତ ଅନୁଷ୍ଠିତ ହେବାର ସୂଚନା ଦେଇଛି ମୋରଡ଼ା ବିଦ୍ୟୁତ୍ ସେକ୍ସନ। ଉକ୍ତ ଲୋକ ଅଦାଲତ ଶନିବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବାବେଳେ ମୋରଡ଼ା ଏସ୍‌ଡିଓ ନାରାୟଣ ବେହେରା, କନିଷ୍ଠ ଯନ୍ତ୍ରୀ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ବାଲେଶ୍ୱର ଡିଭିଜନର ସ୍ୱତନ୍ତ୍ର ଅଧିକାରୀ ରଣଜିତ୍ କୁମାର ସାହୁ, ବିଭାଗୀୟ କର୍ମଚାରୀ ଉପସ୍ଥିତ ରହିବେ। ବିଦ୍ୟୁତ୍ ଚୋରି ବାବଦକୁ ଯେଉଁ ଗ୍ରାହକଙ୍କୁ ଜରିମାନା କରାଯାଇଥିବ କେବଳ ଉକ୍ତ ଗ୍ରାହକମାନଙ୍କର ଏକକାଳୀନ ସମାଧାନ ଉକ୍ତ ଲୋକ ଅଦାଲତରେ କରାଯିବ ବୋଲି ସୂଚନା ମିଳିଛି। ତେଣୁ ଉକ୍ତ ଗ୍ରାହକମାନେ ଉପସ୍ଥିତ ରହି ଅଧିକ ରିଆତିର ସୁଯୋଗ ନେଇ ଜରିମାନାର ସମାଧାନ କରିପାରିବେ ବୋଲି ଏସ୍‌ଡିଓ ଶ୍ରୀ ବେହେରା ପ୍ରକାଶ କରିଛନ୍ତି।

## ଇଣ୍ଟିଗ୍ରେଟେଡ୍ ବିଏଡ୍-ଏମ୍‌ଏଡ୍ ବିଭାଗ ଦ୍ୱାରା ଆଲୋଚନାଚକ୍ର



ବାରିପଦା, ୧୨।୧୨(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍-ଏମ୍‌ଏଡ୍ ବିଭାଗ ଦ୍ୱାରା 'ଏକବିଂଶ ଶତାବ୍ଦୀରେ ଶ୍ରେଣୀଗୃହ ବିବିଧତା ଅନୁଯାୟୀ ପୁନଃ ଓ ବର୍ଦ୍ଧିତ ଶୈକ୍ଷିକ ଦକ୍ଷତା' ବିଷୟ ଆଧାରିତ ପିଏମ୍ ଉଷା ପ୍ରାୟୋଜିତ ଏକ ତ୍ରିଦିବସୀୟ ଜାତୀୟ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ବିଶ୍ୱବିଦ୍ୟାଳୟର ପିଏମ୍ ଉଷା ସଂଯୋଜକ ପ୍ରଫେସର ଇନ୍ଦ୍ରଜିତ ନାୟକ ଶିକ୍ଷା ଓ ଶିକ୍ଷକର ମାନ ବର୍ଦ୍ଧନରେ ଦକ୍ଷତାର ଆବଶ୍ୟକତା ଉପରେ ନିଜର ମତପୋଷଣ କରିଥିଲେ। ଅନୁଷ୍ଠିତ ଏହି ଜାତୀୟ ଆଲୋଚନାଚକ୍ରରେ ବିଶିଷ୍ଟ ଶିକ୍ଷାବିତ୍ ତଥା କୋଲକାତା ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ପ୍ରଫେସର ସନ୍ତୋଷୀ ହାଲ୍‌ଦାର୍ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ରୂପେ ଝାଡ଼ଖଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ବିମଳ କିଶୋର ଯୋଗଦେଇ ସାମ୍ପ୍ରତିକ ସମୟରେ ଶିକ୍ଷା ଓ ଶୈକ୍ଷିକ ଦକ୍ଷତା ଓ ତା'ର ଉପଯୋଗିତା ସମ୍ପର୍କରେ ନିଜ ନିଜର ସୁଚିନ୍ତିତ ମତ ପ୍ରଦାନ କରିଥିଲେ। ଉକ୍ତ ତ୍ରିଦିବସୀୟ କାର୍ଯ୍ୟକ୍ରମରେ ବିଷୟ ବିଶାରଦ ଭାବେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତଷ୍ଠାନର ପ୍ରଫେସର ହୃଷୀକେଶ ସେନାପତି, ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ଡ. ପ୍ରତିମା ପ୍ରଧାନ, ଡ. ଧନେଶ୍ୱର ବେହେରା, ଡ. ସଦାନନ୍ଦ ମେହେର, କୋଲକାତାସ୍ଥିତ ଯାଦବପୁର ବିଶ୍ୱବିଦ୍ୟାଳୟର ଡ. ଲଳିତ ଲାଲିତାଭ ମହାକୁଡ଼, ଡ. ବିଦ୍ୟୁତ୍ ପ୍ରଭା ଦାସ ଯୋଗଦେଇ ବିଷୟଭିତ୍ତିକ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଭାଗୀୟ ଶତାଧିକ ଛାତ୍ରଛାତ୍ରୀ ସହିତ ଅନେକ ଗବେଷକ ଓ ଗବେଷିକା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ନିଜ ସନ୍ଦର୍ଭପାଠ କରିଥିଲେ। ସମ୍ପୂର୍ଣ୍ଣ ଆୟୋଜନକୁ ବିଭାଗୀୟ ସଂଯୋଜକ ତଥା କାର୍ଯ୍ୟକ୍ରମ ଆବାହକ ପ୍ରଫେସର ରାଜେଶ କୁମାର ସିଂ, ବିଭାଗୀୟ ମୁଖ୍ୟ ତଥା ସହ ଆବାହକ ଡ. ଚକ୍ରଧର ନାୟକ, କାର୍ଯ୍ୟକ୍ରମର ସାଂଗଠନିକ ସମ୍ପାଦିକା ଲକ୍ଷ୍ମୀପ୍ରିୟା ମହାନ୍ତି, ସହସଂଗଠିକା ନିଶିବିଜିତା ନାୟକ, ରୋଜିନା ବେହେରା, ବିଭାଗୀୟ ଅଧ୍ୟାପକଗଣ ଯଥା- ମୌସୁମୀ ଦତ୍ତ, ପ୍ରକାଶ ଚନ୍ଦ୍ର ଆଦି, ସୌମ୍ୟା ପ୍ରିୟଦର୍ଶିନୀ ମହାନ୍ତି, ପ୍ରଣବକାନ୍ତି ଦତ୍ତ, ସ୍ନେହାଶିଷ ମହାନ୍ତି ପ୍ରମୁଖ ସମ୍ପାଦନା କରିଥିଲେ।

**ଶ୍ରମ ମନ୍ତ୍ରୀଙ୍କ ଜିଲ୍ଲାରେ ଥମୁନି ଦାଦନ ଦୁଃଖ**

# ବେଙ୍ଗାଲୁରୁ ଯାଇ ଶବ ହୋଇ ଫେରିଲେ ଶ୍ରମିକ

ରାଇରଙ୍ଗପୁର, ୧୨।୧୨ (ସମିସ): ଶ୍ରମମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆଙ୍କ ନିଜ ଜିଲ୍ଲା ମୟୂରଭଞ୍ଜରେ ଦାଦନ ଯନ୍ତ୍ରଣା ଥମିବାରେ ନାଁ ନେଉନି। ଦାଦନ ଖଟିବାକୁ ଯାଇଥିବା ବ୍ୟକ୍ତିଙ୍କ ୩/୪ ଦିନ ପୂର୍ବରୁ ମୃତ୍ୟୁ ଘଟିଥିବାବେଳେ ଶୁକ୍ରବାର ଶବ ଘରକୁ ଆସିଛି। ଏହିପରି ଦୁଃଖଦ ଘଟଣା ବାମନଘାଟି ଉପଖଣ୍ଡର ଜାମଦା ବ୍ଲକ ଅଧୀନ ବଡ଼ଦୁନ୍ଦୁ ଅଞ୍ଚଳର ଗୋପୀନାଥଘୁଟୁ ଗ୍ରାମରେ। ମୃତକ ହେଲେ ଶ୍ୟାମ ମାର୍ଣ୍ଡି (୪୧)। ସୂଚନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳରେ କାମ ନ ପାଇ ଉକ୍ତ ଅଞ୍ଚଳର ଅନେକ ଲୋକଙ୍କ ସମେତ ଶ୍ୟାମ କର୍ଣ୍ଣାଟକ ରାଜ୍ୟର ବେଙ୍ଗାଲୁରୁକୁ ଦାଦନ ଖଟିବାକୁ ଯାଇଥିଲେ। ବେଙ୍ଗାଲୁରୁ ଏକ କମ୍ପାନୀରେ ସେ କାର୍ଯ୍ୟ କରୁଥିଲେ। ଗତ ସୋମବାର ବେଙ୍ଗାଲୁରୁ ସ୍ଥିତ ଭଡ଼ାଘରେ କୌଣସି କାରଣ ପାଇଁ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ପରିବାରଲୋକଙ୍କୁ ଖବର ମିଳିଥିଲା। ହସ୍ପିଟାଲରେ ଶବ ବ୍ୟବଚ୍ଛେଦ କରାଯାଇ ମୃତଦେହ ରଖାଯାଇଥିବା ବେଳେ ସେଠାକୁ ଯାଇ ମୃତଦେହ ଆଣିବାକୁ କୁହାଯାଇଥିଲା। ଗରିବ ଶ୍ରେଣୀର ପରିବାର ହୋଇଥିବା ବେଳେ ବେଙ୍ଗାଲୁରୁ ଯାଇ ମୃତଦେହ ଆଣିବାକୁ ସେ ଅସମର୍ଥ ପ୍ରକାଶ କରିଥିଲେ। ଏନେଇ ବାମନଘାଟି ଉପଖଣ୍ଡ ଶ୍ରମିକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ। ଶ୍ରମ ଅଧିକାରୀ ଦିଲ୍ଲୀପ କୁମାର ହାଁସଦାଙ୍କ ଜରିଆରେ ଶ୍ୟାମ ମାର୍ଣ୍ଡିଙ୍କ ପତ୍ନୀ ଓ ଭାଇ ବେଙ୍ଗାଲୁରୁକୁ ଯାଇଥିଲେ। କମ୍ପାନୀ ମାଲିକଙ୍କ ସହ ଶ୍ରମ ବିଭାଗ ଅଧିକାରୀ ଆଲୋଚନା କରିବା ପରେ ମାଲିକ ମୃତଦେହ ଘର ପଠାଇବାକୁ ବ୍ୟବସ୍ଥା କରିଥିଲେ। ଆମ୍ବୁଲାନ୍ସ ଯୋଗେ ମୃତଦେହ ବେଙ୍ଗାଲୁରୁରୁ ଘରକୁ ଅଣାଯାଇଥିଲା। ବୁଧବାର ସେଠାରୁ ବାହାରି ଥିବା ବେଳେ ଶୁକ୍ରବାର ସକାଳେ ଗ୍ରାମରେ ପହଞ୍ଚିଥିଲେ। ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଆର୍ଥିକ ସ୍ୱଚ୍ଛଳତା ଅଭାବରୁ ଶ୍ରମ ବିଭାଗ ହସ୍ତକ୍ଷେପ କରିବାରୁ ମୃତଦେହ ଘରକୁ ଆସିଥିଲା। ସରକାରୀ ସହାୟତା ଯୋଗାଇଦେବାକୁ ପରିବାର ଲୋକେ ଜିଲ୍ଲା ପ୍ରଶାସନଙ୍କୁ ନିବେଦନ କରିଛନ୍ତି। ଶ୍ରମ ବିଭାଗ ପକ୍ଷରୁ ମୃତକାଳୀନ ସହାୟତା ଯୋଗାଇବାକୁ ବିଭାଗକୁ ଜଣାଯାଇଛି ବୋଲି ଶ୍ରମ ଅଧିକାରୀ ଶ୍ରୀ ହାଁସଦା କହିଛନ୍ତି।



# ଅସମ୍ଭାଳ ହେଉଛି ଟ୍ରାଫିକ ସମସ୍ୟା; ୱାନ୍-ୱେ ଦାବି

ଯୋଡ଼ା, ୧୨।୧୨ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକାର ବସଷ୍ଟାଣ୍ଡ ନିକଟରୁ ଧରଣୀଧର ଛକ ପର୍ଯ୍ୟନ୍ତ ଲମ୍ବିଥିବା ୱାର୍ଡକୁ ୱାନ-ୱେ କରିବାକୁ ସାଧାରଣରେ ଦାବି ହେଉଛି। ଉକ୍ତ ରାସ୍ତାଟି ପୂର୍ବରୁ ଅଣଓସାରିଆ ଥିବା ସହ ୱାର୍ଡବାସୀଙ୍କ ଯାତାୟାତ ନିମନ୍ତେ ଏହା ବ୍ୟବହୃତ ହେଉଥିଲା। କାଳକ୍ରମେ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଯୋଡ଼ା ସହରର ବିକାଶକୁ ଦେଖି ରାସ୍ତାଟିକୁ ପ୍ରଶସ୍ତ କରାଯାଇ ଜନସାଧାରଣଙ୍କ ଗମନାଗମନ ନିମନ୍ତେ ପର୍ଯ୍ୟାପ୍ତ ସହାୟକ ହୋଇପାରିଲା। ତେବେ ବର୍ତ୍ତମାନ ଏହି ରାସ୍ତାକଡ଼ରେ ବିଭିନ୍ନ ଉଠା ଦୋକାନ ଖୋଲି ରାସ୍ତାକୁ ଆବୋରି ପକେଇବା ଦ୍ୱାରା ପାର୍କିଂ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଉକ୍ତ ରାସ୍ତାଟିରେ ଦୈନିକ ଶହ ଶହ ଚାରିଚକିଆ ଯାନ



ଯାତାୟାତ କରୁଥିବାରୁ ସର୍ବଦା ଟ୍ରାଫିକ ସମସ୍ୟା ଲାଗି ରହି ପଥଚଲା ବାଟୋଇ, ଦୁଇଚକିଆ ଯାନରେ ଯାତାୟାତ କରୁଥିବା ମହିଳା ଓ ବୟସ୍କ ଲୋକଙ୍କ ପାଇଁ ଅନେକ ଅସୁବିଧା ହେଉଥିବା ନେଇ ଅଭିଯୋଗ ହେଉଛି। ଏହାକୁ ନେଇ ଅନେକ ଥର ପୌରପାଳିକାରେ ଅଭିଯୋଗ କରାଯାଇଛି। ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାର ହେଉଛି ହେଲେ ପୌରପାଳିକା ପକ୍ଷରୁ ସବୁବେଳେ ଅତି ଶୀଘ୍ର କରାଯିବ ବୋଲି ଉତ୍ତର ଆସୁଥିବା ବେଳେ ବର୍ଷ ବର୍ଷ ବିତି ଯାଉଛି, ଏଥିରେ ସୁଧାର ଆସିପାରିନାହିଁ। ପୂର୍ବରୁ ଯୋଡ଼ା ସହର ଦେଇ ଖଣିଜ ବୋଝେଇ ଟ୍ରକ ଯାତାୟାତ କରୁଥିବା ବେଳେ ମୁଖ୍ୟରାସ୍ତାଟି ସର୍ବଦା ଭିଡ଼ ରହୁଥିଲା। ଏବେ ଫ୍ଲାଏଓଭର ନିର୍ମାଣ ପରେ ଉଭୟ ପାର୍ଶ୍ୱରେ ଚଉଡା ରାସ୍ତା ରହିଛି ତଥାପି ଅମାନିଆ ଭାବେ ଚାରିଚକିଆ ଯାନଗୁଡିକ ମୁଖ୍ୟରାସ୍ତାର ସର୍ଭିସ ରୋଡରେ ନ ଯାଇ ୱାର୍ଡ ରାସ୍ତା ବ୍ୟବହାର କରି ଟ୍ରାଫିକ ସମସ୍ୟା ଉପୁଜାଇ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରାଉଛନ୍ତି। ତେବେ ଆଗକୁ ପୌରପାଳିକା କିମ୍ବା ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେଲେ ୱାର୍ଡ ବାସିନ୍ଦା ବାଧ ହୋଇ ରାସ୍ତାକୁ ଅବରୋଧ କରିବେ ବୋଲି ଆଲୋଚନା ବେଳେ କହିଛନ୍ତି।

● ସରକାରୀ କଲ୍ୟାଣ ଯୋଜନା କାହାପାଇଁ

# ଶିଶୁର ମୁଣ୍ଡ ବଢୁଛି; ଚିକିତ୍ସା ପାଇଁ ଅର୍ଥ ଚିନ୍ତାରେ ପରିବାର

ଆନନ୍ଦପୁର, ୧୨।୧୨ (ସମିସ): ବୟସ ମାତ୍ର ୬ ମାସ। ବିଜୁର ମୁଣ୍ଡରେ ପାଣି ଜମିଛି। ମୁଣ୍ଡର ଆକାର ଧୀରେ ଧୀରେ ବଢୁଛି। କିପରି ଉନ୍ନତ ଚିକିତ୍ସା ପାଇଁ ସେନେଇ ଅର୍ଥ ଯୋଗାଡ଼ ଚିନ୍ତାରେ ବିଜୁର ମା' ସଞ୍ଜୁ। କିଛି ଚିନ୍ତା ମଧ କରିନାରୁ ନାହାନ୍ତି। ଡ଼ାକ୍ତର କହୁଛନ୍ତି ମୁଣ୍ଡରେ ପାଣି ଜମିଛି। ଅପରେସନ ଦରକାର। ସୂଚନା ଅନୁସାରେ, କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ୍ ଗଡବାନ୍ଧଗୋଡ଼ା ପଞ୍ଚାୟତ ସାପୁଆସାହିର ସ୍ୱର୍ଗତ ରାଜୁ ମୁଣ୍ଡାଙ୍କୁ ୩ ମାସ ତଳେ ଜ୍ୱର ହେବାରୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ରାଜୁ ଯାଜପୁର ଜିଲ୍ଲା ପାଣିକୋଇଲି ଥାନା କାଜିପାଟଣା ମାଧ ସିଂଙ୍କ ଝିଅ ସଞ୍ଜୁ ସିଂଙ୍କୁ ଦୀର୍ଘ ଦିନ ଧରି ଭଲ ପାଇ ବିବାହ କରିଥିବା ବେଳେ ରାଜୁଙ୍କ ମୃତ୍ୟୁ ପରେ ଏବେ ପୁଅକୁ କିପରି ନେଇ ଜୀବନ ଧାରଣ କରିବେ, ମା' ସଞ୍ଜୁଙ୍କ ମୁଣ୍ଡରୁ ଚିନ୍ତା ଯାଉନାହିଁ। ସାପୁଆସାହିର ସ୍ୱର୍ଗତ ନନ୍ଦିଆ ମୁଣ୍ଡାଙ୍କ ପୁଅ ରାଜୁ ମୁଣ୍ଡା। ଏବେ ପରିବାର କହିଲେ ମା' ଓ ସ୍ତ୍ରୀ ସଞ୍ଜୁ। ଦୁଇ ଜଣ ମହିଳାଙ୍କ ସହ ୬ ମାସର ବିଜୁ। ଚିକିତ୍ସା ପାଇଁ ଦୁଇ ମହିଳାଙ୍କ ପାଇଁ ଅର୍ଥ ଯୁଟାଇବା



କାଠିକର ହୋଇପଡ଼ିଥିବା ବେଳେ ଅପରେସନ ପାଇଁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦୁଇ ବିଧବା ମହିଳାଙ୍କ ପାଇଁ ଏହା ଏକ ଯନ୍ତ୍ରଣା ପାଲଟିଛି। ସରକାର ଏହି ଗରିବ ବିଧବା ମହିଳାଙ୍କ ଚିକିତ୍ସା ପାଇଁ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଦଡୁଆଁ ଗ୍ରାମରେ ଠାକୁରାଣୀ ଓଷା



ଯୋଡ଼ା,୧୨।୧୨(ସମିସ): ବିରିକଳା ପଞ୍ଚାୟତର ଦଡୁଆଁ ଗ୍ରାମସ୍ଥିତ ଧୁବୁଲା ବେଡାଠାରେ ମା' ଠାକୁରାଣୀଙ୍କ ଓଷା ପାଳିତ ହୋଇଯାଇଛି। ଦୀର୍ଘ ୮ ଦିନ ଧରି ମା'ଙ୍କ କୋଠି ଘରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଗୁରୁବାର ବିଳମ୍ବିତ ରାତିରେ କୋଠି ଘରୁ ବାହାରକୁ ମା' ବିଜେ କରିଥିଲେ। ଶୁକ୍ରବାର ଦିନତମାମ ପୂଜାର୍ଚ୍ଚନା କରାଯାଇଥିଲା। ବହୁ ସଂଖ୍ୟାରେ ଆଖପାଖର ଗ୍ରାମବାସୀ ମା'ଙ୍କୁ ଦର୍ଶନ କରିଥିଲେ। ଗ୍ରାମର ଦେହୁରୀଙ୍କ ଦ୍ୱାରା ଦୀର୍ଘ ୮ ଦିନ ଧରି ମା'ଙ୍କ ମୃଣ୍ମୟୀ ମୂର୍ତ୍ତିର ପୂଜାର୍ଚ୍ଚନା କରାଯାଇଥିଲା। ଉପବାସ ରଖୁଥିବା ବ୍ରତଧାରୀମାନେ ଆଠ ଦିନ ଧରି ଶୁଦ୍ଧପୁତ ଭାବେ ବ୍ରତ ରଖି ଶୁକ୍ରବାର ସନ୍ଧ୍ୟାରେ ପରମ୍ପରା ଅନୁଯାୟୀ ନିଆଁ ହୁଳରେ ଖାଲି ପାଦରେ ଚାଲିଥିଲେ। ଏହି ବିରଳ ଦୃଶ୍ୟ ଦେଖିବା ପାଇଁ ଶତାଧିକ ଶ୍ରଦ୍ଧାଳୁ ତଥା ଲୋକଙ୍କ ଭିଡ଼ ଜମିଥିଲା। ଶେଷରେ ମା'ଙ୍କୁ ଗ୍ରାମରେ ବାଦ୍ୟ ରୋଶଣି, ଗୀତନାଚ କରି ମେଲାଣି ଦିଆଯାଇ ବୈତରଣୀ ନଦୀରେ ବିସର୍ଜନ କରାଯାଇଛି।

# ୨୩ରୁ ତରତରା ମା'ତାରିଣୀ ଫୁଟ୍‌ବଲ

ଆନନ୍ଦପୁର, ୧୨।୧୨ (ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ତରତରା ମା' ତାରିଣୀ ଫୁଟବଲ କପ ଆନୁକୂଲ୍ୟରେ ତରତରା ଷ୍ଟାଡ଼ିୟମଠାରେ ଡିସେମ୍ବର ୨୩ରୁ ୩୦ ତାରିଖ ପର୍ଯ୍ୟନ୍ତ ୨୬ତମ ଆନ୍ତରାଜ୍ୟ ମା' ତାରିଣୀ କପ ଫୁଟବଲ ପ୍ରତିଯୋଗିତା ଆୟୋଜିତ ହେବବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି। ପ୍ରଥମ ମ୍ୟାଚ୍ ପପୁଲାର କ୍ଲବ ଢେଙ୍କାନାଳ ସହ ମା'କାମାକ୍ଷା ସ୍ପୋର୍ଟସ କ୍ଲବ ବକ୍ସର ବିହାର, ୨୪ ତାରିଖ ବୁଧବାର ଫ୍ରେଣ୍ଡସ୍ ପାରାଡ଼ାଇଜ୍ ଜଟଣି ସହ ସିଦୁଲି ଏଫସି ଆସାନସୋଲ, ୨୫ ତାରିଖ ଗୁରୁବାର ପ୍ରଥମ ସେମିଫାଇନାଲ, ୨୬ତାରିଖ ଶୁକ୍ରବାର ଚକ୍ରଧର ଫୁଟବଲ ଏକାଡେମୀ ଝାଡ଼ଖଣ୍ଡ ସହ ରାମଧୁନ୍ କ୍ଲବ ସୋନପୁର, ୨୭ ତାରିଖ ଏମଏସଏଫ ସ୍ପୋର୍ଟ ଏକାଡେମୀ କଲିକତା ସହ ରାଉରକେଲା ରେଡୟୁନିଟ୍, ୨୮ ତାରିଖ ଦ୍ୱିତୀୟ ସେମିଫାଇନାଲ, ୩୦ ତାରିଖ ମଙ୍ଗଳବାର ଅପରାହ୍ନ ୩ଟା ସମୟରେ ଗ୍ରାଣ୍ଡ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି କମିଟିର ସଭାପତି ସୁବ୍ରତ କୁମାର ସାମଲ (ମୁନା) ପ୍ରକାଶ କରିଛନ୍ତି।

# ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା-୨୦୨୫ ପ୍ରସ୍ତୁତି

କେନ୍ଦୁଝର,୧୨।୧୨(ସମିସ): କେନ୍ଦୁଝରଠାରେ ଆୟୋଜିତ ହେବାକୁ ଥିବା ଜାତୀୟ ସ୍ତରୀୟ 'ପଲ୍ଲିଶ୍ରୀ ମେଳା-୨୦୨୫' ପାଇଁ ପ୍ରସ୍ତୁତି କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି। ଗତ ମଙ୍ଗଳବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅଧକ୍ଷତା କରି ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କୁମାର ନାଗଭୂଷଣ ମେଳା ଆୟୋଜନ ସମ୍ବନ୍ଧିତ ଆଲୋଚନା କରିଥିଲେ। ସର୍ବସମ୍ମତିକ୍ରମେ ଏହି ମେଳାକୁ ୧୦ ଦିନ ବ୍ୟାପୀ ୨୬.୧୨.୨୦୨୫ରୁ ୦୪.୦୧.୨୦୨୬ ପର୍ଯ୍ୟନ୍ତ କାଳି ପଡ଼ିଆ ନିକଟସ୍ଥ କେନ୍ଦୁଝର ଷ୍ଟାଡିୟମ୍‌ରେ



ଆୟୋଜନ କରିବା ପାଇଁ ନିଷ୍ପତ୍ତି ହୋଇଛି। ପ୍ରାୟ ୩୦୦ ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ରହଣି ବ୍ୟବସ୍ଥା, ବ୍ୟାପକ ପ୍ରଚାର ପ୍ରସାର ପାଇଁ ମୁଖ୍ୟ ସ୍ଥାନରେ ହୋର୍ଡିଂ, ଦର୍ଶକଙ୍କ ଆଗମନ, ପର୍ଯ୍ୟାପ୍ତ ସଂଖ୍ୟକ ପାଣି ଟ୍ୟାଙ୍କର ଓ ତିନୋଟି ପାନୀୟଜଳ ଗାଡ଼ିର ବ୍ୟବସ୍ଥା ସହ ଆଇନଶୃଙ୍ଖଳା ଏବଂ ସୁରକ୍ଷା ପାଇଁ ୨୪ ଘଣ୍ଟିଆ ଏକ ପ୍ଲାଟୁନ୍ ପୁଲିସ୍ ଫୋର୍ସ ଏବଂ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ କର୍ମଚାରୀ ମୁତୟନ କରାଯିବ। ମେଳାସ୍ଥଳରେ ଅଗ୍ନିଶମ ବାହିନୀ ଗାଡ଼ି ଓ ଆବଶ୍ୟକ କର୍ମଚାରୀଙ୍କ ସହ ୨୪ ଘଣ୍ଟିଆ ସେବା ଉପଲବ୍ଧ ରହିବ। ପ୍ରାଥମିକ ଚିକିତ୍ସା କେନ୍ଦ୍ର ସହ ଆମ୍ବୁଲାନ୍ସ ବ୍ୟବସ୍ଥା ମଧ କରାଯିବ। ସମାନ୍ତରାଳ ଭାବେ ୨୬ ଡିସେମ୍ବରଠାରୁ ଆରମ୍ଭ ହେବାକୁ ଥିବା ଗୋନାସିକା କେନ୍ଦୁଝର ମହୋତ୍ସବ ଡିସେମ୍ବର ୩୦ ତାରିଖ ଶେଷ ହେବା ପରେ ମଧମେଳାର ଷଷ୍ଠ ଦିନରୁ ଦଶମ ଦିନ ପର୍ଯ୍ୟନ୍ତ (୩୧.୧୨.୨୦୨୫ରୁ ୦୪.୦୧.୨୦୨୬) ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଜରୁରିକାଳୀନ ସେବା ଷ୍ଟଲ୍‌କୁ ଛାଡ଼ି ଅନ୍ୟ ସମସ୍ତ ବିଭାଗ ପାଇଁ ଷ୍ଟଲ୍ ଦର ୧୫,୦୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହି ବୈଠକରେ କେନ୍ଦୁଝର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶିବଶଙ୍କର ମିଶ୍ରଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିବା ବେଳେ ଉପ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓରମାସ କ୍ଷୀତିଶଚନ୍ଦ୍ର ବଳ ପରିଚାଳନା କରିଥିଲେ।

# କେଶଦୁରପାଳ ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ ଦାବି

ଆନନ୍ଦପୁର, ୧୨।୧୨ (ସମିସ): କୌଣସି ଆବଶ୍ୟକତା ନଥାଇ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଅଦଳ ବଦଳ କରିବାରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି। ଏହାକୁ କେନ୍ଦ୍ର କରି ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ରାଜନୈତିକ ଆକ୍ରୋଶ ବିଦ୍ୟାଳୟ ଉପରେ ପ୍ରତିଫଳନ ହେଉଥିବା ଏବଂ ଅଯଥାରେ ଶିକ୍ଷକଙ୍କୁ ହଇରାଣ ହରକତ କରିବା ଘଟଣାରେ ଆଜି ଗ୍ରାମବାସୀ ଶିକ୍ଷା ବିଭାଗକୁ ପ୍ରତିବାଦ ଜଣାଇଛି। ଏପରି ଏକ ଅଯଥା ସମସ୍ୟା ସୃଷ୍ଟି ହୋଇଛି ଘସିପୁରା ବ୍ଲକ ଅନ୍ତର୍ଗତ କେଶଦୁରାପାଳ ପ୍ରାଥମିକ ବିଦ୍ୟାଳୟରେ। ଏହାକୁ ବିରୋଧ କରିବା ସହ ଶିକ୍ଷୟିତ୍ରୀଙ୍କ ବଦଳି ରୋକିବାକୁ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ଦିଆଯାଇଛି। ଶିକ୍ଷୟିତ୍ରୀ ସରସ୍ୱତୀ ସାହୁଙ୍କୁ ସରକାରୀ ପ୍ରାଥମିକ ବିଦ୍ୟାଳୟ କେଶଦୁରାପାଳରୁ ଜଳସୁଆଁ ପାଟଣାକୁ ବଦଳି କରିବାରୁ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଘଷିପୁରା ବ୍ଲକ ଶିକ୍ଷାଧିକାରୀଙ୍କୁ ଉକ୍ତ ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ କରି ପୁନର୍ବାର କେଶଦୁରାପାଳ ପ୍ରାଥମିକ ବିଦ୍ୟାଳୟରେ ରହିବା ପାଇଁ ଅଭିଭାବକଙ୍କ ପକ୍ଷରୁ ବସନ୍ତ ମହାରଣା ସୁରେନ୍ଦ୍ର ସାହୁ, ସୀତା ଡିଆଣି, ମମତା ଡିଆଣି, ସ୍ନେହଲତା ଦିଆଣି ପ୍ରମୁଖ ଦାବିପତ୍ର ଦେଇଛନ୍ତି।

# ୩ ପଞ୍ଚାୟତରେ ଶୀତବସ୍ତ୍ର ବିତରଣ



ଆନନ୍ଦପୁର, ୧୨।୧୨ (ସମିସ): କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକର ୩ଟି ପଞ୍ଚାୟତରେ ଅସହାୟ ବ୍ୟକ୍ତିଙ୍କୁ ଶୀତବସ୍ତ୍ର କମ୍ବଳ ପ୍ରଦାନ କରାଯାଇଛି। ଆଦର୍ଶ ସେବା ସଂଘ ସଭାପତି ଯଜ୍ଞପ୍ରସାଦ ସାହୁଙ୍କ ନେତୃତ୍ୱରେ ଆଜି ଶାଳଦେଇ, ତରୁଆଁ ଓ ବାତୋ ପଞ୍ଚାୟତରେ କମ୍ବଳ ପ୍ରଦାନ କରାଯାଇଛି। ସମସ୍ତ ସ୍ଥାନରେ ୧୬୨ ଜଣ ଦିବ୍ୟାଙ୍ଗ, ବିଧବା ଓ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ଏହି ସହଯୋଗ କରାଯାଉଛି। ପ୍ରକାଶ ରାଉତଙ୍କ ତତ୍ତ୍ୱାବଧାନରେ ଶାଳଦେଇଠାରେ କମ୍ବଳ ବିତରଣ କରାଯାଇଥିଲା। ଯୁବନେତା ଦିଲ୍ଲୀପ ସାହୁଙ୍କ ତତ୍ତ୍ୱାବଧାନରେ ବାତୋ ଓ କୁନୁ ଭାଇଙ୍କ ତତ୍ତ୍ୱାବଧାନରେ ତରୁଆଁରେ କମ୍ବଳ ବଣ୍ଟନ କରାଯାଇଛି। ଯଜ୍ଞପ୍ରସାଦଙ୍କ ଏଭଳି ସେବା କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ବାଇକ୍ ଧକ୍କାରେ ପଥଚାରୀ ମୃତ

ତୁରୁମୁଙ୍ଗା, ୧୨।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଧାନବେଣୀ ନିକଟରେ ଗୁରୁବାର ରାତି ଜଣେ ୬୫ ବର୍ଷିୟ ବ୍ୟକ୍ତିଙ୍କୁ ପଛରୁ ଏକ ବାଇକ ଧକ୍କା ଦେବାରୁ ତାଙ୍କୁ କଟକ ବଡ଼ ଡ଼ାକ୍ତରଖାନା ନେବା ବାଟରେ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ତେଣ୍ଡରା ଗ୍ରାମର ରମାକାନ୍ତ ମହାନ୍ତ। ସୂଚନା ଅନୁଯାୟୀ, ରମାକାନ୍ତ ଚାଲି ଚାଲି ଧାନବେଣିରୁ ତେଣ୍ଡରାକୁ ଫେରୁଥିବା ବେଳେ ତାଙ୍କୁ ପଛ ପଟୁ ବାଇକ୍ ଧକ୍କା ଦେଇ ବାଇକ୍ ଛାଡି ଚାଳକ ଫେରାର ହୋଇଯାଇଥିଲେ। ରମାକାନ୍ତଙ୍କୁ ପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ଓ ସେଠାରୁ କଟକନେବା ବାଟରେ ତାଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପାଟଣା ଥାନାରେ ମାମଲା ରୁଜୁ କରାଯାଇଥିବା ସାହରପଡା ଫାଣ୍ଡି ଅଧିକାରୀ ପାର୍ଥ ଓରାମ କହିଛନ୍ତି।

● ହରିଡ଼ାପାଳ ଗ୍ରାମ୍ୟରାସ୍ତା ହେଉନି ନିର୍ମାଣ

# ଯନ୍ତ୍ରଣା ଭୋଗୁଛନ୍ତି ଅଞ୍ଚଳବାସୀ



ଆନନ୍ଦପୁର, ୧୨।୧୨(ସମିସ): ଆନନ୍ଦପୁର ବ୍ଲକର ହରିଡ଼ାପାଳ ମୁଖ୍ୟରାସ୍ତାଠାରୁ ଗ୍ରାମ୍ୟ ରାସ୍ତା ଦୀର୍ଘଦିନ ହେବ ନିର୍ମାଣ ହେଉ ନଥିବା କିମ୍ବା ରକ୍ଷଣାବେକ୍ଷଣ ହେଉ ନଥିବାରୁ ସାମାନ୍ୟ ମରାମତି ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଗ୍ରାମବାସୀ। ପଞ୍ଚାୟତ କିମ୍ବା ବ୍ଲକ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନଥିବାରୁ ଯନ୍ତ୍ରଣା ଭୋଗୁଛନ୍ତି ଅଞ୍ଚଳବାସୀ। ଆନନ୍ଦପୁର ବ୍ଲକ ଅନ୍ତର୍ଗତ ହରିଡାପାଳ ପଞ୍ଚାୟତର ଫକଡ଼ବାବା ମଠରୁ ହରିଡ଼ାପାଳ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟରାସ୍ତାଟି ଦିନକୁ ଦିନ ଖରାପ ହେବାରେ ଲାଗିଛି। ଦୀର୍ଘ ପ୍ରାୟ ୨୦ ବର୍ଷ ଧରି ଏହି ରାସ୍ତାଟିକୁ ମରାମତି କରାଯାଇ ନାହିଁ। ଏହା ଏବେ ମାଟି ରାସ୍ତାରେ ପରିଣତ ହୋଇଛି। ଦୈନିକ ଏହି ରାସ୍ତା ଦେଇ ଶହ ଶହ ଗ୍ରାମବାସୀ ଓ ସେମାନଙ୍କ ଯାନବାହନ ଯାତାୟାତ କରୁଥିବାରୁ ବର୍ଷାଦିନ କିମ୍ବା ସାମାନ୍ୟ ବର୍ଷା ହେଲେ ଏହି ରାସ୍ତାଟି କାଦୁଅରେ ଭର୍ତ୍ତି ହୋଇଯାଉଥିବାରୁ ଯାତାୟାତରେ ବହୁ ଅସୁବିଧା ହେଉଛି। ଏହି ରାସ୍ତାର ସାମାନ୍ୟ ମରାମତି କରିବାକୁ କେନ୍ଦୁଝର ଜିଲ୍ଲାପାଳଙ୍କୁ ଆନନ୍ଦପୁରଠାରେ ଅଭିଯୋଗ ଶୁଣାଣିରେ ଗ୍ରାମବାସୀ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି।

# ପଞ୍ଚାୟତିରାଜ ଜନପ୍ରତିନିଧିଙ୍କ ବନ୍ଧୁମିଳନ



ଯୋଡ଼ା, ୧୨।୧୨(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକର ସମସ୍ତ ସରପଞ୍ଚ, ଜିଲ୍ଲା ପରିଷଦ ଏବଂ ସମିତିସଭ୍ୟଙ୍କ ଏକ ମିଳିତ ବନ୍ଧୁମିଳନ ବଡ଼କାଳିମାଟି ପଞ୍ଚାୟତ ଅନ୍ତର୍ଗତ ହାଣ୍ଡିଭଙ୍ଗାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଡ଼ା ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମପଞ୍ଚାୟତରୁ ଆସିଥିବା ଜନ ପ୍ରତିନିଧିମାନେ ଏକତ୍ରିତ ହୋଇ ଗ୍ରାମର ଉନ୍ନତି, ସରକାରୀ ଯୋଜନା ଓ ଲୋକଙ୍କ ସମସ୍ୟା ନିରାକରଣ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ କବିନ୍ଦ୍ର ନାଏକ କହିଥିଲେ, 'ଜନପ୍ରତିନିଧିମାନେ ହେଉଛନ୍ତି ଗ୍ରାମ ଶାସନର ମୂଳ ଶକ୍ତି। ଉନ୍ନତ ଗ୍ରାମ ଗଠନ ପାଇଁ ସମସ୍ତଙ୍କ ସମ୍ମିଳିତ ପ୍ରୟାସ ଆବଶ୍ୟକ'। ଅନ୍ୟ ସଦସ୍ୟମାନେ ଗ୍ରାମର ଆଲୋକୀକରଣ, ପାନୀୟଜଳ ଯୋଜନା, ମହିଳା ସଶକ୍ତିକରଣ, ରୋଜଗାର ଯୋଜନା ଆଦି ବିଷୟରେ ମତାମତ ଦେଇଥିଲେ। ବ୍ଲକ୍‌ର ଏହି ପଞ୍ଚାୟତିରାଜ ଜନପ୍ରତିନିଧିମାନେ ଏହି ବନ୍ଧୁମିଳନକୁ ଏକ ଉପଯୁକ୍ତ ମଞ୍ଚ ବୋଲି କହିଛନ୍ତି। ଆଗାମୀ ଦିନରେ ଗ୍ରାମକୁ ଅଧିକ ସୁସଂଘଟିତ, ସ୍ୱଚ୍ଛ ଓ ସ୍ୱାବଲମ୍ବୀ କରିବା ପାଇଁ ସମ୍ମିଳିତ ଭାବେ କାମ କରିବାର ସଂକଳ୍ପ ନେଇଛନ୍ତି।

# ୪୮ତମ ବାର୍ଷିକ ରାଜ୍ୟସ୍ତରୀୟ ପାଲା ସମ୍ମିଳନୀ ପ୍ରସ୍ତୁତି

କେନ୍ଦୁଝର,୧୨।୧୨(ସମିସ): କେନ୍ଦୁଝର ସଂସ୍କୃତି ଭବନରେ ୨୭ ଓ ୨୮ ଦୁଇ ଦିନ ଧରି ୪୮ତମ ବାର୍ଷିକ ରାଜ୍ୟସ୍ତରୀୟ ପାଲା ସମ୍ମିଳନୀ ଅତିଟରିୟମଠାରେ ଆୟୋଜନ ହେବାକୁ ସ୍ଥିର ହୋଇଛି। ସେନେଇ କେନ୍ଦୁଝର ଜିଲ୍ଲା ମା' ତାରିଣୀ ପାଲାକାର ପରିଷଦ ସଭାପତି ରମାକାନ୍ତ ପାତ୍ରଙ୍କ ସଭାପତିତ୍ୱରେ ଲାବଣ୍ୟ ଛକ ପରିବେଶ ଉଦ୍ୟାନଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ସମ୍ମାନିତ ଅତିଥି କେନ୍ଦୁଝର



ସାଂସଦ ଅନନ୍ତ ନାୟକ, ତେଲକୋଇ ବିଧାୟକ ଡା.ଫକିର ମୋହନ ନାଏକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଧନୁର୍ଜୟ ମହାନ୍ତ, କେନ୍ଦୁଝରଗଡ଼ ପୌରପାଳିକା ଅଧକ୍ଷା ନିକୁ ସାହୁ ପ୍ରମୁଖ ଯୋଗଦେବେ ବୋଲି ଜଣାପଡ଼ିଛି।


# ଆଙ୍ଗୁଳିଆରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ନାରଦପୁର,୧୨।୧୨(ସମିସ) ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନାରଦପୁର ପଞ୍ଚାୟତର ଆଙ୍ଗୁଳିଆ ଫୁଟବଲ ପଡ଼ିଆଠାରେ ଶୁକ୍ରବାର ନ୍ୟୁ ଦୋସ୍ତି ଫୁଟବଲ କ୍ଲବ ପକ୍ଷରୁ ଫୁଟବଲ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ନାରଦପୁର ସରପଞ୍ଚ ହେମନ୍ତୀ ମୁଦି, ସମ୍ମାନିତ ଅତିଥି ଭାବେ ସିଆର୍‌ସି ନରୋତ୍ତମ ମହାନ୍ତ ଯୋଗ ଦେଇଥିଲେ। ଏହି ଖେଳରେ ସମୁଦାୟ ୩୨ଟି ଦଳ ଅଂଶଗ୍ରହଣ କରିବେ। ଏହି ଖେଳକୁ ଅର୍ଜୁନ ମୁଣ୍ଡା, ତାପସ ନାଏକ, ବାବୁଲାଲ ମହାକୁଡ, ଫଣିଭୂଷଣ ନାଏକ ପ୍ରମୁଖ ପରିଚାଳନା କରୁଛନ୍ତି। ଆସନ୍ତା ୧୪ ତାରିଖରେ ଫାଇନାଲ ଖେଳ ହେବ ବୋଲି କ୍ଲବ ପକ୍ଷରୁ ସୂଚନା ମିଳିଛି।

# ହଦଗଡ଼ ଡ୍ୟାମ୍‌ରେ ଜମିଲାଣି ଗହଳି

ହାଟଡିହି,୧୨।୧୨(ସମିସ): କେନ୍ଦୁଝର ଜିଲ୍ଲାର ହଦଗଡ଼ରେ ପରିବେଶ ପର୍ଯ୍ୟଟନର ଭରପୂର ସୁଯୋଗ ରହିଛି କିନ୍ତୁ ବିକାଶ ହେଉନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତାବିତ ଇକୋ ଟୁରିଜିମ୍ (ପରିବେଶ ପର୍ଯ୍ୟଟନ) ପ୍ରକଳ୍ପ ଫାଇଲ ତଳେ ଚାପିହୋଇ ରହିଛି। ଏନେଇ କୌଣସି ସୂଚନା ମଧ ଆସୁନାହିଁ। ଏପଟେ ଡ୍ୟାମର ମୁଖ୍ୟ ଫାଟକକୁ ଜଳସମ୍ପଦ ବିଭାଗ ପକ୍ଷରୁ ତାଲା ପକାଇ ରଖାଯାଇଥିବାରୁ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ଅନେକ ସମୟରେ ନିରାଶ ହେଉଛନ୍ତି। ୧୯୬୮ରେ ସାଳନ୍ଦୀ ନଦୀରେ ହଦଗଡ଼ ଜଳଭଣ୍ଡାରର ପରିକଳ୍ପନା କରାଯାଇଥିଲା। ଜଳଭଣ୍ଡାରରୁ ଭଦ୍ରକ ଓ କେନ୍ଦୁଝର ଜିଲ୍ଲାର ଚାଷଜମିକୁ ଜଳସେଚନର ବ୍ୟବସ୍ଥା କରାଯାଇଛି। ବଣପାହାଡ଼ ଘେରା ସବୁଜ ପ୍ରାକୃତିକ ପରିବେଶ ମଧ୍ୟରେ ରହିଥିବା ଏହି ଜଳଭଣ୍ଡାର ସବୁବେଳେ ଆକର୍ଷଣର କେନ୍ଦ୍ର ହୋଇରହିଛି। ଗଚ୍ଛିତ ଜଳରାଶି, ତଳ ଅଞ୍ଚଳରେ ଏହାର ସୌନ୍ଦର୍ଯ୍ୟ ଓ ଜଙ୍ଗଲିଆ ପରିବେଶ ପର୍ଯ୍ୟଟକଙ୍କୁ ବିଶେଷ ଭାବେ ଆକର୍ଷିତ କରିଥାଏ।







ଆନନ୍ଦପୁର ସଦର ମହକୁମାଠାରୁ ହଦଗଡ଼ ଡ୍ୟାମର ଦୂରତା ୨୮କି.ମି। ବର୍ଷତମାମ୍ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଥିଲେ ହେଁ ନଭେମ୍ବରଠାରୁ ଫେବ୍ରୁଆରୀ ପର୍ଯ୍ୟନ୍ତ ପ୍ରତିଦିନ ଭିଡ଼ ଜମିଥାଏ। ବଡ଼ଦିନ ଓ ଇଂରାଜୀ ନୂଆବର୍ଷରେ ଏଠାରେ ରେକର୍ଡ ସଂଖ୍ୟକ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ହଦଗଡ଼କୁ ଯିବା ପାଇଁ ରାସ୍ତା ସମସ୍ୟାର ସମାଧାନ ହୋଇଥିବା ବେଳେ ଡ୍ୟାମ୍ ପାର୍ଶ୍ୱରେ କୌଣସି ବିକାଶମୂଳକ କାର୍ଯ୍ୟ ହେଉନାହିଁ। ଭୋଜିଭାତ କରିବାକୁ କେନ୍ଦୁଝର ଜିଲ୍ଲା ସମେତ ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ଯାଜପୁର, କେନ୍ଦ୍ରାପଡ଼ା ଆଦି ଜିଲ୍ଲାରୁ ଶହଶହ ଲୋକଙ୍କ ଆଗମନ ହେଉଛି। ଭୋଜି କରିବାକୁ ପକ୍କା ପିଣ୍ଡି ଆବଶ୍ୟକ ଥିବାବେଳେ ସେମାନଙ୍କ ପାଇଁ ପାନୀୟଜଳର ଘୋର ସମସ୍ୟା ରହିଛି। ୨୦୨୪ ଜୁନ୍ ୧୨ତାରିଖରୁ ଡ୍ୟାମ୍

> ମୁଖ୍ୟ ଫାଟକରେ ତାଲା ଝୁଲୁଛି
> ନିରାଶରେ ଫେରୁଛନ୍ତି ପର୍ଯ୍ୟଟକ

ମୁଖ୍ୟ ଫାଟକରେ ତାଲା ଝୁଲୁଥିବାରୁ ଅନେକ ପର୍ଯ୍ୟଟକ ପରିବାର ସହିତ ଆସି ନିରାଶରେ ଫେରୁଥିବା ଅଭିଯୋଗ ହୋଇଛି। ରାଜ୍ୟରେ ସମସ୍ତ ଡ୍ୟାମ୍ ଫାଟକ ଖୋଲା ଥିବାବେଳେ ଏଠାରେ ତାଲା ପକାଯାଇଛି। ଡ୍ୟାମରେ ବୋଟିଂ କରାଯିବାକୁ ବହୁଦିନରୁ ଦାବି ହେଉଥିଲେ ହେଁ ଜଳସମ୍ପଦ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉନାହିଁ। ଏଠାରେ ଥିବା ଜଳସମ୍ପଦ ବିଭାଗର ଅତିଥି ଭବନ ମଧ ଅବହେଳିତ ଅବସ୍ଥାରେ ରହିଛି। ହଦଗଡ଼କୁ ସଂଯୋଗ କରୁଥିବା ରାସ୍ତାର ସୁନ୍ଦରାପାଳଠାରେ ଥିବା ମା' ଗଡ଼ଚଣ୍ଡୀଙ୍କ ପୀଠ ପ୍ରତି ମଧ ସରକାରୀ ଅବହେଳା ହେଉଛି। ଦୁଇଟି ସ୍ଥାନର ପାରିପାର୍ଶ୍ୱିକ ବିକାଶ କରାଗଲେ ବାହାର ପର୍ଯ୍ୟଟକମାନେ ଅଧିକ ଆକର୍ଷିତ ହୋଇପାରନ୍ତେ ବୋଲି ବିଭିନ୍ନ ମହଲରେ କୁହାଯାଇଛି।

### ଉପଖଣ୍ଡରେ ବଢୁଛି ସାଇବର ଅପରାଧ

# ଘୋଷଣା ପରେ ବି ସ୍ଥାପନ ହେଉନି ସାଇବର ଥାନା

**ସରକାରୀ ଘୋଷଣାରେ ସାଇବର ଥାନା ସୀମିତ**

ରାଇରଙ୍ଗପୁର,୧୨।୧୨(ସମିସ)

ଅଦୃଶ୍ୟ ସାଇବର ଅପରାଧିଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଲୋକେ ଠକେଇର ଶିକାର ହୋଇ ନିମିଷକ ମଧ୍ୟରେ କଷ୍ଟ ଅର୍ଜିତ ଧନ ସମ୍ପତ୍ତି ହରାଉଛନ୍ତି। ବାମନଘାଟି ଓ ପାଞ୍ଚପିଢ଼ ଉପଖଣ୍ଡରେ ସାଇବର ଅପରାଧ ମାତ୍ରା ବୃଦ୍ଧି ପାଇବାରେ ଲାଗିଛି। କିନ୍ତୁ ସରକାରୀ ଘୋଷଣା ପରେ ବି ରାଇରଙ୍ଗପୁରରେ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ସ୍ଥାପନ ହେଲା ନାହିଁ। କେବଳ ସରକାରୀ ଘୋଷଣାନାମା ମଧ୍ୟରେ ସୀମିତ ରହିଛି।

ସାଇବର ଅପରାଧକୁ ବ୍ରେକ ଲଗାଇବାକୁ ରାଜ୍ୟରେ ନୂତନ କରି ୨୦ଟି ସାଇବର ଓ ଅର୍ଥନୈତିକ ଅପରାଧ ଥାନା ସ୍ଥାପନ କରାଯିବ ବୋଲି ଗତ ମଇ ୨୬ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ। ବାରିପଦାରେ ପୂର୍ବରୁ ସାଇବର ଥାନା ଥିବାବେଳେ ମୟୂରଭଞ୍ଜ ଜିଲ୍ଲା ରାଜ୍ୟର ବୃହତ ଜିଲ୍ଲା ହୋଇଥିବାରୁ ରାଇରଙ୍ଗପୁରରେ ଦ୍ୱିତୀୟ ଥାନା ସ୍ଥାପନ ପାଇଁ ସ୍ଥିରୀକୃତ ହୋଇଥିଲା। କିନ୍ତୁ ୬ ମାସରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା ସାଇବର ଥାନା କାର୍ଯ୍ୟକ୍ଷମ ହୋଇ ପାରିଲାନାହିଁ। ରାଇରଙ୍ଗପୁରକୁ ନୂତନ ପୁଲିସ ଜିଲ୍ଲା କରିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଇରଙ୍ଗପୁର ସହରରେ ନୂତନ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ସ୍ଥାପନ ହେବ ବୋଲି ପୂର୍ବରୁ ସ୍ଥିର ହୋଇଛି। ଯେଉଁଥିରେ କି ୧୨ଜଣ ପୋଲିସ କର୍ମଚାରୀ ସମେତ ୨ଜଣ ଆଇଟି ଏକ୍ସପୋର୍ଟ, ଜଣେ ସାଇବର ଫୋରେନସିକ ଏକ୍ସପୋର୍ଟ ଓ ଜଣେ ଫାଇନାନ୍ସ ଏବଂ ଆକାଉଣ୍ଟ ଏନାଲିଷ୍ଟ ରହିବେ। କିନ୍ତୁ ସବୁ କିଛି ନାଲି ଫିତା ତଳେ ରହିଯାଇଛି। ସାଇବର ଥାନା ଅଭାବରୁ ସଠିକ ଭାବେ ସାଇବର ଅପରାଧ ରୋକିବା ନେଇ ସଚେତନତା କାର୍ଯ୍ୟକ୍ରମ ହୋଇ ପାରୁନାହିଁ। ଯାହା ଫଳରେ ଲୋକେ ସାଇବର ଅପରାଧ ମାତ୍ରା ବୃଦ୍ଧି ପାଉଛି। କୋଣସି ସାଇବର ଅପରାଧ ଘଟିଲେ ଅଭିଯୋଗ କରିବା ପାଇଁ ଲୋକେ ବାରିପଦାକୁ ଯିବାକୁ ପଡୁଛି। ବାରିପଦାରୁ ଯାଇ ଅଭିଯୋଗ କରିବା ବେଳକୁ ଗୋଟିଏ ଦିନ ବିତିଯାଉଛି। ଘୋଷଣାକ୍ରମେ ଅନୁଯାୟୀ ରାଜ୍ୟ ସରକାର ଅସ୍ଥାୟୀ ଭାବେ ସାଇବର ଥାନା କାର୍ଯ୍ୟକ୍ଷମ କରିବାର ଆବଶ୍ୟକତା ରହିଛି। ଥାନା ଅଭାବରୁ ସାଇବର ସୈତାନ ମାନେ ସାବାଡ଼ ହେଉନାହାଁନ୍ତି। ଥାନା ସ୍ଥାପନ ଦ୍ୱାରା ଲୋକେ ଆର୍ଥିକ ଠକେଇରୁ ବର୍ତ୍ତି ପାରିବେ। ସାଇବର ଅପରାଧିକ କାର୍ଯ୍ୟକଳାପ ରୋକିବା ପାଇଁ ରାଜ୍ୟ ସରକାର ତୁରନ୍ତ ସାଇବର ଓ ଅର୍ଥନୈତିକ ଅପରାଧ ଥାନା କାର୍ଯ୍ୟକ୍ଷମ କରିବାର ଆବଶ୍ୟକ ଅଟେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

**୪୬ତମ ବାଣୀପୀଠ ମହୋତ୍ସବ ଉଦଘାଟିତ**

## ପ୍ରଥମ ଦିବସରେ ଜ୍ଞାନବିଜ୍ଞାନ ଓ ଶିଶୁମେଳା




ବଡ଼ସାହି,୧୨।୧୨(ସମିସ): ବଡସାହି ବିବେକାନନ୍ଦ ବିହାର ପରିସରରେ ୪୬ତମ ବାଣୀପୀଠ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ଜ୍ଞାନବିଜ୍ଞାନ ଓ ଶିଶୁମେଳାରେ ପିଲାମାନେ କବିତା ପତି ଓ ଲତିକା ସିଂହଙ୍କ ତତ୍ତ୍ୱାବଧାନରେ ବାଣୀମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ମା' ନିଶାମଣି ରାଉତ ଅନୁଷ୍ଠାନିକ ଭାବେ ଜ୍ଞାନଜ୍ୟୋତି ପ୍ରଜ୍ୱଳନ ପୂର୍ବକ ଏହି ଉତ୍ସବକୁ ଉଦଘାଟନ କରିଥିଲେ। ପରେ ପିଲାମାନଙ୍କ ମଧ୍ୟରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଦୀପ୍ତିରେଖା ମହାକୁଡ଼, ସୋନାକ୍ଷି ଦଣ୍ଡପାଟ ଓ ସୁଜାତା କରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଡାକ୍ତର ସନତ ଦାଶ ଓ କବି କଲ୍ଲୋଳ ଶିବଶଙ୍କର ଭୂୟାଁ ପିଲାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହାକୁ ପ୍ରତ୍ୟକ୍ଷ ଭାବେ ଅନୁଷ୍ଠାନର ଅଧକ୍ଷ ଡକ୍ଟର କୁମାର ବାବୁଲି ପରିଚାଳନା କରିଥିଲେ। ବିଜ୍ଞାନ ମେଳାର ପର୍ଯ୍ୟବେକ୍ଷକ ଭାବେ ଡକ୍ଟର ସରୋଜ ନାୟକ ଓ ପ୍ରଧାନ ଶିକ୍ଷକ ଅମିତାଭ ମିଶ୍ର ପ୍ରକଳ୍ପର ମୂଲ୍ୟାଙ୍କନ କରିଥିଲେ। ମୋଟ ୧୬୭ଟି ପ୍ରକଳ୍ପ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ବଡ଼ସାହି, ପ୍ରତାପପୁର, ସାନବେଲାକୁଟି ଓ ବିବେକାନନ୍ଦ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ପିଲାମାନେ ପ୍ରଦର୍ଶିତ କରିଥିଲେ।

ଏ ଅବସରରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଅବସରପ୍ରାପ୍ତ ଶିକ୍ଷକ ରଣଜିତ୍ କୁମାର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସମ୍ବଲପୁର ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ଡକ୍ଟର ନବ କୁମାର ପଣ୍ଡା ଯୋଗଦାନ କରି ପିଲାଙ୍କ ଭିତରେ ଥିବା ବୈଜ୍ଞାନିକ ଚିନ୍ତାଧାରାକୁ ବିଜ୍ଞାନମେଳା ଉଜ୍ଜୀବିତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଡିଆରଡ଼ିଓର ବରିଷ୍ଠ ବୈଜ୍ଞାନିକ ଶୁଭାଶିଷ ମାର୍ଣ୍ଡି ଯୋଗଦାନ କରି ଶିମିଳିପାଳ ବଞ୍ଚିଲେ ଲକ୍ଷଲକ୍ଷ ବୈଜ୍ଞାନିକ ତାଙ୍କ ଲକ୍ଷ୍ୟକୁ ସଫଳ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ଆଦରଣୀୟ ଅତିଥି ଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଦର୍ଶନ ପଣ୍ଡା, ସ୍ୱତନ୍ତ୍ରବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଚୌଧୁରୀ ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସମାଜସେବୀ ରାଜକିଶୋର ଆଚାର୍ଯ୍ୟ ଯୋଗଦାନ କରି ବିଜ୍ଞାନକୁ ଖରାପ ରାସ୍ତାରେ ବିନିଯୋଗ ନ କରି ଜନସେବାରେ ବିନିଯୋଗ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସଂଚାଳିକା ପୁହାଣ ସୂର୍ଯ୍ୟକାନ୍ତି ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ମେଘାସନ କଲେଜ ଦର୍ଶନ ଶାସ୍ତ୍ର ବିଭାଗର ସ୍ୱାଗତ ଉତ୍ସବ




ପିଙ୍ଗୁ,୧୨।୧୨(ସମିସ): ମେଘାସନ ମହାବିଦ୍ୟାଳୟ ନୁଦଡ଼ିହାର ଦର୍ଶନ ଶାସ୍ତ୍ର ବିଭାଗ ତରଫରୁ ନୂତନ କରି ବିଭାଗରେ ଯୋଗ ଦେଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସ୍ୱାଗତ କରିବା ଅବସରରେ ସଭାପତିତ୍ୱ କରୁଥିବା ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ କହିଥିଲେ, "ଉଚିତ କର୍ମ କଲେ ଉଚିତ ଫଳ ପ୍ରାପ୍ତ ହୋଇଥାଏ। ସେହିପରି ପ୍ରଶାସନିକ ଅଧିକାରୀ ଡ. ନିରଞ୍ଜନ ପାଠୀ, ପ୍ରାଧ୍ୟାପକ ଡ. ଫନୀଭୂଷଣ ପୁଥାଳ, ପ୍ରାଧ୍ୟାପକ ସରୋଜ କୁମାର ମହାନ୍ତି, ପ୍ରାଧ୍ୟାପିକା ଡ. ଶୁଭଦର୍ଶନୀ ମହାନ୍ତି ପିଲାମାନଙ୍କୁ ବାର୍ତ୍ତା ପ୍ରଦାନ କରିଥିଲେ ଯେ ଦର୍ଶନ ଶାସ୍ତ୍ର ହେଉଛି ଜ୍ଞାନର ଗନ୍ତାଘର, ପିଲାମାନେ ସକାଳରୁ ଆରମ୍ଭ କରି ରାତି ପର୍ଯ୍ୟନ୍ତ କାର୍ଯ୍ୟସାରଣୀ ପ୍ରସ୍ତୁତ କରି ଆଗକୁ ଆଗେଇଲେ ନିଶ୍ଚିତ ଉନ୍ନତି କରିବେ। ପ୍ରାରମ୍ଭରେ ବିଭାଗୀୟ ପ୍ରାଧ୍ୟାପକ ବୃନ୍ଦାବନ ମହାନ୍ତି ଅତିଥିଙ୍କୁ ସ୍ୱାଗତ କରିଥିଲେ। ଛାତ୍ରୀ କୁମାରୀ ରଶ୍ମିରେଖା ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ୨ୟ ଓ ୩ୟ ବର୍ଷର ଛାତ୍ରଛାତ୍ରୀ ୧ମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ।

## ପ୍ରସ୍ତାବିତ ଷ୍ଟିଲ ପ୍ଲାଣ୍ଟ ଗ୍ରାମସଭାକୁ ବିରୋଧ କଲା ପ୍ରତିରୋଧ ମଞ୍ଚ



ତୁରୁମୁଙ୍ଗା, ୧୨।୧୨(ସମିସ): ପ୍ରସ୍ତାବିତ ଷ୍ଟିଲପ୍ଲାଣ୍ଟ ପାଇଁ ଶୁକ୍ରବାର ଚେମଣା ପଞ୍ଚାୟତ ଭୃଙ୍ଗରାଜ ପଶିଠାରେ ଗ୍ରାମସଭା ଚାଲିଥିବା ସମୟରେ ଏହାକୁ ବିରୋଧ କରି ପ୍ରସ୍ତାବିତ ଅଞ୍ଚଳର ଶତାଧିକ ପୁରୁଷ ମହିଳା ଚିଲିଦା ଭୃଙ୍ଗରାଜପଶି ରାସ୍ତାର ଚିଲିଦା ନିକଟରେ ଜିନ୍ଦଲ ପସ୍କୋ ପ୍ରତିରୋଧ ମଞ୍ଚ ପକ୍ଷରୁ ଗ୍ରାମସଭାକୁ ବିରୋଧ କରି ପ୍ରତିବାଦ ସଭାର ଆୟୋଜନ କରିଥିଲେ। ବିକ୍ଷୋଭକାରୀମାନେ ହାତରେ ପ୍ଲା-କାର୍ଡ ଧରି କମ୍ପାନୀ ବିରୋଧୀ ନାରା ଦେଇ ରକ୍ତ ଦେବୁ ଜୀବନ ଦେବୁ, ଭିଟାମାଟି ଛାଡିବୁ ନାହିଁ, ଚାଷ ଜମିରେ ଶିଳ୍ପ ପ୍ରତିଷ୍ଠା ବନ୍ଦ କର ଆଦି ନାରା ଦେଇ ଗ୍ରାମସଭାକୁ ବିରୋଧ କରିଥିଲେ।

## ଚାରିଗଡ଼ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା



ତେଲକୋଇ, ୧୨।୧୨(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ମୁଖ୍ୟାଳୟସ୍ଥିତ ଚାରିଗଡ ମହାବିଦ୍ୟାଳୟର ୩୮ତମ ବାର୍ଷିକ କ୍ରୀଡ଼ାଉତ୍ସବ ଉଦଘାଟିତ ହୋଇଛି। ଏହି କ୍ରୀଡା ଉତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହେବ। ଅଧ୍ୟାପକ ଟୁନାରାମ ମହାନ୍ତଙ୍କ ନେତୃତ୍ୱରେ ମା' ହିଙ୍ଗୁଳାଦେବୀଙ୍କ ମନ୍ଦିରରୁ ଅଣାଯାଇଥିବା ମଶାଲକୁ ମୁଖ୍ୟଅତିଥି ଅତିରିକ୍ତ ତହସିଲଦାର ଗୋପବନ୍ଧୁ ନାୟକ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ତପନ ପଣ୍ଡାଙ୍କ ଦ୍ୱାରା କ୍ରୀଡ଼ାଜ୍ୟୋତି ଭାବରେ ସ୍ଥାପନ କରାଯାଇ ଶପଥ ପାଠ ପରେ କ୍ରୀଡା ଉତ୍ସବ ଆରମ୍ଭ ହୋଇଥିଲା। ତେଲକୋଇ ଉଚ୍ଚବିଦ୍ୟାଳୟରୁ ପୁରୁଷୋତ୍ତମ ନାଏକ ଓ ତେଲକୋଇ ବାଳିକା ଉଚ୍ଚବିଦ୍ୟାଳୟରୁ କୌଶଲ୍ୟା ଜେନା ସହଯୋଗ କରିଥିଲେ। ମହାବିଦ୍ୟାଳୟ କ୍ରୀଡାସଂସଦର ତତ୍ତ୍ୱାବଧାରକ ଭାବେ ଅଧ୍ୟାପିକା ବବିତା ରାଉଳ, ଅଧ୍ୟାପକ ସଞ୍ଜୟ ଦେହୁରୀଙ୍କ ସମେତ ଅଧ୍ୟାପିକା ସୁଶ୍ରୀ ପାର୍ବତୀ ସାହୁ, ଅବସରପ୍ରାପ୍ତ ଅଧ୍ୟାପକ ଗୌତମ ମହାନ୍ତ, ଅଧ୍ୟାପକ ରଞ୍ଜନ କୁମାର ଦଳବେହେରା, ପଙ୍କଜ ମିଶ୍ର, ଡ ନିତ୍ୟାନନ୍ଦ କର, ସ୍ମୃତି ଦାସ, ସୁରିଆ ଜୁଆଙ୍ଗ, ବାରିଆଲ ମାରାଣ୍ଡି, ମୋନାଲିଜା ପ୍ରଧାନ, ସନ୍ଦିପ ସିଂ, ଯୋଗେଶ ବେହେରା ତଥା କର୍ମଚାରୀ ବିପିନ ବିହାରୀ ସାହୁ ପରିଚାଳନା କରିଥିଲେ।

**ଉଦଳା ପ୍ରିମିୟର ଲିଗ କ୍ରିକେଟ**

## ଏଲିଟ୍ ଇଲେଭେନ୍ ଚାମ୍ପିଅନ

ଉଦଳା,୧୨।୧୨(ସମିସ): ଉଦଳା ପ୍ରିମିୟର ଲିଗ୍ କ୍ରିକେଟ ୨୦୨୫ ସିଜିନ-୪ ଟୁର୍ଣ୍ଣାମେଣ୍ଟର ଗ୍ରାଣ୍ଡ ଫାଇନାଲ ମ୍ୟାଚ୍‌ରେ ଏଲିଟ୍ ଇଲେଭେନ ବିଜୟ ହାସଲ କରିଛି। ଉକ୍ତ ଟୁର୍ଣ୍ଣାମେଣ୍ଟ ୧୦ ଦିନ ଧରି ଅନୁଷ୍ଠିତ ହୋଇଥିଲା। ଆଜି ଫାଇନାଲ ମ୍ୟାଚରେ ଏ-୨ ସ୍ମାସର ଟିମକୁ ଭେଟିଥିଲା ଏଲିଟ ଇଲେଭେନ। ପ୍ରଥମେ ଏଲିଟ ଇଲେଭେନ ବ୍ୟାଟିଂ କରି ୨୦ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚରେ ୨୦୯ ରନ୍ ସଂଗ୍ରହ କରିଥିଲା। ବିଶାଳ ବିଜୟ ଲକ୍ଷ୍ୟର ପିଛା କରି ଏ-୨ ସ୍ମାସର ୧୭ ଓଭର ୩ଟି ବଲରେ ୧୭୪ ରନ୍‌କରି ପରାସ୍ତ ହୋଇଥିଲା। ଚଳିତ ସିଜିନ ୪ରେ ଏଲିଟ୍ ଇଲେଭେନ ଉଦଳା ପ୍ରିମିଓର ଲିଗ ସିଜିନ ୪ର ମୁନା ମେମୋରିଆଲ ପକ୍ଷରୁ ଚାଲିଥିବା ଏହି ଖେଳରେ ଏଲିଟ୍ ଇଲେଭେନ ଚାମ୍ପିଅନ ଟ୍ରଫି ଅର୍ଜନ କରିଥିଲା। ଏଲିଟ ଇଲେଭେନ ପକ୍ଷରୁ ରହିତ ନାୟକ ୩ ଓଭର ୩ଟି ବଲରେ ୪ ଟି ଉଇକେଟ ନେଇ ମ୍ୟାନ ଅଫ୍ ଦ. ମ୍ୟାଚ ବିବେଚିତ ହୋଇଥିଲେ। ୟୁପିଏଲର ମ୍ୟାନ ଅଫ୍ ଦ ଟୁର୍ଣ୍ଣାମେଣ୍ଟ ପାଇଁ ଏ-୨ ସ୍ମାସାର ପକ୍ଷରୁ ପ୍ରସାଦ ଗିରିଙ୍କୁ ବିବେଚନା କରାଯାଇଥିବା ବେଳେ ଭଲ ବ୍ୟାଟିଂ ପାଇଁ ଦେବାଶିଷ ଆଚାର୍ଯ୍ୟ ଏବଂ ଭଲ ବୋଲିଂ ପାଇଁ ପ୍ରସାଦ ଗିରିଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଆଜିର ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢେଇ, ଉଦଳା ଏନଏସି ଚେୟାରମ୍ୟାନ ପ୍ରମିଳା ପଣ୍ଡା, ଏନ୍‌ଏସିର ୩ନମ୍ବର ୱାର୍ଡର କାଉନସିଲର ଟିଂକି ମୋଦି ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଚାମ୍ପିଅନ ଏବଂ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଖେଳ ପରିଚାଳନାରେ ଅମ୍ପାୟାର ଟେଙ୍ଗେଟେଙ୍ଗେ ଏବଂ ପ୍ରଦୀପ ସହଯୋଗ କରିଥିବାବେଳେ ଧାରାବିବରଣୀରେ ଚନ୍ଦନ ସାହୁ ଏବଂ ଯଯାତି କେଶରୀ ହାତୀ ସହଯୋଗ କରିଥିଲେ। ୟୁପିଏଲର ଉପଦେଷ୍ଟା ଅମିତ ବେହେରା, ତପୁ ମହାନ୍ତି, ହୃଷୀ ଦାସ, ସାଗର ବେହେରା, ଲିକୁ ବେହେରା, କାଜଲ ବେହେରା, ପପୁ, ମାହାନା, ଆଲୋକ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ଗରମ ପାଣି ପିଙ୍ଗିଲେ ପାଚିକା; ଛାତ୍ର ଗୁରୁତର

ରାସଗୋବିନ୍ଦପୁର,୧୨।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଦେଖଇବାକୁ ମିଳିଛି। ସ୍କୁଲର ଜଣେ ପାଚିକା ଜଣେ ୪ର୍ଥ ଶ୍ରେଣୀ ଛାତ୍ରଙ୍କ ଉପରକୁ ଗରମ ପାଣି ଛାଟିଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ଗତ ୧୦ ଦିନ ପୂର୍ବାହ୍ନ ୧୧ଟା ୩୦ ମିନିଟ ସମୟରେ ଉକ୍ତ ବ୍ଲକ ଅଧୀନ ନଳଗଜା ନୁଣଚାଟି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜଣେ ଚତୁର୍ଥ ଶ୍ରେଣୀର ଛାତ୍ର ଶ୍ରେଣୀ ଗୃହ ବାହାରେ ଥିବା ସମୟରେ ବିଦ୍ୟାଳୟର ରୋଷେଇ କରୁଥିବା ପାଚିକ ଛାତ୍ରଙ୍କ ଉପରକୁ ଅଣ୍ଡା, ଆଳୁ ସିଝା ହୋଇଥିବା ଗରମ ପାଣି ଛାଟିଥିଲେ, ଫଳରେ ଛାତ୍ର ଜଣକ ଗୁରୁତର ଆହତ ହୋଇଥିଲେ। ଗୁରୁତର ଛାତ୍ରଙ୍କୁ ପ୍ରଥମେ ନଳଗଜା ଡାକ୍ତରଖାନା ନିଆଯାଇଥିବା ବେଳେ ପରେ ବାଲେଶ୍ୱର ଜିଲ୍ଲା ବସ୍ତାସ୍ଥିତ ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏବାବଦରେ ସିଆରସିସି ନୀଳିମା ହାଁସଦାଙ୍କୁ ପଚାରିବାରୁ ଉକ୍ତ ଛାତ୍ର ଜଣକ ଶୌଚାଳୟକୁ ଯାଇଥିବା ସମୟରେ ଶ୍ରେଣୀ ଗୃହ ବାହାରେ ଛାତ୍ର ଜଣଙ୍କୁ ଅନ୍ୟ ଜଣେ ଛାତ୍ର ଗୋଡାଉଥିବା ସମୟରେ ଉକ୍ତ ଘଟଣା ଘଟିଛି ଏବଂ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ମାନେ ଛାତ୍ରୀଛାତ୍ରଙ୍କ ଉପରେ ନଜର ରଖିବାର ଆବଶ୍ୟକ ଅଛି ଓ ସିଆରସିସି ହାଁସଦା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ମଞ୍ଜରୀ ଦେଙ୍କୁ ତାଗିଦ ମଧ୍ୟ କରିଛନ୍ତି। ତେବେ ଉକ୍ତ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇଥିବା ବେଳେ ଘଟଣା ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ଅଞ୍ଚଳବାସୀ।

## ନିଆଁ ପୁହାଁରୁ ଜଳିଗଲା କୁଟାଗଦା



ମୋରଡା,୧୨।୧୨(ସମିସ): ଶୁକ୍ରବାର ମୋରଡା ବ୍ଲକ ଅଧୀନ ଚିତ୍ରଡା ମଝିସାହି ଗ୍ରାମର ସନ୍ତୋଷ କୁମାର ମହାନ୍ତଙ୍କ ଘର ଲୋକେ ସକାଳେ ଶୀତ ଦାଉରୁ ରକ୍ଷା ପାଇଁ ନିଆଁ ଜାଳୁଥିବା ସମୟରେ ପାଖରେ ଥିବା ଏକ କୁଟା ଗଦାରେ ନିଆଁ ଲାଗିଯାଇଥିଲା। ନିଆଁକୁ ଆୟତ୍ତ କରିବା ସମ୍ଭବପର ନ ହେବାରୁ ଚିତ୍ରଡା ଦମକଳ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ଗାଦିଟି ଜଳିଯାଇଥିଲା। ତେବେ ପାଖରେ ଘର, ଘର ଚାରିପଟ ବାଡ଼ ଓ ବାଉଁଶ ଗଛ ଥିବାରୁ ଏକ ବଡ଼ ବିପତ୍ତିକୁ ରକ୍ଷା କରିଛନ୍ତି ଅଗ୍ନିଶମ ବାହିନୀ କର୍ମଚାରୀ। ତେବେ ସାବଧାନ ହୋଇ ନିଆଁର ବ୍ୟବହାର କରିବାକୁ ଅଗ୍ନିଶମ ବିଭାଗ ଅନୁରୋଧ କରିଛି।

## ନୂତନ ଥାନାଧିକାରୀଙ୍କ ଯୋଗଦାନ



ମହୁଲଡିହା,୧୨।୧୨(ସମିସ): କରଞ୍ଜିଆ ଉପଖଣ୍ଡ ପୁଲିସ ଅଧୀନ ମହୁଲଡିହା ଥାନାରେ ନୂତନ ଥାନାଧିକାରୀ ଭାବେ ଆଇଆଇସି ତୁଷାର ନାୟକ ଯୋଗଦେଛନ୍ତି। ଆଇଆଇସି ଅରୁଣ କୁମାର ଟୁଡୁଙ୍କ ଅନ୍ୟତ୍ର ବଦଳି ହେବାରୁ ନୂତନ ଥାନାଧିକାରୀ ତୁଷାର ନାୟକ ୧୦ ତାରିଖ ସନ୍ଧ୍ୟାରେ ଶ୍ରୀ ଟୁଡୁଙ୍କ ଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ୧୧ ତାରିଖ ରାଜ୍ୟ ପୁଲିସ ଡିଆଇଜି ପୂର୍ବାଞ୍ଚଳ ଜୋନ୍ ପିନାକ ମିଶ୍ରଙ୍କ ପାଞ୍ଚପିଢ଼ି ଗସ୍ତ ଥିବାରୁ ଉପଖଣ୍ଡ ପୁଲିସ ଆରକ୍ଷୀ ଅଧିକ୍ଷକ ନବକୃଷ୍ଣ ନାଏକଙ୍କ ନିର୍ଦ୍ଦେଶରେ କରଞ୍ଜିଆ ଗସ୍ତ କରିଥିଲେ। ମହୁଲଡିହା ଥାନା ଆସିବା ପୂର୍ବରୁ ଥାନାଧିକାରୀ ବାରିପଦା ସଦର ଥାନାରେ କାର୍ଯ୍ୟରତ ଥିଲେ।

## ଦେଶୀ ମଦ ଓ ପୋଚ ଜବତ; ମହିଳା ଗିରଫ




ବାରିପଦା, ୧୨।୧୨(ସମିସ): ଅବକାରୀ ବିଭାଗ ଦ୍ୱାରା ଦେଶୀ ମଦ ଓ ପୋଚ ଜବତ କରାଯିବା ସହିତ ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଜଣଙ୍କ ହେଲେ ବାରିପଦା ସଦର ଥାନା ଅଧୀନ ସାନ ଡାକୋଇ ଗ୍ରାମର ସୀତାରାଣୀ ମାର୍ଣ୍ଡି (୩୨)। ବାରିପଦା ସଦର ଅବକାରୀ ଥାନା ଟିମ ବାରିପଦା ସଦର ଅଧୀନ ବିଭିନ୍ନ ଅଞ୍ଚଳରେ ଚଢ଼ଉ କରିଥିଲେ। ୧୦୬୫ଲିଟର ଦେଶୀ ମଦ ଓ ୧୩,୪୦୦ଲିଟର ମଦ ପୋଚ ଜବତ କରାଯାଇଛି। ଉକ୍ତ ଚଢ଼ଉରେ ସଦର ଅବକାରୀ ଥାନା ଇନ୍ସପେକ୍ଟର ସ୍ୱପ୍ନାରାଣି ସାହୁ, ମୋବାଇଲ ୟୁନିଟ ଇନଚାର୍ଜ ସଞ୍ଜୟ କୁମାର କାଣ୍ଡି, ବାରିପଦା ସଦର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ବିଶ୍ୱାଳ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ। ଏନେଇ ବାରିପଦା ସଦର ଅବକାରୀ ଥାନାରେ ପୃଥକ ଭାବେ ମାମଲା ରୁଜୁ କରାଯାଇଛି।

## ଓଷ୍ଟା ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ



ବଡ଼ସାହି/ମାଣତ୍ରୀ,୧୨।୧୨(ସମିସ):ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ବଡ଼ସାହି ବ୍ଲକ ତରଫରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଦୁର୍ଗାପୁର ସରକାରୀ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଉଦଘାଟନୀ ଉତ୍ସବରେ ବ୍ଲକ ସଭାପତି ହରିଶ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବଡ଼ସାହି ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ଗିରି, ମୁଖ୍ୟବକ୍ତା ଜିଲ୍ଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ସମ୍ମାନିତ ଅତିଥି ପୂର୍ବତନ ସଭାପତି ସନ୍ତୋଷ କୁମାର କାସ୍ତ, ଜିଲ୍ଲା ଯୁଗ୍ମ ସମ୍ପାଦକ ପ୍ରଭାସ କୁମାର ନାଏକ, ଜିଲ୍ଲା କାର୍ଯ୍ୟକାରୀ ସଭ୍ୟ ଦେବରାଜ ନାୟକ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗଦେଇ ଓଷ୍ଟାର କାର୍ଯ୍ୟକ୍ରମ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ତପ୍ରରେ ୧୦ଟି ବିଭାଗ ଯଥା ତର୍କ, କଣ୍ଠ ସଂଗୀତ, ଆବୃତ୍ତି, ଚିତ୍ରାଙ୍କନ, ଗଳ୍ପ ଲିଖନ, କବିତା ଲିଖନ, ଏକକ ନୃତ୍ୟ, ଏକକ ଅଭିନୟ, ସାଧାରଣ ଜ୍ଞାନ ଓ କୁଇଜରେ ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।


ଅପରାହ୍ନର ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପଲତା, ମୁଖ୍ୟବକ୍ତା ବଡ଼ସାହି ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିରାମ ନାଏକ, ସମ୍ମାନିତ ଅତିଥି ପୂର୍ବତନ ସଭାପତି ସନ୍ତୋଷ କୁମାର କାସ୍ତ, ପୂର୍ବତନ ବ୍ଲକ ସଭାପତି ସରୋଜ କୁମାର ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାସ ନାୟକ, ଜିଲ୍ଲା କାର୍ଯ୍ୟକାରୀ ସଭ୍ୟ ଅଭିନନ୍ଦନ ମହୁରୀ, ଦେବରାଜ ନାୟକ ଏବଂ ପ୍ରଧାନ ଶିକ୍ଷକ ପୁର୍ଣ୍ଣେନ୍ଦୁ ସାହୁ ଉପସ୍ଥିତ ରହି କୃତି ପ୍ରତିଯୋଗୀ ମାନଙ୍କୁ ପ୍ରମାଣ ପତ୍ର ଏବଂ ଟ୍ରଫି ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ବାଣିଶ୍ରୀ ସିଂହ ଏବଂ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ଜେନା ଉଭୟ ସଭାରେ ଅତିଥି ପରିଚୟ ଏବଂ ଧନ୍ୟବାଦ ଦେଇଥିଲେ। ପ୍ରଥମ ଦଶଜଣ ଶନିବାର ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବରେ ଯୋଗ ଦେବେ।

## ଲିଙ୍ଗଭିତ୍ତିକ ହିଂସା ବିରୋଧରେ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ




କେନ୍ଦୁଝର, ୧୨।୧୨(ସମିସ): କେନ୍ଦୁଝର ଜିଲ୍ଲା ପ୍ରଶାସନର ସମାଜ କଲ୍ୟାଣ ବିଭାଗ ସହଯୋଗରେ ଓ ସ୍ୱେଚ୍ଛାସେବୀ ସଂଗଠନ ତଦାଶାର ଆୟୋଜନରେ ସରକାରୀ ମହିଳା ମହାବିଦ୍ୟାଳୟ ସଭା ମଣ୍ଡପଠାରେ ଜିଲ୍ଲାସ୍ତରୀୟ ଲିଙ୍ଗଭିତ୍ତିକ ହିଂସା ୧୬ ଦିନିଆ ସଚେତନତା କାର୍ଯ୍ୟକ୍ରମର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ନଭେମ୍ବର ୨୫ ତାରିଖରୁ ଆରମ୍ଭ ହୋଇ ଜିଲ୍ଲାର ବିଭିନ୍ନ ସ୍ଥାନରେ ସଚେତନତା ସଭା, ପଦଯାତ୍ରା, ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଡିସେମ୍ବର ୧୦ ତାରିଖରେ ଶେଷ ହୋଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦରବାର ହଲଠାରେ ଉଦ୍‌ଘାଟିତ ଏହି କାର୍ଯ୍ୟକ୍ରମ ବାଂଶପାଳ ବ୍ଲକ, କାଞ୍ଜିପାଣି, ସଦର ବ୍ଲକ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ, ଧରଣୀଧର ବିଶ୍ୱବିଦ୍ୟାଳୟ, ଧୋବାଡିହା ଓ ଜେଲରୋଡ ବସଷ୍ଟାଣ୍ଡରେ ବିଭିନ୍ନ ବିଷୟକୁ ନେଇ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ଶେଷ ଦିନରେ ଶୁକ୍ରବାର ମୁଖ୍ୟଅତିଥି ଭାବେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ମିତା ନାୟକ ଯୋଗ ଦେଇଥିଲେ। ସରକାରୀ ମହାବିଦ୍ୟାଳୟର ପ୍ରଫେସର ଚିତ୍ତରଞ୍ଜନ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ପ୍ରାଧିକରଣ ସଦସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର ସଭାରେ ଅଧ୍ୟକ୍ଷତା କରିଥିଲେ। ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଛାତ୍ରୀମାନେ ଭାଗ ନେଇଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଗୀତାଞ୍ଜଳି ନାୟକ ଧନ୍ୟବାଦ ଦେଇଥିଲେ। ଜିଲ୍ଲା ସୁରକ୍ଷା ଅଧିକାରିଣୀ ଚନ୍ଦ୍ରକାନ୍ତି ଯେନା, ପରିବାର ପରାମର୍ଶ କେନ୍ଦ୍ରର ବିନୋଦ ବିହାରୀ ରାଉତ, ଜୟଶ୍ରୀ ଦାଶ, ଗୀତାରାଣୀ ଦେବତା, ମହାବିଦ୍ୟାଳୟର ଅଧ୍ୟାପକଅଧ୍ୟାପିକା, ପ୍ରାଧିକରଣ କର୍ମଚାରୀ ଯୋଗଦେଇଥିଲେ। ଏହି ଅବସରରେ 'ବେଟୀ ବଚାଓ ଓ ବେଟୀ ପଢ଼ାଓ' ଉପରେ ଏକ କ୍ଷୁଦ୍ର ଚଳଚିତ୍ର ପ୍ରଦର୍ଶିତ ହୋଇଥିଲା।

## ଟାଟା ପାୱାର ପକ୍ଷରୁ ପ୍ରମୁଖ ଉପଭୋକ୍ତା ସମ୍ମିଳନୀ




ଯୋଡ଼ା, ୧୨।୧୨ (ସମିସ): ଟାଟା ପାୱାର ପକ୍ଷରୁ ଯୋଡ଼ା ଭ୍ୟାଲି କ୍ଲବଠାରେ ଶୁକ୍ରବାର ଏକ ପ୍ରମୁଖ ଉପଭୋକ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯୋଡା ଖଣିକ୍ଷେତ୍ରରେ କାର୍ଯ୍ୟରତ ଟାଟା ଷ୍ଟିଲ କମ୍ପାନୀ, ଜିନ୍ଦଲ ଷ୍ଟିଲ ଲି, ଜେଏସଡବ୍ଲୁ, ବିଆରପିଏଲ୍, ମିତ୍ତଲ, ରୁଙ୍ଗଟା, ଓଏମସି ପ୍ରମୁଖ ଖଣି ଓ ଶିଳ୍ପ କମ୍ପାନୀର ପ୍ରତିନିଧି ଭାଗ ନେଇଥିଲେ। ବିଦ୍ୟୁତ୍ ଶକ୍ତି ସଂରକ୍ଷଣ, ବିନିଯୋଗ କ୍ଷେତ୍ରରେ ନିରାପତ୍ତା ବିଦ୍ଧି ପାଳନ ସମ୍ବନ୍ଧୀୟ, ବିଦ୍ୟୁତ୍ ସରବରାହରେ ବ୍ୟବହୃତ ନୂତନ ଜ୍ଞାନକୌଶଳ ସମ୍ପର୍କରେ ଆଲୋଚନା ହୋଇଥିଲା। ନିରାପତ୍ତା ସଂକ୍ରାନ୍ତ ଏକ କ୍ଷୁଦ୍ର ନାଟକ ମଧ୍ୟ ମଞ୍ଚସ୍ଥ କରାଯାଇ ଖଣି ଓ ଶିଳ୍ପ ସଂସ୍ଥାମାନଙ୍କୁ ସଚେତନତା କରାଯାଇଥିଲା। ପ୍ରାରମ୍ଭରେ ଯୋଡାଠାରେ ଏକ ମିଟର ମ୍ୟାନେଜମେଣ୍ଟ ଷ୍ଟୋର ଉଦ୍‌ଘାଟିତ ହୋଇଥିଲା। ଏହା ମାଧ୍ୟମରେ ଯୋଡା, ବଡବିଲ ଅଞ୍ଚଳର ଉପଭୋକ୍ତାମାନେ ମିଟରରେ ଥିବା ଦୋଷ ତ୍ରୁଟିକୁ କମ୍ପାନୀ ନଜରକୁ ଆଣିବା ସହିତ ଏହାର ତୁରନ୍ତ ସମାଧାନ କରିପାରିବେ। ସେହିପରି ଅପରାହ୍ନରେ ବଡବିଲଠାରେ ବିଜୁଳି ସରବାରାହକୁ ଆହୁରି ନିରବିଚ୍ଛିନ୍ନ କରିବା ନିମନ୍ତେ ଟାଟା ପାୱାରର ସିଇଓ ଗଜାନନ୍ କାଲେଙ୍କ ଦ୍ୱାରା ୨ଟି ସବ୍ ଷ୍ଟେସନ ନିର୍ମାଣ ପାଇଁ ଶୁଭ ଦିଆଯାଇଛି। ଏହାକୁ ଟାଟା ପାୱାରର ସିଇଓ ଗଜାନନ୍ କାଲେ ଶୁଭ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମଟିରେ ଟିପିଏନଓଡିଏଲର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୁଜିତ କୁମାର ରଥ, ଅଧୀକ୍ଷଣ ଯନ୍ତ୍ରୀ ରଶ୍ମିକାନ୍ତ ବେହେରା, ମୁଖ୍ୟ ବାଣିଜ୍ୟିକ ଅଧିକାରୀ ଜୟଦୀପ ରାଏ, ମୁଖ୍ୟ ପରିଚାଳକ ନିଲେଶ ପାଟଫୋଡେ, ମୁଖ୍ୟ ପ୍ରକଳ୍ପ ଅଧିକାରୀ ପ୍ରଦୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାୟ ୧୫୦ ଉପଭୋକ୍ତା ଯୋଗଦେଇଥିଲେ।

## ଚାଟ୍‌ଜିପିଟି କଥାରେ ମା’ଙ୍କୁ ମାରିଦେଲେ ଆମେରିକୀୟ ଅଧିକାରୀ



ହାର୍ଟଫର୍ଡ, ୧୨ ।୧୨(ଏଜେନ୍ସି): ଆମେରିକାର ପୂର୍ବ ଉପକୂଳରେ ଥିବା କନେକ୍ଟିକଟ୍ ରାଜ୍ୟରେ ଜଣେ ବ୍ୟକ୍ତି ଅଜବ କାଣ୍ଡ ଘଟାଇଛନ୍ତି । ସେ ନିଜ ମା’ଙ୍କୁ ଗଳାକାଟି ହତ୍ୟା କରିବା ପରେ ଆତ୍ମହତ୍ୟା କରି ଜୀବନ ହାରିଛନ୍ତି । ଜଣାଶୁଣା ଓପନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଚାଟଜିପିଟି କହିବା ଅନୁସାରେ ୫୬ ବର୍ଷର ଜଣେ ପୂର୍ବତନ ଟେକ୍ କମ୍ପାନୀ ଅଧିକାରୀ ଷ୍ଟିଭ-ଏରିକ ସୋଲବର୍ଗ ଏହି କାଣ୍ଡ ଘଟାଇଛନ୍ତି । ଚାଟ୍‌ଜପିଟି କାରଣରୁ ତାଙ୍କ ମନ ଭିତରେ ଭୟ କ୍ରମାଗତ ଭାବେ ବୃଦ୍ଧି ପାଇଥିଲା । ଏଥିପାଇଁ ଶେଷରେ ସେ ନିଜର ମା’ଙ୍କୁ ହତ୍ୟା କରିଥିଲେ ବୋଲି କୁହାଯାଇଛି । ସୋଲବର୍ଗ ଚାଟ୍‌ଜିପିଟ୍‌ର ନୂଆ ସଂସ୍କରଣ ଜିପିଟି-୪ଓ’ର ବ୍ୟବହାର କରୁଥିଲେ । ଏହି ଏଆଇ କହିବା ଅନୁସାରେ ସେ ତାଙ୍କ ମା’ଙ୍କୁ ତାଙ୍କର ସବୁଠାରୁ ବଡ଼ ଶତ୍ରୁ ବୋଲି ବିଚାର କରି ନେଇଥିଲେ । ଏଆଇ ତାଙ୍କ ମା’ଙ୍କୁ ଜଣେ ଗୁଇନ୍ଦା ଏଜେଣ୍ଟ ଓ ତାଙ୍କର ବଡ଼ ଶତ୍ରୁ ବୋଲି କହିଥିଲା । ଫଳରେ ଅଗଷ୍ଟ ୩ରେ ସେ ନିଜ ମା’ଙ୍କୁ ହତ୍ୟା କରିଥିଲେ । ଏହାପରେ ତାଙ୍କ ମା’ଙ୍କ ପରବାର ଲୋକେ ଚାଟ୍‌ଜିପିଟି ତିଆରି କରିଥିବା କମ୍ପାନୀ ଓପନଏଆଇ ବିରୋଧରେ କେସ ଦାଏର କରିଛନ୍ତି । ଏହି ଘଟଣା ପାଇଁ ଚାଟଜିପିଟିକୁ ଦାୟୀ କରାଯାଇଛି । ତେବେ ଏହି ଘଟଣାରେ ଆମେ ମର୍ମାହତ ଓ ଚାଟଜିପିଟିକୁ ଆହୁରି ଅଧିକ ଉନ୍ନତ କରିବାକୁ ଆମେ ପ୍ରୟାସ କରୁଛୁ ବୋଲି କମ୍ପାନୀ ତରଫରୁ କୁହାଯାଇଛି ।

## ଗୋଆ ନାଇଟ୍ କ୍ଲବ ଅଗ୍ନିକାଣ୍ଡ ମାମଲା
## ୪୨ ଜାଲ୍ କମ୍ପାନୀ ସହ ଲୁଥ୍‌ରା ଭ୍ରାତା ଜଡ଼ିତ



ନୂଆଦିଲ୍ଲୀ, ୧୨ ।୧୨(ଏଜେନ୍ସି): ଗୋଆ ନାଇଟ୍ କ୍ଲବ ‘ବିର୍ଚ ବାଇ ରୋମିଓ ଲେନ୍’ ଅଗ୍ନିକାଣ୍ଡ ମାମଲାରେ ଗିରଫ ହୋଇଥିବା କ୍ଲବ ମାଲିକ ତଥା ଦୁଇଭାଇ ସୌରଭ ଓ ଗୌରବ ଲୁଥରାଙ୍କୁ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି । ଏହି ଦୁଇ ଭାଇ ବର୍ଚ କ୍ଲବ ସମେତ ଅନ୍ୟ ୪୨ଟି ଜାଲ୍ କମ୍ପାନୀ ସହିତ ଜଡିତ ଅଛନ୍ତି । ଏଗୁଡିକ ମଧ୍ୟ କେତୋଟି କମ୍ପାନୀର ଅସ୍ତିତ୍ୱ କେବଳ କାଗଜ କଲମରେ ରହିଛି । ଏହି ସବୁ କମ୍ପାନୀ ଦିଲ୍ଲୀର ଗୋଟିଏ ଠିକଣାରେ ପଞ୍ଜୀକୃତ ହୋଇଛି । କର୍ପୋରେଟ୍ ରେକର୍ଡରୁ ଜଣାପଡ଼ିଛି ଯେ, ଏହି ଦୁଇ ଲୁଥରା ଭାଇ ନକଲି କମ୍ପାନୀ ଓ ଲିମିଟେଡ ଲାୟବିଲିଟି (ଏଲ୍‌ଏଲ୍‌ପି)ରେ ନିର୍ଦ୍ଦେଶକ କିମ୍ବା ଅଂଶୀଦାର ଭାବେ ତାଲିକାଭୁକ୍ତ ଅଛନ୍ତି ।

ଅନ୍ୟପଟେ ଗିରଫ ପରେ ଉଭୟଙ୍କୁ ଥାଇଲାଣ୍ଡରୁ ଭାରତ ଅଣା ଯିବା ପ୍ରକ୍ରିୟା ଆରମ୍ଭ ହୋଇଛି । ଏବେ ତାଙ୍କୁ ରାଜଧାନୀ ବ୍ୟାଙ୍କକ୍ ନିଆଯାଉଛି । ସେମାନଙ୍କୁ ସୁଆନ ଫୁ ଇମିଗ୍ରେସନ ଡିଟେନସନ ସେଣ୍ଟରକୁ ନିଆଯାଇଛି । ପାସପୋର୍ଟ ରଦ୍ଦ ହୋଇଥିବାରୁ ଭାରତୀୟ ଦୂତାବାସ ସେମାନଙ୍କୁ ଜରୁରୀକାଳୀନ ଯାତ୍ରା ପ୍ରମାଣପତ୍ର ପ୍ରଦାନ କରିବେ । ଥାଇଲାଣ୍ଡରୁ ଗୋଆକୁ ସିଧା ବିମାନ ଉଡାଣ ନ ଥିବାରୁ ଦୁହିଁଙ୍କୁ ପ୍ରଥମେ ଦିଲ୍ଲୀ ନିଆଯିବ । ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ପାଇଁ ୪ ଦିନ ଲାଗିବ । ସୋମବାର ବେଳକୁ ଦୁଇ ଭାଇଙ୍କୁ ଦିଲ୍ଲୀ ଅଣାଯିବାର ସମ୍ଭାବନା ରହିଛି । ଦିଲ୍ଲୀ ପହଞ୍ଚିବା ପରେ ହିଁ ଗୋଆ ପୁଲିସ ଦୁଇଜଣଙ୍କୁ ନିଜ ହେପାଜତକୁ ନେବେ ।

## ‘ମନରେଗା’ର ନାମ ବଦଳି ହେଲା ‘ପିବିଜିଆରୱାଇ’

ନୂଆଦିଲ୍ଲୀ, ୧୨ ।୧୨(ଏଜେନ୍ସି): ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଅଧିନିୟମ (ମନରେଗା)ର ନାମ ପରିବର୍ତ୍ତନ କରାଯାଇଛି । କେନ୍ଦ୍ର କ୍ୟାବିନେଟ୍ ଶୁକ୍ରବାର ଏ ନେଇ ଏକ ବଡ଼ ନିଷ୍ପତ୍ତି ନେଇଛି । ମନରେଗା ଏବେ ପୂଜ୍ୟ ବାପୁ ଗ୍ରାମୀଣ ରୋଜଗାର ଯୋଜନା (ପିବିଜିଆରୱାଇ)ରେ ପରିଣତ ହୋଇଛି । ସରକାର ଏହି ଯୋଜନାରେ ନ୍ୟୁନତମ ରୋଜଗାର ଦିନ ସଂଖ୍ୟାକୁ ୧୦୦ରୁ ୧୨୫ କରିଛନ୍ତି । ଅର୍ଥାତ ଗୋଟିଏ ଆର୍ଥିକ ବର୍ଷରେ ଜଣେ ଅକୁଶଳୀ ଶ୍ରମିକ ୧୨୫ ଦିନର ରୋଜଗାର ପାଇପାରିବେ । ପ୍ରଥମେ ଏହି ଯୋଜନା ୨୦୦୫ରେ ନରେଗା ନାମରେ ଆରମ୍ଭ ହୋଇଥିଲା । ପରେ ଏହାକୁ ମନରେଗା ନାମରେ ନାମିତ କରାଯାଇଥିଲା ।

## ଘାଟିରୁ ଖସିଲା ବସ୍; ୯ ଯାତ୍ରୀ ମୃତ

ଜଗଦଲପୁର, ୧୨ ।୧୨(ଏଜେନ୍ସି): ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶ ସୀମାରେ ଥିବା ମାରେଡମିଲି ଘାଟିରେ ଏକ ଯାତ୍ରୀବାହୀ ବସ୍ ଓଲଟି ପଡ଼ିଛି । ଶୁକ୍ରବାର ଘଟିଥିବା ଏହି ଦୁର୍ଘଟଣାରେ ୯ ଜଣ ଯାତ୍ରୀ ମୃତ୍ୟୁବରଣ କରିଥିବା ବେଳେ ଅନେକ ଆହତ ହୋଇଛନ୍ତି । ଆହତମାନଙ୍କୁ ଚିକିତ୍ସା ପାଇଁ ଭଦ୍ରାଚଲମ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ବସରେ ୪୦ ଜଣ ଯାତ୍ରା କରୁଥିଲେ । ବହୁ ଯାତ୍ରୀ ଗୁରୁତର ଭାବେ ଆହତ ହୋଇଥିବାରୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ଦୁର୍ଘଟଣା ତଥା ଘଟଣାସ୍ଥଳର ଭିଡିଓ ଏବେ ସାମ୍ନାକୁ ଆସିଛି । ଘାଟିରୁ ଖସି ବସ ବୁଦା ଭିତରେ ଫସିଯାଇଛି ।

## ଟ୍ରମ୍ପଙ୍କ ଅସୁସ୍ଥ ଖବରକୁ ହ୍ୱାଇଟ୍ ହାଉସ୍‌ର ଖଣ୍ଡନ

ୱାସିଂଟନ, ୧୨ ।୧୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁତର ଭାବେ ଅସୁସ୍ଥ ଥିବା ନେଇ ପ୍ରଚାର ପ୍ରସାର ଆହୁରି ଦ୍ରୁତଗତିରେ ବ୍ୟାପିଛି । ତେବେ ଏହି ଗୁଜବକୁ ହ୍ୱାଇଟ୍ ହାଉସ୍ ପ୍ରେସ ସଚିବ କାରୋଲିନ ଲେଭିଟ୍ ଖଣ୍ଡନ କରିଛନ୍ତି । ଗତ କିଛିଦିନ ମଧ୍ୟରେ ଟ୍ରମ୍ପଙ୍କ ଡାହାଣ ହାତରେ ବ୍ୟାଣ୍ଡେଜ ଓ ନୀଳ ଓ ଲାଲ ରଙ୍ଗର ଚିହ୍ନ ଦେଖିବାକୁ ମିଳିଥିଲା । ଫଳରେ ଟ୍ରମ୍ପ କୌଣସି ରୋଗ ଦ୍ୱାରା ସଂକ୍ରମିତ ହୋଇଛନ୍ତି ଓ ହାତରେ ଇଞ୍ଜେକସନ ନେଇଛନ୍ତି ବୋଲି କିଛି ଗଣମାଧ୍ୟମ ଉଲ୍ଲେଖ କରିଥିଲେ ।

## ବିମାନ ଡେଣାରେ ଫସିଲେ ପାରାଗ୍ଲାଇଡର୍

ସିଡ୍‌ନୀ, ୧୨ ।୧୨(ଏଜେନ୍ସି): ଅଷ୍ଟ୍ରେଲିଆର କୁଇନ୍ସଲାଣ୍ଡରେ ୧୫,୦୦୦ ଫୁଟ ଉଚ୍ଚରେ ଜଣେ ସ୍କାଏଡାଇଭରଙ୍କ ଜରୁରୀକାଳୀନ (ରିଜର୍ଭ) ପାରାଚ୍ୟୁଟ୍ ଅଚାନକ ଖୋଲିଯାଇ ବିମାନର ପଛ ଡେଣାରେ ଫସି ଯାଇଥିଲା । ବିମାନରୁ ଡେଇଁବାର ଠିକ୍ ପୂର୍ବରୁ ଏହି ଘଟଣା ଘଟିଥିଲା । ଅଷ୍ଟ୍ରେଲିଆର ଟ୍ରାନ୍ସପୋର୍ଟ ସେଫ୍ଟି ଏଜେନ୍ସି ଏହାର ଭିଡିଓ ଜାରି କରିଛି । ଏଥିରେ ସ୍କାଏଡାଇଭର ଜଣକ ବହୁ ସମୟ ବାୟୁରେ ଲଟକି ରହିଥିଲେ । ଫଳରେ ସେ ଏହି ପରାଚ୍ୟୁଟର ସୁବ ୧୧ଟି ଦଉଡ଼ିକୁ କାଟି ନିଜକୁ ପୃଥକ କରିଥିଲେ । ଏହାପରେ ସେ ମୁଖ୍ୟ ପାରାଚ୍ୟୁଟ ଖୋଲି ଭୂମିରେ ଅବତରଣ କରିଥିଲେ । ଏହା ସେପ୍ଟେମ୍ବର ୨୦ରେ ଘଟିଥିଲା ବୋଲି କୁହାଯାଇଛି । କିନ୍ତୁ ଏହାର ଭିଡିଓ ଏବେ ଜାରି କରାଯାଇଛି । ଏହି ଘଟଣାରେ ସ୍କାଏଡାଇଭର ସାମାନ୍ୟ ଆହତ ହୋଇଛନ୍ତି । ଏହି ବିମାନ ମଧ୍ୟ ନିରାପଦରେ ଅବତରଣ କରିଥିଲା ।

# ପୁଣି ପାକିସ୍ତାନର ଅନ୍ତର୍ଜାତୀୟ ବେଇଜତି

ଆସଗାବତ, ୧୨।୧୨ (ଏଜେନ୍ସି): ଅନ୍ତର୍ଜାତୀୟ ସ୍ତରରେ ପାକିସ୍ତାନ ପୁଣି ବେଇଜତି ହୋଇଛି । ମହିଳା ସାମ୍ବାଦିକଙ୍କୁ ପାକିସ୍ତାନ ଜେନେରାଲଙ୍କ ଆଖି ମାରିବାକୁ ନେଇ ତୀବ୍ର ସମାଲୋଚନା କରାଯାଉଥିବାବେଳେ ଏବେ ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ କାର୍ଯ୍ୟକଳାପ ପାଇଁ ଇସଲାମାବାଦକୁ ନିନ୍ଦିତ ହେବାକୁ ପଡ଼ିଛି । ସେ ଶାଳୀନତାର ସମସ୍ତ ସୀମା ଲଙ୍ଘନ କରିଛନ୍ତି । ବିନାନ ଆମନ୍ତ୍ରଣରେ ଅତିଷ୍ଠ ହୋଇ

- ପୁଟିନଙ୍କ ରୁଦ୍ଧଦ୍ୱାର ବୈଠକକୁ ଜବରଦସ୍ତି ପଶିଲେ ଶେହବାଜ
- ୪୦ ମିନିଟ ଅପେକ୍ଷା କରି ଧୈର୍ଯ୍ୟ ହରାଇଲେ ପାକ୍ ପ୍ରଧାନମନ୍ତ୍ରୀ

ଦୁଇ ରାଷ୍ଟ୍ରମୁଖ୍ୟଙ୍କ ବୈଠକରେ ଅନୁପ୍ରବେଶ କରିଛନ୍ତି । ତୁର୍କିମେନିସ୍ତାନରେ ଏଭଳି ଲଜ୍ଜାଜନକ ଘଟଣା ଘଟିଛି । ଏହାର ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି ।

ସୂଚନା ଅନୁଯାୟୀ, ତୁର୍କିମେନିସ୍ତାନରେ ‘ଇଣ୍ଟରନ୍ୟାସନାଲ ପିସ୍ ଆଣ୍ଡ ଟ୍ରଷ୍ଟ ଫୋରମ’ ବୈଠକ ଚାଲିଛି । ଏହି ଅବସରରେ ଶେହବାଜ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ହେବାର ଥିଲା । ଏଥିପାଇଁ ଶେହବାଜ ପହଞ୍ଚି ଯାଇଥିଲେ । ସେ ପୁଟିନଙ୍କୁ ଅପେକ୍ଷା କରି ଚାହିଁ ବସିଥିଲେ । ୫ ମିନିଟ ଯାଇ ୩୫ ମିନିଟ ବିତିଗଲା ପରେ ବି ପୁଟିନଙ୍କ ଦେଖା ମିଳି ନ ଥିଲା । ୪୦ ମିନିଟ ଅତିକ୍ରମ ହେବା ପରେ ପାକ୍



ପ୍ରଧାନମନ୍ତ୍ରୀଙ୍କ ଧୈର୍ଯ୍ୟ ତୁଟି ଯାଇଥିଲା । ପୁଟିନ ଅପମାନିତ କରୁଥିବା ଭାବି ଶେହବାଜ ରାଗି ଲାଲ ପଡ଼ି ଯାଇଥିଲେ । ପୁଟିନ ନ ଆସିବାରୁ ବୈଠକ ପ୍ରକୋଷ୍ଠରୁ ଶେହବାଜ ବାହାରି ଯାଇଥିଲେ । ଏହି ସମୟରେ ପୁଟିନ ଏବଂ ତୁର୍କୀ ରାଷ୍ଟ୍ରପତି ରେସେପି ତାଇପେ ଏର୍ଦୋଗାନଙ୍କ ମଧ୍ୟରେ ଅନ୍ୟ ଏକ ସ୍ଥାନରେ ରୁଦ୍ଧ ଦ୍ୱାର ବୈଠକ ଚାଲିଥିଲା । ଏହି ବୈଠକକୁ କାହାକୁ ଅନୁମତି ନ ଥିଲା । କିନ୍ତୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଅମାନିଆ ହୋଇ ସିଧା ପୁଟିନ-ଏର୍ଦୋଗାନଙ୍କ ବୈଠକ ସ୍ଥଳରେ ପହଞ୍ଚି ଯାଇଥିଲେ । ସେଠାରେ ଯାଇ ପୁଟିନଙ୍କୁ ଭେଟିଥିଲେ । ମାତ୍ର ୧୦ ମିନିଟ ପରେ ଶେହବାଜ ଏକାକୀ ସେଠାରୁ ବାହାରି ଯାଇଥିଲେ । ଏହାର କିଛି ସମୟ ପରେ ରୁଷ୍ ରାଷ୍ଟ୍ରପତି ମଧ୍ୟ ବାହାରି ଥିଲେ । ଏଠାରେ ସେ ସାମ୍ବାଦିକଙ୍କୁ ଦେଖି ଆଖି ଠାର ମାରି ସଙ୍କେତ ଦେଇଥିଲେ ।

ଲୋକେ ସାମାଜିକ ଗଣମାଧ୍ୟମରେ ଏହି ଭିଡିଓକୁ ନେଇ ପାକ୍ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରୁଛନ୍ତି । ଏହାକୁ କୂଟନୈତିକ ଅବମାନନା କହୁଛନ୍ତି । ଆଉ ଜଣେ ଲେଖିଛନ୍ତି ଯେ ଭିକାରୀଙ୍କ ଆଗରେ ପୁଟିନ ସମୟ ନଷ୍ଟ କରିବାକୁ ଚାହୁଁନାହାନ୍ତି । ସେହିପରି ଟ୍ରମ୍ପ ବି ଏଭଳି କରିଥିଲେ ବୋଲି ଆଉ ଜଣେ ଲେଖିଛନ୍ତି । ସୂଚନାଯୋଗ୍ୟ ଯେ ପୁଟିନ ଏବଂ ଶେହବାଜଙ୍କ ଭେଟ ସର୍ବଦା ଚର୍ଚ୍ଚାରେ ରହିଛି । ଉଭୟ ନେତା ଯେବେ ବି ପରସ୍ପରକୁ ଭେଟିଛନ୍ତି ଏଭଳି କିଛି ସ୍ଥିତି ସୃଷ୍ଟି ହୋଇଛି ।

## ଜାନୁଆରୀ ୩୦ରୁ ଅନଶନରେ ବସିବେ ଆନ୍ନା



- ମହାରାଷ୍ଟ୍ରରେ ଲୋକାୟୁକ୍ତ ଆଇନ୍ କାର୍ଯ୍ୟକାରୀ ଦାବି
- ‘ଏହା ହେବ ମୋର ଶେଷ ଆନ୍ଦୋଳନ’

ନୂଆଦିଲ୍ଲୀ, ୧୨ ।୧୨ (ଏଜେନ୍ସି): ଜଣାଶୁଣା ବରିଷ୍ଠ ସାମାଜିକ କର୍ମୀ ଆନ୍ନା ହଜାରେ ପୁଣିଥରେ ଅନସନରେ ବସିବାକୁ ଯାଉଛନ୍ତି । ମହାରାଷ୍ଟ୍ରରେ ଲୋକାୟୁକ୍ତ ଆଇନ୍ ଲାଗୁ କରିବା ଦାବିରେ ସେ ଶୁକ୍ରବାର ଆମରଣ ଅନଶନ ବସିବାକୁ ଘୋଷଣା କରିଛନ୍ତି । ସେ ଜାନୁଆରୀ ୩୦ରୁ ତାଙ୍କ ଗାଁ ରାଲେଗାନ ସିଦ୍ଧିରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନରେ ଆରମ୍ଭ କରିବେ । ଏହା ମୋର ଶେଷ ଆନ୍ଦୋଳନ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି । ଉଲ୍ଲେଖଥାଉ କି, ଆନ୍ନା ୨୦୨୨ରେ ଏହି ଦାବିକୁ ନେଇ ଅନଶନରେ ବସିଥିଲେ । କିନ୍ତୁ ସେ ସମୟରେ ତତ୍କାଳୀନ ଉପ-ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଓ କେନ୍ଦ୍ର କୃଷିମନ୍ତ୍ରୀଙ୍କ ମଧ୍ୟସ୍ତତାରେ ସେ ଅନଶନ ଭାଙ୍ଗିଥିଲେ । ଏହାପରେ ଏକ କମିଟି ଗଠନ କରାଯିବା ସହ ଆଇନ୍ ପ୍ରସ୍ତୁତ ହୋଇଥିଲା । ବିଲ୍‌କୁ ମହାରାଷ୍ଟ୍ର ବିଧାନସଭାର ଉଭୟ ଗୃହ ଦ୍ୱାରା ପାରିତ ହୋଇଥିଲା ଏବଂ ପରେ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯାଇଥିଲା । କିନ୍ତ ଏହା ସତ୍ତ୍ୱେ ତୃଣମୂଳସ୍ତରରେ ଏହି ଆଇନ୍ କାର୍ଯ୍ୟକାରୀ ହୋଇନାହିଁ ବୋଲି ଆନ୍ନା କହିଛନ୍ତି । ଏ ନେଇ ସେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କୁ ୭ଟି ଚିଠି ଲେଖିଛନ୍ତି । କିନ୍ତୁ ସେ କୌଣସି ଉତ୍ତର ପାଇନାହାନ୍ତି ବୋଲି କହିଛନ୍ତି । ଏ ସଂକ୍ରାନ୍ତରେ ସରକାରଙ୍କ ନୀରବତା ନେଇ ସେ ଅସନ୍ତୋଷ ଜାହିର କରିଛନ୍ତି । ଜନ କଲ୍ୟାଣ ପାଇଁ ଏହି ଆଇନ୍ ବହୁତ ଗୁରୁତ୍ୱପୂର୍ଣ୍ଣ । ଉଲ୍ଲେଖଥାଉ କି, ‘୨୦୧୧ରେ ଇଣ୍ଡିଆ ଏଗେନଷ୍ଟ କରପସନ’ ଆନ୍ଦୋଳନରେ ଦେଶକୁ ଉତ୍ସାହିତ କରିବା ପାଇଁ ଆନ୍ନା ଅନଶନରେ ବସିଥିଲେ ଓ ସାରା ଦେଶକୁ ଗୋଟିଏ ସୂତ୍ରରେ ବାନ୍ଧିବାକୁ ସକ୍ଷମ ହୋଇଥିଲେ । ତାଙ୍କର ଏହି ଆନ୍ଦୋଳନ ସାରା ବିଶ୍ୱରେ ଚର୍ଚ୍ଚା ସୃଷ୍ଟି କରିଥିଲା ।

## କେହି କ୍ୟାବିନେଟ ମନ୍ତ୍ରୀ ନ ଥିବାରୁ ରାଜ୍ୟସଭା ୧୦ ମିନିଟ ମୁଲତବୀ

ନୂଆଦିଲ୍ଲୀ, ୧୨ ।୧୨(ଏଜେନ୍ସି): ରାଜ୍ୟସଭାରେ ଶୁକ୍ରବାର ଅଜବ ସ୍ଥିତି ସୃଷ୍ଟି ହୋଇଛି । ଉଚ୍ଚ ସଦନରେ କୌଣସି କ୍ୟାବିନେଟ ମନ୍ତ୍ରୀ ଉପସ୍ଥିତ ନ ଥିବାରୁ ଗୃହକୁ ୧୦ ମିନିଟ ପର୍ଯ୍ୟନ୍ତ ମୁଲତବୀ କରିଦିଆଯାଇଥିଲା । ସୂଚନା ଅନୁଯାୟୀ, ୨୦୦୧, ଡିସେମ୍ବର ୧୩ର ସଂସଦ ଆକ୍ରମଣକୁ ବିଫଳ କରି ପ୍ରାଣବଳୀ ଦେଇଥିବା ବ୍ୟକ୍ତିଙ୍କୁ ଆଜି ଗୃହରେ ଶ୍ରଦ୍ଧାଞ୍ଜଳୀ ଦିଆଯାଇଥିଲା । ଏହି ସମୟରେ କୌଣସି କ୍ୟାବିନେଟ ମନ୍ତ୍ରୀ ଗୃହରେ ନ ଥିବା ବିରୋଧୀ ଦଳ ସଦସ୍ୟ କହିଥିଲେ । ଏହି ପ୍ରସଙ୍ଗ ସରକାରଙ୍କ ସାମ୍ନାରେ ଉଠାଇ ଜଣେ ଜୁନିୟର ମନ୍ତ୍ରୀଙ୍କୁ ଉପସ୍ଥିତ ରହିବା ପାଇଁ କହିବେ ବୋଲି ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକୃଷ୍ଣନ କହିଥିଲେ । କିନ୍ତୁ ଏଥିରେ ବିରୋଧୀ ସଦସ୍ୟ ସନ୍ତୁଷ୍ଟ ହୋଇ ନ ଥିଲେ । ମନ୍ତ୍ରୀ ନ ଆସିବା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିବାକୁ ଜିଦ୍ ଧରିଥିଲେ । କଂଗ୍ରେସ ସାଂସଦ ଜୟରାମ ରମେଶ କହିଥିଲେ ଯେ ଏହା ଗୃହ ପାଇଁ ଅପମାନ । ମନ୍ତ୍ରୀ ଆସିବା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିବାକୁ ପଡ଼ିବ । ତେବେ ୫ ମିନିଟ ଅପେକ୍ଷା କରିବା ପରେ ଅଧ୍ୟକ୍ଷ ୧୦ ମିନିଟ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ । କେନ୍ଦ୍ର ମନ୍ତ୍ରୀ କିରନ ରିଜିଜି ଆସିବା ପରେ ଗୃହ ପୁଣି ଚାଲିଥିଲା । କେହି ସଦସ୍ୟ ଉପସ୍ଥିତ ନ ଥିବାରୁ ସେ ସମସ୍ତଙ୍କୁ କ୍ଷମା ମାଗିଥିଲେ ।

## ହାତ ଟେକିଦେଲେ ସରକାର: ସାରା ବର୍ଷ ବିମାନ ଭଡ଼ା ଧାର୍ଯ୍ୟ କରିପାରିବୁନି

ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): ଇଣ୍ଡିଗୋ ଏୟାରଲାଇନର ସ୍ଥିତି ସୁଧୁରିବାର ନା ଧରୁନି । ଏପରି ସମୟରେ ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସରକାର ବିମାନ ଭଡ଼ା ନିୟନ୍ତ୍ରଣ କରନ୍ତୁ ବୋଲି ଦାବି ହେଉଛି । ମାତ୍ର ଏ ନେଇ ସରକାର ହାତ ଟେକି ଦେଇଛନ୍ତି । ଲୋକସଭାରେ ଏକ ‘ପ୍ରାଇଭେଟ ମେମ୍ବର୍ସ ରିଜୋଲ୍ୟୁସନ’ ଉପରେ ଚର୍ଚ୍ଚା କରି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କହିଛନ୍ତି ଯେ ସରକାର ବର୍ଷ ଯାକ ବିମାନ ଭଡ଼ା ଧାର୍ଯ୍ୟ କରିପାରିବେ ନାହିଁ । ପାର୍ବଣ ଋତୁରେ ଚାହିଦା ବଢ଼ିଥାଏ । ତେଣୁ ମୂଲ୍ୟ ମଧ୍ୟ ବଢ଼ି ଥାଏ । ପାର୍ବଣ ଋତୁରେ କ୍ଷମତା ବଢ଼ାଇବା ପାଇଁ ଏୟାରଲାଇନ ଗୁଡ଼ିକୁ କୁହାଯାଇଥାଏ । ଆବଶ୍ୟକ ପଡ଼ିଲେ ଭଡ଼ାରେ ମଧ୍ୟ ବିମାନ ନିଆଯାଇଥାଏ । ମହାକୁମ୍ଭ, ପୁଲୱାମା ଆକ୍ରମଣ, ଇଣ୍ଡିଗୋ ସଙ୍କଟ ସମୟରେ ନିଜ କ୍ଷମତା ପ୍ରୟୋଗ କରି ଭଡ଼ା ଧାର୍ଯ୍ୟ କରାଯାଇଥିଲା । ‘ଫେୟାର ସେ ଫୁରସତ’ ଯୋଜନା ଅଧିନରେ ଦେଶର ୨୫ ମାର୍ଗରେ ବିମାନ ଭଡ଼ା ଧାର୍ଯ୍ୟ କରାଯାଇଛି । ଏହି ଭଡ଼ା ବଢ଼ିବ ନାହିଁ । ସୂଚନା ଅନୁଯାୟୀ, ଏହି ପ୍ରାଇଭେଟ ବିଲ୍‌ରେ ବିମାନ ଭଡ଼ା ଧାର୍ଯ୍ୟ କରିବାକୁ ଦାବି କରାଯାଇଥିଲା । କିନ୍ତୁ ମନ୍ତ୍ରୀ ଏହାକୁ ଏଡ଼ାଇ ଦେବାରୁ ବିଲ୍ ପ୍ରତ୍ୟାହାର କରି ନିଆଯାଇଥିଲା ।

## ଇଣ୍ଡିଗୋର ୪ ଫ୍ଲାଇଟ୍ ଅପରେସନ ଇନିସପେକ୍ଟର ନିଲମ୍ବିତ

ନୂଆଦିଲ୍ଲୀ, ୧୨ ।୧୨(ଏଜେନ୍ସି): ସର୍ବବୃହତ ଏୟାରଲାଇନ୍ ଇଣ୍ଡିଗୋରେ ଫ୍ଲାଇଟ୍ ବାତିଲ ନେଇ ଚାଲିଥିବା ସଙ୍କଟ ମାମଲାରେ ଲଗାତର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶକ (ଡିଜିସିଏ) ଶୁକ୍ରବାର ବିମାନ କମ୍ପାନୀର ସୁରକ୍ଷା ଓ ପରିଚାଳନା ନିୟମର ଉଲ୍ଲଂଘନ କରିଥିବା ୪ ଜଣ ଉଡାଣ ପରିଚାଳନା ନିରୀକ୍ଷକ ତଥା ଇନିସପେକ୍ଟରଙ୍କୁ ନିଲମ୍ବିତ କରିଛି । ସେପଟେ ଇଣ୍ଡିଗୋର ମୁଖ୍ୟ କାର୍ଯ୍ୟନିର୍ବାହୀ ପିଟର ଏଲବର୍ସ ଲଗାତର ଦ୍ୱିତୀୟ ଦିନ ପାଇଁ ଡିଜିସିଏଙ୍କ ସମ୍ମୁଖରେ ହାଜର ହୋଇଥିଲେ । ଏହାପୂର୍ବରୁ ଗୁରୁବାର ତାଙ୍କୁ ଅଧିକାରୀମାନେ ପାଖାପାଖି ୨ ଘଣ୍ଟାଧରି ପଚରା ଉଚରା କରିଥିଲେ ।

## ରାହୁଲଙ୍କ ବୈଠକକୁ ପୁଣି ଗଲେନି ଶଶୀ ଥରୁର

ନୂଆଦିଲ୍ଲୀ, ୧୨ ।୧୨(ଏଜେନ୍ସି): କଂଗ୍ରେସ ବରିଷ୍ଠ ନେତା ତଥା ସାଂସଦ ଶଶି ଥରୁର ପୁଣିଥରେ ଶୁକ୍ରବାର ସାଂସଦମାନଙ୍କ ସହ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗ ଦେଇ ନାହାନ୍ତି । ନବନିର୍ମିତ ସଂସଦର ଆନେକ୍ସ ଏକ୍ସଟେନସନ ବିଲ୍ଡିଂରେ ଏହି ବୈଠକ ଆୟୋଜିତ ହୋଇଥିଲା । ରାହୁଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କଂଗ୍ରେସର ୨୨ଜଣ ସାଂସଦ ଯୋଗ ଦେଇଥିଲେ । ଏଥିରେ ଚଳିତ ସଂସଦର ଶୀତକାଳୀନ ଅଧିବେଶନରେ ଦଳର ପ୍ରଦର୍ଶନ ନେଇ ସମୀକ୍ଷା କରାଯାଇଥିଲା । ଦଳୀୟ ସୂତ୍ର ଅନୁସାରେ ଏହି ବୈଠକରେ ଅନୁପସ୍ଥିତ ରହିବା ନେଇ ଥରୁର ପୂର୍ବରୁ ଅବଗତ କରାଇଥିଲେ । ଗୋଟିଏ ଦିନ ପୂର୍ବରୁ ସେ ‘ଏକ୍ସ’ରେ ପୋଷ୍ଟ କରି ଉଲ୍ଲେଖ କରିଥିଲେ ଯେ, ସେ ଜଣେ ପୁରୁଣା ବନ୍ଧୁଙ୍କ ବିବାହରେ ଯୋଗ ଦେବାକୁ କୋଲକାତା ଯାଇଛନ୍ତି । ଏଥିସହ ଥରୁର ଲଗାତର କଂଗ୍ରେସର ତୃତୀୟ ଗୁରୁତ୍ୱପୂର୍ଣ୍ଣ ବୈଠକରୁ ବିଭିନ୍ନ କାରଣ ପାଇଁ ନିଜକୁ ଦୂରେଇ ରଖିଛନ୍ତି । ଏହାପୂର୍ବରୁ ନଭେମ୍ବର ୧୮ ଓ ୩୦ରେ ଅନୁଷ୍ଠିତ କଂଗ୍ରେସର ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗ ଦେଇ ନଥିଲେ । ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଭାରତ ଗସ୍ତ ସମୟରେ ଥରୁରଙ୍କୁ ନୈଶ୍ୟଭୋଜୀ ସମାରୋହରେ ଯୋଗ ଦେବାକୁ ନିମନ୍ତ୍ରଣ କରାଯାଇଥିଲା । କିନ୍ତୁ ଏଥିରେ ରାହୁଲ ଓ କଂଗ୍ରେସ ଅଧ୍ୟକ୍ଷ ରାହୁଲଙ୍କୁ ଆଶ୍ଚର୍ଯ୍ୟଜନକ ଭାବେ ନିମନ୍ତ୍ରଣ କରାଯାଇ ନଥିଲା ଓ ଏ ନେଇ ଦେଶରେ ଚର୍ଚ୍ଚା ସୃଷ୍ଟି ହୋଇଥିଲା ।

## ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ମାମଲା: ୩୫୦୦ ପୃଷ୍ଠାର ଚାର୍ଜସିଟ୍

ଗୌହାଟୀ, ୧୨ ।୧୨(ଏଜେନ୍ସି): ବଲିଉଡ୍ ତଥା ଆସାମ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ମାମଲା ଏବେ ନୂଆ ମୋଡ଼ ନେଇଛି । ଏହି ମାମଲାରେ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଗୌହାଟୀର ମୁଖ୍ୟ ମାଜିଷ୍ଟ୍ରେଟ୍ (ସିଜେଏମ୍) କୋର୍ଟରେ ଶୁକ୍ରବାର ୩୫୦୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଛନ୍ତି । ଏହି ଚାର୍ଜସିଟ୍ ଓ ତାହା ସହିତ ଜଡିତ ପ୍ରମାଣକୁ ୪ଟି ଟ୍ରକ୍‌ରେ କୋର୍ଟକୁ ଆଣାଯାଇଥିଲା । ୯ ସଦସ୍ୟ ବିଶିଷ୍ଟ ଏସ୍‌ଆଇଟି ୬ଟି ଗାଡ଼ି ସହ କୋର୍ଟରେ ପହଞ୍ଚିଥିଲେ । ଏହି ମାମଲାରେ ଏପର୍ଯ୍ୟନ୍ତ ୭ ଜଣ ଲୋକଙ୍କୁ ଗିରଫ କରାଯାଇଛି । ଜୁବିନ ସେପ୍ଟେମ୍ବର ୧୯ରେ ସିଙ୍ଗାପୁରରେ ସ୍କୁବା ଡାଇଭିଂ କରିବା ଅବସରରେ ରହସ୍ୟମୟ ଢଙ୍ଗରେ ମୃତ୍ୟୁବରଣ କରିଥିଲେ । ସେ ନର୍ଥ ଇଷ୍ଟ ଇଣ୍ଡିଆ ଫେଷ୍ଟିଭାଲ (ଏନଇଆଇଏଫ୍)ର ଚତୁର୍ଥ ସଂସ୍କରଣରେ ଯୋଗ ଦେବାକୁ ସିଙ୍ଗାପୁର ଯାଇଥିଲେ । ଆସାମ ସରକାର ତାଙ୍କ ମୃତ୍ୟୁର ଯାଞ୍ଚ କରିବାକୁ ସ୍ୱତନ୍ତ୍ର ଡିଜପି ଏମ୍‌ପି ଗୁପ୍ତାଙ୍କ ନେତୃତ୍ୱରେ ଏସ୍‌ଆଇଟି ଗଠନ କରିଥିଲେ । ଏହି ମାମଲାରେ ଗିରଫ ହୋଇଥିବା ୭ ଜଣଙ୍କ ମଧ୍ୟରେ ମୁଖ୍ୟ ଆୟୋଜକ ଶ୍ୟାମକାନୁ ମହାନ୍ତ ସାମିଲ ଅଛନ୍ତି । ଚାର୍ଜସିଟ୍‌ରେ ଜୁବିନଙ୍କ ସମ୍ପର୍କୀୟ ଭାଇ ତଥା ନିଲମ୍ବିତ ପୁଲିସ ଅଧିକରୀ ସଂଦୀପନ ଗର୍ଗଙ୍କ ବିରୋଧରେ ବିନା ଉଦ୍ଦେଶ୍ୟରେ ହତ୍ୟା ଅଭିଯୋଗ କରାଯାଇଛି ।

ସେହିପରି ୩୦୦ରୁ ଊର୍ଦ୍ଧ୍ୱ ସାକ୍ଷୀଙ୍କୁ ଏହି ମାମଲାରେ ପଚରାଉଚରା କରାଯାଇଛି । ପୂର୍ବରୁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ବିଧାନସଭାରେ କହିଥିଲେ ଯେ, ଜୁବିନଙ୍କ ମୃତ୍ୟୁ ଏକ ସମ୍ପୂର୍ଣ୍ଣ ତଥା ସିଧା ହତ୍ୟା ମାମଲା । ଜୁବିନଙ୍କ ମୃତ୍ୟୁ ପରେ ସାରା ଆସାମରେ ୬୦ଟି ଏଫ୍‌ଆଇଆର୍ ଦାଏର କରାଯାଇଥିଲା । ୫୨ ବର୍ଷୀୟ ଜୁବିନ ୪୦ଟି ଭାଷାରେ ମୋଟ୍ ୩୮ ହଜାର ଗୀତ ଗାଇଛନ୍ତି । ସେ ଏକାଧାରରେ ଗାୟକ, ସଙ୍ଗୀତକାର, ଅଭିନେତା, ନିର୍ଦ୍ଦେଶକ ଭାବେ ଖ୍ୟାତି ଅର୍ଜନ କରିଥିଲେ । ସେ ହିନ୍ଦୀ, ଆସାମ, ବଙ୍ଗଳା, ଇଂରେଜ ଭାଷରେ ଗୀତ ଗାଇ ପ୍ରସିଦ୍ଧି ହାସଲ କରିଥିଲେ ।

# ବିଶ୍ୱର ୫ ଶକ୍ତିଶାଳୀ ଦେଶଙ୍କ ଗୋଷ୍ଠୀ ପ୍ରସ୍ତୁତିରେ ଟ୍ରମ୍ପ

ୱାଶିଂଟନ, ୧୨।୧୨ (ଏଜେନ୍ସି): ଶୁଳ୍କ ପରେ ଶୁଳ୍କ ଧମକ ଦେଇ ଚାଲିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜି-୭ର ପ୍ରଭାବ ହ୍ରାସ କରିବା ପାଇଁ ନୂଆ ପଦକ୍ଷେପ ନେଉଛନ୍ତି । ସେ ଭାରତ, ଚୀନ୍ ଏବଂ ରୁଷ୍‌କୁ ନେଇ ଏକ ନୂଆ ଗୋଷ୍ଠୀ ‘କୋର ଫାଇଭ(ସିଏଫ)’ ଗଠନ କରିବାକୁ ଚାହୁଁଛନ୍ତି । ଏହି ମଞ୍ଚ ଜି-୭ର ସ୍ଥାନ ନେବ । ଜି-୭ରେ ଆମେରିକା, ବ୍ରିଟେନ, ଜର୍ମାନୀ, ଫ୍ରାନ୍ସ, କାନାଡ଼ା, ଇଟାଲୀ ଏବଂ ଜାପାନ ଭଳି ଧନୀ ରାଷ୍ଟ୍ର ଅଛନ୍ତି । କିନ୍ତୁ ଏହି ଦେଶଗୁଡ଼ିକ ସହ ଟ୍ରମ୍ପଙ୍କ ସେତେ ଭଲ ସମ୍ପର୍କ ନ ଥିବା ଚର୍ଚ୍ଚା ହେଉଛି । ତେଣୁ ଆମେରିକା ରାଷ୍ଟ୍ରପତି ନୂଆ ମଞ୍ଚ ଗଢ଼ିବାକୁ ଚାହୁଁଛନ୍ତି । ତେବେ ଆନୁଷ୍ଠାନିକ ଭାବେ ଏ ବିଷୟରେ କିଛି ଘୋଷଣା କରାଯାଇ ନାହିଁ । ରିପୋର୍ଟ ଅନୁଯାୟୀ, ସି-୫ ଧାରଣା ଜାତୀୟ ସୁରକ୍ଷା ରଣନୀତି (ଏନଏସଏସ)ରେ ପ୍ରସ୍ତାବିତ ଥିଲା । କିନ୍ତୁ ଏହା ଲୋକଙ୍କ ପାଇଁ ଉଦ୍ଦିଷ୍ଟ ନ ଥିଲା । ଏହି ଚିଠା ପ୍ରସ୍ତାବ ପ୍ରକୃତରେ ଅଛି କି ନାହିଁ ତାହା ସ୍ପଷ୍ଟ କରାଯାଇ ନାହିଁ ।

- ସାମିଲ ହେବେ ଭାରତ, ରୁଷ୍, ଚୀନ୍
- ଜି୭ର ସ୍ଥାନ ନେବ ସି୫

ସୂଚନା ଅନୁଯାୟୀ, ଏହି କ୍ଲବ୍‌ରେ କ୍ଷମତାଶାଳୀ ଦେଶଗୁଡ଼ିକୁ ଟ୍ରମ୍ପ ରଖିବାକୁ ଚାହୁଁଛନ୍ତି । ଗଣତନ୍ତ୍ର ହେଉ କି କମ୍ୟୁନିଷ୍ଟ ରାଷ୍ଟ୍ର ଏଥିରେ କୌଣସି ପ୍ରଭେଦ ଦେଖାଯିବ ନାହିଁ । ଜି-୭ ସର୍ତ୍ତ ପୂରଣ ନ କରୁଥିଲେ ବି ରାଷ୍ଟ୍ରଙ୍କୁ ସି-୫ରେ ସାମିଲ କରାଯିବ । ଆମେରିକା, ଚୀନ୍, ରୁଷ୍, ଭାରତ ଏବଂ ଜାପାନକୁ ନେଇ ଏହା ଗଠନ କରାଯିବ । ଏହି ସବୁ ଦେଶର ଜନସଂଖ୍ୟା ୧୦ କୋଟିରୁ ଅଧିକ । ସି-୫ ନିୟମିତ ବୈଠକ କରି ସ୍ୱତନ୍ତ୍ର ପ୍ରସଙ୍ଗ ଉପରେ



ସମ୍ମିଳନୀ କରାଯିବ । ମଧ୍ୟପ୍ରାଚ୍ୟାରେ ଶାନ୍ତି ଏହାର ପ୍ରଥମ ଏଜେଣ୍ଡା ହେବ । ସୁରକ୍ଷା ବିଶେଷ କରି ଇସ୍ରାଏଲ ଏବଂ ସାଉଦି ଆରବ ମଧ୍ୟରେ ସମ୍ପର୍କକୁ ସ୍ୱାଭାବିକ କରିବା ଏହାର ପ୍ରଥମ ଉଦ୍ଦେଶ୍ୟ ହେବ । ପ୍ରଥମେ ଏହି ଯୋଜନା ଅସମ୍ଭବ ଲାଗୁଥିଲା । କିନ୍ତୁ ଏହା ଟ୍ରମ୍ପଙ୍କ ଚିନ୍ତାଧାରା ସହ ମେଳ ଖାଉଛି ବୋଲି ବିଶେଷଜ୍ଞ କହୁଛନ୍ତି । ପ୍ରତିଦ୍ୱନ୍ଦ୍ୱିଙ୍କ ସହ ଟ୍ରମ୍ପ ସିଧାସଳଖ ଡିଲ୍ କରିବାକୁ ପ୍ରୟାସ କରିଥାନ୍ତି । ବିଜିଙ୍ଗକୁ ଏନଭିଡିଆର ଏଚ୨୦୦ ଏଆଇ ଚିପ୍ ବିକ୍ରି ଅନୁମତି କିମ୍ବା ରୁଷ ରାଷ୍ଟ୍ରପତିଙ୍କ ସହ ଆଲୋଚନା ପାଇଁ ଦୂତ ଷ୍ଟିଭ ୱିଟକଫ ଏବଂ ଜେରେଡ କୁଶନରଙ୍କୁ ମସ୍କୋ ପଠାଇବା ଏହାର ଉଦାହରଣ ।

ଟ୍ରମ୍ପ ପ୍ରଶାସନର ଜଣେ ଅଧିକାରୀ କହିଛନ୍ତି ଯେ ସି-୫କୁ ନେଇ ପୂର୍ବରୁ ଚର୍ଚ୍ଚା ହେଉଥିଲା । ଜି-୭ କିମ୍ବା ମିଳିତ ଜାତିସଂଘ (ୟୁଏନ) ବିଶ୍ୱର ହିସାବରେ ଉପଯୋଗୀ ହେଉ ନ ଥିବାରୁ କ୍ଷମତାର ସମୀକରଣ ବଦଳି ଗଲାଣି । ତେଣୁ ଏହା ଜରୁରୀ । ଏହି ମଞ୍ଚରେ ନିଜ କଥା ରଖିବାକୁ ଅଧିକ ସୁଯୋଗ ମିଳିବ ।

## ପୂର୍ବତନ ବାଚସ୍ପତି ଶିବରାଜ ପାଟିଲଙ୍କ ପରଲୋକ



ନୂଆଦିଲ୍ଲୀ, ୧୨ ।୧୨(ଏଜେନ୍ସି): ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ପୂର୍ବତନ ବାଚସ୍ପତି ଶିବରାଜ ପାଟିଲ ଶୁକ୍ରବାର ୯୦ ବର୍ଷ ବୟସରେ ପରଲୋକଗମନ କରିଛନ୍ତି । ଲାଟୁରରେ ସେ ସକାଳ ୬.୩୦ରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ସେ ଗତ କେତେମାସ ହେବା ଅସୁସ୍ଥ ଥିଲେ । ମହାରାଷ୍ଟ୍ର ଲାଟୁରସ୍ଥିତ ତାଙ୍କ ଘର ଦେବଘରେ ତାଙ୍କର ଚିକିତ୍ସା କରାଯାଉଥିଲା । ତାଙ୍କ ଅନ୍ତିମ ସଂସ୍କାର ଶନିବାର କରାଯିବ । ମୃତ୍ୟୁବେଳକୁ ତାଙ୍କ ପାଖରେ ପୁଅ ଶୈଳେଶ, ବହୁ ଅର୍ଚ୍ଚନା ଓ ଦୁଇ ନାତୁଣୀ ଉପସ୍ଥିତ ଥିଲେ । ପାଟିଲ ଲାଟୁର ଲୋକସଭା ଆସନରୁ ୭ଥର ନିର୍ବାଚିତ ହୋଇଥିଲେ । ତାଙ୍କ ଦେହାନ୍ତରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ବରିଷ୍ଠ କଂଗ୍ରେସ ନେତା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି । ସାମାଜ କଲ୍ୟାଣରେ ଯୋଗ ଦେବାକୁ ଶିବରାଜ ସବୁବେଳେ ପ୍ରସ୍ତୁତ ରହୁଥିଲେ ବୋଲି ମୋଦୀ କହିଛନ୍ତି । ତାଙ୍କ ପରଲୋକରେ କଂଗ୍ରେସ ନେତୃମଣ୍ଡଳୀରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ସେ ୧୯୮୦ ଦଶକରେ ଇନ୍ଦିରା ଓ ରାଜୀବଙ୍କ ସରକାରରେ ପ୍ରତିରକ୍ଷା ମନ୍ତ୍ରୀ ଭାବେ ସଫଳତାର ଦାୟିତ୍ୱ ନିର୍ବାହ କରିଥିଲେ । ସେ ୧୯୯୧ରୁ ୧୯୯୬ ପର୍ଯ୍ୟନ୍ତ ଲୋକସଭାର ବାଚସ୍ପତି ଥିଲେ ।

ଟି-୨୦ରେ ସାମସନଙ୍କ ନାମରେ ୩ଟି ଶତକ

# ‘ଏତେ ଭଲ ଖେଳାଳି ବେଞ୍ଚରେ ବସିବା ଦୁର୍ଭାଗ୍ୟପୂର୍ଣ୍ଣ’

**ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି):** କଟକର ବାରବାଟୀ ଷ୍ଟାଡିୟମରେ ୧୦୧ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଦମ୍‌ଦାର ଭାବେ ଟି-୨୦ ସିରିଜର ଆରମ୍ଭ କରିଥିବା ଭାରତୀୟ ଦଳ ଦ୍ୱିତୀୟ ମୁକାବିଲାରେ ପରାଜୟବରଣ କରିଛି। ଗୁରୁବାର ନ୍ୟୁ ଚଣ୍ଡିଗଡ଼ରରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ୫୧ ରନରେ ସୂର୍ଯ୍ୟକୁମାର ଯାଦବଙ୍କ ଦଳକୁ ହରାଇଥିଲା। ଫଳରେ ୫ ମ୍ୟାଚ୍‌ବିଶିଷ୍ଟ ସିରିଜ ଏବେ ୧-୧ରେ ସମାନସ୍ତରରେ ରହିଛି।





ବାରବାଟୀରେ ମାତ୍ର ୪ ରନ କରିଥିବା ଗିଲ୍ ଦ୍ୱିତୀୟ ଟି-୨୦ରେ ଖାତା ଖୋଲିପାରି ନ ଥିଲେ। ଫଳରେ ଟି-୨୦ ଦଳରେ ଗିଲ୍‌ଙ୍କ ସ୍ଥାନକୁ ନେଇ ପ୍ରଶ୍ନବାଚୀ ଉଠିଛି। ଚଳିତ ବର୍ଷ ଗିଲ୍‌ଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଧାରା ଜାରି ରହିଛି। ୨୦୨୫ରେ ଏହି ଛୋଟିଆ ଫର୍ମାଟ୍‌ରେ ଗିଲ ୧୪ଟି ଇନିଂସରୁ ୨୬୩ ରନ ସଂଗ୍ରହ କରିଛନ୍ତି। ଏହି ୧୪ଟି ଇନିଂସରେ ଗିଲ୍ ଗୋଟିଏ ହେଲେ ଅର୍ଦ୍ଧଶତକ ହାସଲ କରିପାରି ନାହାନ୍ତି। ଫଳରେ ଏବେ ସେ ସମାଲୋଚନାରେ ଘେରି ରହିଛନ୍ତି। ଏପରିକି ଗିଲ୍‌ଙ୍କୁ ବାଦ୍ ଦିଆଯାଇ ବେଞ୍ଚରେ ବସିଥିବା ଇନଫର୍ମ ବ୍ୟାଟର୍ ସଞ୍ଜୁ ସାମସନଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଉ ବୋଲି ସାମାଜିକ ଗଣମାଧ୍ୟମରେ କ୍ରିକେଟ୍‌ପ୍ରେମୀ ଦାବି କରିଛନ୍ତି। ଟି-୨୦ ଫର୍ମାଟରେ ଉପ-ଅଧିନାୟକ ଥିବା ଗିଲ୍ ନିକଟରେ ସୁସ୍ଥ ହୋଇ ଫେରିବା ପରେ ଚୂଡ଼ାନ୍ତ ଏକାଦଶରେ ସଞ୍ଜୁଙ୍କ ସ୍ଥାନ ସମ୍ପର୍କରେ କୌଣସି ସ୍ୱଷ୍ଟତା ନାହିଁ।

କଟକରେ ପ୍ରଥମ ଟି-୨୦ ପୂର୍ବରୁ ସାମ୍ବାଦିକ ସମ୍ମିଳନୀରେ ଅଧିନାୟକ ସୂର୍ଯ୍ୟକୁମାର କହିଥିଲେ ସଞ୍ଜୁ ଯେକୌଣସି ପୋଜିସନରେ ବ୍ୟାଟିଂ କରିବାର ଦକ୍ଷତା ରଖୁଛନ୍ତି। ତାଙ୍କୁ ଆମେ ମଧ୍ୟକ୍ରମରେ ସୁଯୋଗ ଦେବୁ। କିନ୍ତୁ ବର୍ତ୍ତମାନ ପରିସ୍ଥିତି ଏପରି ହୋଇଛି ଯେ ସଞ୍ଜୁଙ୍କ ପାଇଁ ଏକାଦଶରେ କୌଣସି ସ୍ଥାନ ନାହିଁ। ଏଭଳି ସମୟରେ ପୂର୍ବତନ ଭାରତୀୟ କ୍ରିକେଟର୍ ତଥା ଘରୋଇ କ୍ରିକେଟ୍‌ର ଅନ୍ୟତମ ଶ୍ରେଷ୍ଠ ବ୍ୟାଟର୍ ସୁବ୍ରମଣିୟମ ବଦ୍ରିନାଥ ଦଳ ଚୟନକୁ ନେଇ ଟିମ୍ ମ୍ୟାନେଜମେଣ୍ଟକୁ ବେଶ୍ ସମାଲୋଚନା କରିଛନ୍ତି।

ଏକ ସାକ୍ଷାତ୍‌କାରେ ୪୫ ବର୍ଷୀୟ ବଦ୍ରିନାଥ କହିଛନ୍ତି, ‘ଅନ୍ତର୍ଜାତୀୟ ଟି-୨୦ କ୍ରିକେଟରେ ସଞ୍ଜୁ ୩ଟି ଶତକ ମାରିସାରିଛନ୍ତି। ଆମେ ଟି-୨୦ ଫର୍ମାଟ୍ ବିଷୟରେ କଥା ହେଉଛୁ। ତାଙ୍କ ନାମରେ ୩ଟି ଶତକ ଲିପିବଦ୍ଧ ରହିଛି। ଜଣେ ଖେଳାଳିଙ୍କ ନିକଟରୁ ଆପଣ କ’ଣ ଚାହିଁପାରିବେ। ଏତେ ଭଲ ପ୍ରଦର୍ଶନକାରୀଙ୍କୁ ବେଞ୍ଚରେ ବସାଇବା ଦୁର୍ଭାଗ୍ୟଜନକ। ମୋତେ ଲାଗୁଛି ଯିଏ ଅଧିନାୟକ କିମ୍ବା ଉପ-ଅଧିନାୟକ ହୋଇଥିବ ସେହି ଖେଳାଳି ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବ। ଏଭଳି ପ୍ରଦର୍ଶନ ପରେ ତାଙ୍କୁ (ଗିଲ୍)ଙ୍କୁ ଉପଅଧିନାୟକ ଦାୟିତ୍ୱ ଦିଆଯାଇଛି। ଯଦି କୌଣସି ବ୍ୟାକଅପ୍ ଖେଳାଳି ନ ଥାନ୍ତେ ତେବେ ଏହା ଯଥାର୍ଥ ହୋଇଥାନ୍ତା। କିନ୍ତୁ ଟି-୨୦ରେ ପ୍ରତିଭାର କୌଣସି ଅଭାବ ନାହିଁ। ଅପରପକ୍ଷରେ ପୂର୍ବତନ ବ୍ୟାଟର୍ କ୍ରିଷ୍ଣାଚାରୀ ଶ୍ରୀକାନ୍ତ ଦ୍ୱିତୀୟ ଟି-୨୦ରେ ଅକ୍ଷର ପଟେଲଙ୍କୁ ୩ୟ ପୋଜିସନରେ ବ୍ୟାଟିଂ ପଠାଇବାକୁ ନେଇ ପ୍ରଶ୍ନ କରିଛନ୍ତି। ‘ପରିସ୍ଥିତି ସହ ଖାପ ଖୁଆଇପାରି ନ ଥିବା ମଧ୍ୟକ୍ରମ ବ୍ୟାଟରଙ୍କୁ କାହିଁକି ନଂ-୩ରେ ବ୍ୟାଟିଂ ପାଇଁ ପଠାଗଲା’ ବୋଲି ଶ୍ରୀକାନ୍ତ ଟିମ୍ ମ୍ୟାନେଜମେଣ୍ଟକୁ ଘେରିଛନ୍ତି।

# ଅବସର ନିଷ୍ପତ୍ତି ପ୍ରତ୍ୟାହାର କଲେ ଭିନେଶ

**ଚଣ୍ଡିଗଡ଼, ୧୨।୧୨ (ଏଜେନ୍ସି):** ଏକ ବଡ଼ ନିଷ୍ପତ୍ତିକ୍ରମେ ତାରକା ଭାରତୀୟ ରେସଲର୍ ଭିନେଶ ଫୋଗତ ପୁଣିଥରେ କୁସ୍ତିକୁ ଫେରିବା ଲାଗି ଘୋଷଣା କରିଛନ୍ତି। ପାଖାପାଖି ଦେଢ଼ବର୍ଷ ତଳେ କୁସ୍ତିକୁ ଅଲ୍‌ବିଦା କରିଥିବା ୩୧ ବର୍ଷୀୟା ଭିନେଶ ଏବେ ତାଙ୍କ ଅବସର ନିଷ୍ପତ୍ତି ପ୍ରତ୍ୟାହାର କରିନେଇଛନ୍ତି। ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ ଖେଳିବା ଏବେ ତାଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ଭିନେଶ କହିଛନ୍ତି। ଶୁକ୍ରବାର ସାମାଜିକ ଗଣମାଧ୍ୟମ ‘ଏକ୍ସ’ରେ ଏକ ପୋଷ୍ଟ କରି ଭିନେଶ କହିଛନ୍ତି, ‘ଲୋକେ ମୋତେ ପଚାରୁଛନ୍ତି କ’ଣ ପ୍ୟାରିସ ଆପଣଙ୍କ ଅନ୍ତିମ ପ୍ରତିଯୋଗିତା ଥିଲା। ଲମ୍ବା ସମୟ ପର୍ଯ୍ୟନ୍ତ ମୋ ପାଖରେ ଏହାର ଉତ୍ତର ନ ଥିଲା। ଚାପ ଯୋଗୁ, ଆଶା ଯୋଗୁ ଏପରିକି ମୋର ମହତ୍ୱକାଂକ୍ଷା ଯୋଗୁ ମୋତେ ମ୍ୟାଟ୍‌ରୁ ହଟିବା ଲାଗି ବାଧ କରିଥିଲା। ବର୍ଷରୁ ଅଧିକ ସମୟ ପରେ ମୁଁ ଶାନ୍ତିରେ ନିଶ୍ୱାସ ନେଇଛି। କୁସ୍ତିକୁ ନେଇ ମୋର ଉତ୍ସାହ କେବେ ଶେଷ ହୋଇନାହିଁ। କେବେ ହାର୍‌ମାନି ନ ଥିବା ଭାବନା ସହିତ ୨୦୨୮ ଅଲିମ୍ପିକ୍ସକୁ ମୁଁ ପାଦ ବଢ଼ାଉଛି। ମୋ ପୁଅ ଓ ଟିମ୍ ଏଥର ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ମୋତେ ଚିୟର କରିବେ’ ବୋଲି ଭିନେଶ ଏହି ପୋଷ୍ଟରେ କହିଛନ୍ତି।

ଲକ୍ଷ୍ୟ ୨୦୨୮ ଅଲିମ୍ପିକ୍ସ



ଉଲ୍ଲେଖଯୋଗ୍ୟ, ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ଭିନେଶଙ୍କୁ ସ୍ୱର୍ଣ୍ଣପଦକ ଲଢ଼େଇ ପୂର୍ବରୁ ଅଯୋଗ୍ୟ ଘୋଷିତ କରିଦିଆଯାଇଥିଲା। ଧାର୍ଯ୍ୟ ଓଜନବର୍ଗଠାରୁ ଭିନେଶଙ୍କ ଓଜନ ୧୦୦ ଗ୍ରାମ ଅଧିକ ରହିଥିଲା। ଏହାପରେ ଭିନେଶ ବିଶ୍ୱ କ୍ରୀଡ଼ାର ଅଦାଲତ କାସ୍‌ରେ ଲଢ଼େଇ କରିଥିଲେ ମଧ୍ୟ କୌଣସି ସୁଫଳ ପାଇ ନ ଥିଲେ।

୧୯ ବର୍ଷରୁ କମ୍ ଏସିଆ କପ୍

# ସୂର୍ଯ୍ୟବଂଶୀଙ୍କ ୧୭୧; ଭାରତ ୨୩୪ ରନରେ ବିଜୟୀ

**ଦୁବାଇ, ୧୨।୧୨ (ଏଜେନ୍ସି):** ୧୯ ବର୍ଷରୁ କମ୍ ଏସିଆ କପ୍ ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱାଦଶ ସଂସ୍କରଣରେ ଭାରତ ବଡ଼ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଶୁକ୍ରବାର ଏଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଭାରତ ୨୩୪ ରନରେ ଆୟୋଜକ ୟୁଏଇକୁ ପରାସ୍ତ କରିଛି। ଯୁବ ଓପନର୍ ବୈଭବ ସୂର୍ଯ୍ୟବଂଶୀଙ୍କ ୧୭୧ ରନର ବିସ୍ଫୋରକ ଶତକୀୟ ଇନିଂସ ମ୍ୟାଚର ଉଲ୍ଲେଖନୀୟ ଘଟଣା ରହିଥିଲା।



ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ କରିଥିବା ଭାରତ ୫୦ ଓଭରରେ ୬ ୱିକେଟ୍ ହରାଇ ୪୩୩ ରନ ସଂଗ୍ରହ କରିଥିଲା। ୧୪ ବର୍ଷୀୟ ସୂର୍ଯ୍ୟବଂଶୀ ୯୫ଟି ବଲରେ ୧୭୧ ରନର ପାଳି ଖେଳିଥିଲେ। ଯେଉଁଥିରେ ସେ ୧୪ଟି ଛକା ଓ ୯ଟି ଚୌକା ମାରିଥିଲେ। ୧୯ ବର୍ଷରୁ କମ୍ ଦିନିକିଆ କ୍ରିକେଟ୍‌ରେ ଏହା ତାଙ୍କର ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର ହୋଇଛି। ଏଥିପୂର୍ବରୁ ଚଳିତ ବର୍ଷ ସେ ଇଂଲଣ୍ଡ ବିପକ୍ଷରେ ୧୪୩ ରନର ପାଳି ଖେଳିଥିଲେ। ଅପରପକ୍ଷରେ ଏହି ବୟସବର୍ଗରେ ଏହା ୩ୟ ସର୍ବୋଚ୍ଚ ଦଳଗତ ସ୍କୋର ହେବାର ମଧ୍ୟ ରେକର୍ଡ ହୋଇଛି। ୨୦୦୨ରେ କେନିଆ ବିପକ୍ଷରେ ଅଷ୍ଟ୍ରେଲିଆ ୬ ୱିକେଟ୍‌ରେ ୪୮୦ ରନ କରିଥିଲା। ସେହିଭଳି ୨୦୧୮ ରେ ସମାନ କେନିଆ ବିପକ୍ଷରେ ନ୍ୟୁଜିଲାଣ୍ଡ ୪ ୱିକେଟରେ ୪୩୬ ରନ କରି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି।

ଜବାବରେ ୪୩୪ ରନକୁ ପିଛା କରିଥିବା ୟୁଏଇ ୭ ୱିକେଟରେ ୧୯୯ ରନ କରିବାକୁ ସମର୍ଥ ହୋଇଥିଲା। ବିଜୟ ସହ ଭାରତ ଗ୍ରୁପ୍-ଏ’ରେ ୨ ପଏଣ୍ଟ ପାଇ ଖାତା ଖୋଲିଛି। ଭାରତ ପରବର୍ତ୍ତୀ ମ୍ୟାଚରେ ରବିବାର ପାକିସ୍ତାନକୁ ଭେଟିବ।

ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

# ସେମିଫାଇନାଲରେ ଉନ୍ନତି ହୁଦା

**କଟକ, ୧୨।୧୨ (ସମିସ):** ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା “ଓଡିଶା ମାଷ୍ଟର୍ସ-୨୦୨୫’ରେ ଶୁକ୍ରବାର ସମସ୍ତ ବର୍ଗର କ୍ୱାର୍ଟରଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ମୁକାବିଲାରେ ଇଣ୍ଡୋନେସିଆର ମହମ୍ମଦ ୟୁସୁଫ ଟପସିଡ ଖେଳାଳି ଥରୁନ ମାନେପଲ୍ଲୀଙ୍କୁ ୨୧-୯,୨୨-୨୦ ଗେମରେ ପରାସ୍ତ କରି ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ଇଣ୍ଡୋନେସିଆ ଖେଳାଳି ବିସ୍ମ ରକ୍ଷୟା ଅକଟୋରା ନିଜ ଦେଶର ରିଚି ଦୁତା ରିକାର୍ଦୋଙ୍କୁ ୨୧-୧୩,୧୮-୨୧,୨୧-୯ ଗେମରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲ ରାଉଣ୍ଡରେ ପହଞ୍ଚିଥିବା ଭାରତୀୟ ଖେଳାଳି କିରଣ ଜର୍ଜ ଗତବର୍ଷର ଚାମ୍ପିଅନ ସତୀଶ କୁମାରଙ୍କୁ ୨୧-୧୧,୨୧-୧୭ ଗେମରେ ହରାଇଥିବାବେଳେ ଭାରତୀୟ ଖେଳାଳି ରୋନକ ଚୌହ୍ୱାନ ୨୧-୧୯,୨୨-୨୦ରେ ଶଙ୍କର ସୁବ୍ରମଣ୍ୟମଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି।



ମହିଳା କ୍ୱାର୍ଟର ଫାଇନାଲରେ ଟପସିଡ ଉନ୍ନତି ହୁଦା ୨୧-୧୬,୨୧-୧୫ ଗେମ୍‌ରେ ପଞ୍ଚମସିଡ ଅନୁପମା ଉପାଧ୍ୟାୟଙ୍କୁ ହରାଇ ସେମିଫାଇନାଲ ପହଞ୍ଚିଛନ୍ତି। ସେହିପରି ଅଣସିଡେଡ୍ ଖେଳାଳି ତାନ୍ୟା ହେମନ୍ତ ତୃତୀୟ ସିଡ ତନଭି ଶର୍ମାଙ୍କୁ ୨୧-୧୬ ୨୧-୧୪ ପଏଣ୍ଟରେ ହରାଇଛନ୍ତି। ଭାରତର ତସନିମ ମୀର ଏବଂ ଇସାରାଣୀ ବରୁଆ ମଧ୍ୟ ସେମିଫାଇନାଲରେ ପହଞ୍ଚିଛନ୍ତି। ମିକ୍ସଡ଼ ଡବଲ୍ସ କ୍ୱାର୍ଟର ଫାଇନାଲରେ ଭାରତୀୟ ଯୋଡି ଏସ. କଣପୁରମ ଓ ଆର. ଉଥୟସୂରିୟାନ ବିଜୟୀ ହୋଇଛନ୍ତି। ମହିଳା ଡବଲ୍ସ ବିଭାଗରେ ଭାରତୀୟ ଯୋଡି ଅଶ୍ୱିନୀ ଭଟ୍ଟ ଓ ଶିଖା ଗୌତମ ମଧ୍ୟ ସେମିରେ ପହଞ୍ଚିଛନ୍ତି।

● କୁଚ୍‌ବିହାର ଟ୍ରଫି

## ଓଡ଼ିଶାର ଇନିଂସ୍ ପରାଜୟ

**କଟକ,୧୨।୧୨(ସମିସ):** କୁଚବିହାର ଟ୍ରଫିରେ କ୍ରମାଗତ ୪ଟି ଲିଗ୍ ମ୍ୟାଚ୍‌ରେ ପରାଜୟ ସହ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ୪ଟି ମ୍ୟାଚ୍‌ରୁ ୪ଟି ହାରି ଦଳ ଏଲିଟ ଗ୍ରୁପ-ସି ଟେବଲର ୬ଷ୍ଠ ସ୍ଥାନରେ ରହିଛି। ୧୬ ତାରିଖରୁ ହିମାଚଳପ୍ରଦେଶ ବିପକ୍ଷରେ ଦଳ ଶେଷ ଲିଗ୍ ମ୍ୟାଚ୍ ଖେଳିବ। ବଲାଙ୍ଗୀର ଗାନ୍ଧି ଷ୍ଟାଡିୟମରେ ଅନୁଷ୍ଠିତ କର୍ଣ୍ଣାଟକ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ଇନିଂସ୍ ଏବଂ ୫୩ରନରେ ପରାସ୍ତ ହୋଇଛି। ଓଡ଼ିଶାର ପ୍ରଥମ ପାଳି ୧୭୦ରନରେ ସୀମିତ ରହିବା ପରେ କର୍ଣ୍ଣାଟକ ୮ ୱିକେଟ ବିନିମୟରେ ୪୬୯ରନ କରି ଇନିଂସ୍ ଘୋଷଣା କରିଥିଲା। ଓଡ଼ିଶା ଦ୍ୱିତୀୟ ପାଳିରେ ୨୪୬ରନରେ ଅଲଆଉଟ ହୋଇଛି। ଓଡ଼ିଶା ପକ୍ଷରୁ ସ୍ୱାଗତ ସୌରଭ ମିଶ୍ର ସର୍ବାଧିକ ୫୦ରନ କରିଛନ୍ତି।

● ବିଜୟ ମର୍ଚ୍ଚାଣ୍ଟ ଟ୍ରଫି

## ଓଡ଼ିଶା ୧୩୯ ରନ୍‌ରେ ଅଲ୍‌ଆଉଟ୍

**କଟକ,୧୨।୧୨(ସମିସ):** ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍‌ରେ ଓଡ଼ିଶା ଛତିଶଗଡକୁ ଭେଟିଛି। ମଧ୍ୟପ୍ରଦେଶର ମୋରେନା ଗ୍ରାଉଣ୍ଡରେ ଆଜି ଠାରୁ ଆରମ୍ଭ ହୋଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୧୩୯ରନରେ ଅଲଆଉଟ ହୋଇଛି। ଓପନର ଆଶୁତୋଷ ନାୟକ ସର୍ବାଧିକ ୩୮ରନ କରିଥିଲେ। ଛତିଶଗଡ ପକ୍ଷରୁ ଅର୍ଣ୍ଣଭୀର ସିଂହ ଭାଟିଆ ୪ଟି ୱିକେଟ ଦଖଲ କରିଥିଲେ। ଶୁକ୍ରବାର ମ୍ୟାଚ୍‌ର ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଛତିଶଗଡ ୪ ୱିକେଟ ହରାଇ ୮୧ରନ ସଂଗ୍ରହ କରିଛି। ଅଧିନାୟକ ଅଂଶୁମାନ ଠାକୁର ୩୦ରନରେ ଆଉଟ ହୋଇଥିବା ବେଳେ ଚନ୍ଦ୍ରଂଶ ଯାଦବ ଏବଂ ଉଜ୍ଜଳ ମାର୍କରମ ଯଥାକ୍ରମେ ୮ରନ ଏବଂ ୨ରନରେ ଅପରାଜିତ ରହିଛନ୍ତି।

# ଦ୍ୱିତୀୟ ଟେଷ୍ଟ: ନ୍ୟୁଜିଲାଣ୍ଡ ୯ ୱିକେଟ୍‌ରେ ବିଜୟୀ

**ୱେଲିଂଟନ, ୧୨।୧୨ (ଏଜେନ୍ସି):** ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଏଠାରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ୩ ଦିନ ମଧ୍ୟରେ ଶେଷ ହୋଇଯାଇଛି। ଦ୍ରୁତ ବୋଲର ଜାକବ ଡଫିଙ୍କ ୫ ୱିକେଟ୍ ସଫଳତା ବଳରେ ନ୍ୟୁଜିଲାଣ୍ଡ ୯ ୱିକେଟ୍‌ରେ ବିଜୟ ଲାଭ କରିଛି। ଏଥିସହ ଘରୋଇ ଦଳ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ରହିଛି। ପୂର୍ବରୁ ହେଗଲୀ ଓଭାଲରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ଡ୍ର’ ରହିଥିଲା। ଏବେ ନିର୍ଣ୍ଣାୟକ ୩ୟ ଟେଷ୍ଟ ବେ ଓଭାଲରେ ଡିସେମ୍ବର ୧୮ରୁ ଆରମ୍ଭ ହେବ। ଦ୍ୱିତୀୟ ଟେଷ୍ଟରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ପ୍ରଥମ ପାଳିରେ ୨୦୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ୯ ୱିକେଟ୍‌ରେ ୨୭୮ ରନ କରି ପାଳି ଘୋଷଣା କରିଥିଲା। ଫଳରେ ୭୩ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ୱେଷ୍ଟଇଣ୍ଡିଜ ଶୁକ୍ରବାର ସକାଳେ ୧୨୮ ରନରେ ସୀମିତ ରହିଥିଲା। ଭ୍ରମଣକାରୀ ଦଳ ପକ୍ଷରୁ କେଭନ ହଜ୍ (୩୫ ରନ), ଜଷ୍ଟିନ ଗ୍ରେଭ୍‌ସ (୨୫), ବ୍ରାଣ୍ଡନ କିଙ୍ଗ୍ (୨୨) ଓ ଜନ୍ କ୍ୟାମ୍ପବେଲ୍ (୧୪ ରନ) କେବଳ ଦୁଇଅଙ୍କ ବିଶିଷ୍ଟ ସ୍କୋର କରିପାରିଥିଲେ। ଏହାପରେ ୫୬ ରନର ଛୋଟିଆ ଲକ୍ଷ୍ୟକୁ ନ୍ୟୁଜିଲାଣ୍ଡ ଅଧିନାୟକ ଟମ୍ ଲାଥାମ (୯ ରନ)ଙ୍କ ୱିକେଟ୍ ହରାଇ ହାସଲ କରିନେଇଥିଲା। ଡେଭନ କନୱେ ୨୮ ଓ କେନ୍ ୱିଲିୟମସନ ୧୬ ରନ କରି ଅପରାଜିତ ରହିଥିଲେ।




## ନୀତୀଶଙ୍କ ହ୍ୟାଟ୍ରିକ ସତ୍ତ୍ୱେ ହାରିଲା ଆନ୍ଧ୍ର

**ପୁନେ, ୧୨।୧୨ (ଏଜେନ୍ସି):** ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ସୟଦ ମୁସ୍ତାକ ଅଲି ଟ୍ରଫି ସୁପର୍ ଲିଗ୍ ପର୍ଯ୍ୟାୟର ଏକ ମ୍ୟାଚରେ ମଧ୍ୟପ୍ରଦେଶ ୪ ୱିକେଟ୍‌ରେ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଆନ୍ଧ୍ର ୧୯.୧ ଓଭରରେ ୧୧୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ନୀତୀଶ ହ୍ୟାଟ୍ରିକ ୱିକେଟ୍ ସଫଳତା ପାଇଥିଲେ ମଧ୍ୟ ମଧ୍ୟପ୍ରଦେଶ ୧୭.୩ ଓଭରରେ ୬ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ମଧ୍ୟପ୍ରଦେଶ ଇନିଂସର ୩ୟ ଓଭର ବୋଲିଂ କରିଥିବା ନୀତୀଶ ଶେଷ ୩ଟି ବଲ୍‌ରେ ଯଥାକ୍ରମେ ହର୍ଷ ଗୱାଲି (୫ ରନ), ହରପ୍ରୀତ୍ ସିଂହ ଭାଟିଆ (୦) ଓ ଅଧିନାୟକ ରଜତ ପଟିଦାର (୦)ଙ୍କୁ ଆଉଟ୍ କରି ହ୍ୟାଟ୍ରିକ ୱିକେଟ୍ ପୂରଣ କରିଥିଲେ।

# ସତ୍ୟବ୍ରତ ସ୍ମାରକୀ ଫୁଟବଲ୍: ସେମିରେ ୟୁନିଟ୍-୬

**ଭୁବନେଶ୍ୱର, ୧୨।୧୨ (ସମିସ):** କ୍ଲବ-୭୩ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ଗ୍ରାଉଣ୍ଡରେ ଚାଲିଥିବା ସତ୍ୟବ୍ରତ ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ୩ୟ ଦଳ ଭାବେ ୟୁନିଟ୍-୬ ଆଥଲେଟିକ ଆସୋସିଏସନ ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ୟୁନିଟ୍-୬ ଦଳ ୩-୨ ଗୋଲରେ କଟକର ମଙ୍ଗଳା କ୍ଲବକୁ ପରାସ୍ତ କରିଥିଲା। ବିଜୟୀ ଦଳର ସୋମନାଥ ମହାନ୍ତି ମ୍ୟାଚର



ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପୁରସ୍କାର ବାବଦକୁ ତାଙ୍କୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଆୟୋଜକ କ୍ଲବ-୭୩ର ଆସିଷ୍ଟାଣ୍ଟ ସେକ୍ରେଟାରୀ ଅତିଥିଭାବେ ଯୋଗଦେଇଥିଲେ। ବିଜୟୀ ଦଳର ସୋମନାଥ ମହାନ୍ତି ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପୁରସ୍କାର ବାବଦକୁ ତାଙ୍କୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଆୟୋଜକ କ୍ଲବ-୭୩ର ଆସିଷ୍ଟାଣ୍ଟ ସେକ୍ରେଟାରୀ ଅତିଥିଭାବେ ଯୋଗଦେଇଥିଲେ। ଆଜିର ମ୍ୟାଚକୁ ଶିବଶଙ୍କର ପଣ୍ଡା ରେଫରୀ ଭାବେ ପରିଚାଳନା କରିଥିଲେ। ଗତକାଲି ଉଦ୍‌ଘାଟନୀ ଦିବସରେ କଟକର ଫାଓ ଏକାଦଶ ଓ ସମ୍ବଲପୁର ଫୁଟବଲ ଏକାଡେମୀ ବିଜୟୀ ହୋଇ ସେମିଫାଇନାଲ ଟିକଟ୍ ହାସଲ କରିଥିଲେ। ଫାଓ ଏକାଦଶ ୨-୦ ଗୋଲରେ ଇଣ୍ଡିପେଣ୍ଡେଣ୍ଟ କ୍ଲବକୁ ଓ ସମ୍ବଲପୁର ୪-୦ ଗୋଲରେ କିଶୋର କ୍ଲବକୁ ହରାଇଥିଲା।

# ନାଲକୋ ଓପନ୍ ଟେନିସ୍ ଉଦ୍‌ଘାଟିତ



**ଭୁବନେଶ୍ୱର, ୧୨।୧୨ (ସମିସ):** ନାଲକୋ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ୨୪ତମ ସଂସ୍କରଣ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ଜିଲ୍ଲା ଟେନିସ ସଂଘ (ବିଡିଟିଏ) ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଏଥର ୪୫୦ ଖେଳାଳି ଅଂଶଗ୍ରହଣ କରିଛନ୍ତି। ମୋଟ୍ ୯ଟି ବର୍ଗରେ ମ୍ୟାଚ୍ ଖେଳାଯିବ। ଯେଉଁଥିରେ ୧୪ବର୍ଷରୁ କମ୍ ବାଳକ ଓ ବାଳିକା, ୧୮ ବର୍ଷରୁ କମ୍ ବାଳକ, ମହିଳା ଓପନ୍ ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ୪୦, ୫୦ ଓ ୬୦ ବର୍ଷରୁ ଉଦ୍ଧ୍ୱର୍ ଭେଟେରାନ ବର୍ଗର ଡବଲ୍ସ ଇଭେଣ୍ଟ ରହିଛି। ଟୁର୍ଣ୍ଣାମେଣ୍ଟରେ ମୋଟ୍ ୪.୩୨ ଲକ୍ଷ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ। ସମସ୍ତ ବୟସବର୍ଗର ଚାମ୍ପିଅନ, ରନର୍ସଅପ୍, ସେମିଫାଇନାଲିଷ୍ଟ ଓ କ୍ୱାର୍ଟର ଫାଇନାଲିଷ୍ଟଙ୍କୁ ଯଥାକ୍ରମେ ୧୮ ହଜାର, ୧୨ ହଜାର, ୧୦ ହଜାର ଓ ୮ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ନାଲକୋର ନିର୍ଦ୍ଦେଶକ (ଏଚ୍‌ଆର୍) ଟିକେ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

ନାଲକୋର ଆଶୁତୋଷ ରଥ, ଅବସରପ୍ରାପ୍ତ ଆଇଏଏସ୍ ତଥା ବିଡିଟିଏ ସଭାପତି ସୁରେଶ ମହାପାତ୍ର, ସମ୍ପାଦକ ଶାଶ୍ୱତ ମିଶ୍ର, ଉପସଭାପତି ଦେବୀଦତ୍ତ ବିଶ୍ୱାଳ ଓ ପି ଅର୍ଥାନାରି ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ।

# ସର୍ବଭାରତୀୟ ଗଣ୍ଡରପୁର କପ: ଏଥର ୩.୭ ଲକ୍ଷ ପୁରସ୍କାର ରାଶି

**ନନ୍ଦନକାନନ/ବାରଙ୍ଗ, ୧୨/୧୨(ସମିସ):** ସର୍ବଭାରତୀୟ ଗଣ୍ଡରପୁର କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉତ୍ତର ଭୁବନେଶ୍ୱର କଲ୍ୟାଣପୁର ପଞ୍ଚାୟତ ଗଣ୍ଡରପୁର ସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିଅମରେ ରବିବାରରୁ ଆରମ୍ଭ ହେବ। ଏହି ସର୍ବଭାରତୀୟ ମେଗା ଫୁଟବଲ ଟୁର୍ଣ୍ଣାମେଣ୍ଟ ୮ଦିନ ଧରି ଖେଳାଯିବ। ଡିସେମ୍ବର ୨୧ରେ ଫାଇନାଲ ସହ ଉଦଯାପିତ ହେବ। ଏଥିରେ ୪୦ଦଳ ଭାଗ ନେଉଥିବା ବେଳେ ସହରାଞ୍ଚଳ ବିଭାଗରେ ୮ଟି, ଗ୍ରାମାଞ୍ଚଳ-ଏ ରେ ୧୬ଟି ଓ ଗ୍ରାମାଞ୍ଚଳ-ବି ରେ ୧୬ଟି ଦଳ ଭାଗ ନେବେ। ଏଥିରେ ବିଜେତା ଦଳ ଓ ଶ୍ରେଷ୍ଠ ଖେଳାଳିଙ୍କ ପାଇଁ ବହୁ ଆକର୍ଷଣୀୟ ପୁରସ୍କାର ଓ ଅର୍ଥରାଶି ରଖାଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତ୍ୟେକ ଦିନ ଦର୍ଶକ ଦରବାର ପାଇଁ ମାଗଣାରେ ଲଟେରୀ ଉଠାଣ କାର୍ଯ୍ୟକ୍ରମ ଯଥା- ଟିଭି, ଫ୍ରିଜ୍ ଓ ୱାସିଙ୍ଗ୍ ମେସିନ୍ ଭଳି ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ। ପ୍ରତ୍ୟେକ ଦିନ ପୂର୍ବାହ୍ଣ ୧୧ଟାରୁ ଖେଳ ଆରମ୍ଭ ହେବ। ତିନିଟି ବର୍ଗରେ ବିଭାଜିତ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ସହରାଞ୍ଚଳ, ଗ୍ରାମାଞ୍ଚଳ-ଏ, ଗ୍ରାମାଞ୍ଚଳ-ବି ଭାବରେ ବିଭାଗ କରାଯାଇଛି। ପ୍ରତି ବିଭାଗର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କାର ଆକାରରେ ବାଇକ ପ୍ରଦାନ କରାଯିବ। ସହରାଞ୍ଚଳ ଫାଇନାଲ ବିଜେତା ଦଳକୁ ୭୫ ହଜାର, ଉପ ବିଜେତା ଦଳକୁ ୫୦ହଜାର ଟଙ୍କା, ସେହିପରି ଗ୍ରାମାଞ୍ଚଳ-ଏ ଫାଇନାଲ ବିଜେତା ଦଳକୁ ୧ଲକ୍ଷ ଟଙ୍କା ଓ ଉପ ବିଜେତା ଦଳକୁ ୭୫ହଜାର ଟଙ୍କା ଏବଂ ଗ୍ରାମାଞ୍ଚଳ-ବି ଫାଇନାଲ ବିଜେତା ଦଳକୁ ୪୦ହଜାର ଟଙ୍କା ଓ ଉପ ବିଜେତା ଦଳକୁ ୩୦ହଜାର ଟଙ୍କା ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରାଯିବ ବୋଲି ଆୟୋଜକ ଗଣ୍ଡରପୁର ୟୁନାଇଟେଡ଼ ୟୁଥ ସ୍ପୋର୍ଟିଂ କ୍ଲବ ତରଫରୁ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି।



ସହରାଞ୍ଚଳରେ ୮ଟି ଦଳ ଯଥା କଟକ ସନ ରାଇଜ କ୍ଲବ, ଭୁବନେଶ୍ୱର ଜଗା ୟୁନାଇଟେଡ଼, ଓଡ଼ିଶା ପୁଲିସ, ଫୁଲବାଣୀ ସୁରଜ ଏଫ ସି, ସମ୍ବଲପୁର ସମଲେଶ୍ୱରୀ ସ୍ପୋର୍ଟିଂ, ଢେଙ୍କାନାଳ ମଙ୍ଗଳା କ୍ଲବ, ଓ ରାଜ୍ୟ ବାହାରୁ କଲିକତା କୋଲାଘାଟ, ବିହାର ସିୱାନ ଏଫସି ଭାଗ ନେବେ ବୋଲି ଆଜି ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଭାସ୍କର ପଢ଼ିଆରୀ ଗ୍ରାମ କମିଟି ସଭାପତି ଜିତେନ୍ଦ୍ର ସେନାପତି ଗ୍ରାମ କମିଟି ସମ୍ପାଦକ, ସୁକାନ୍ତ ରାଉତ କୋଷାଧକ୍ଷ ବିଶ୍ୱନାଥ ବେହେରା, ସଞ୍ଜୟ ସାସ୍ମଲ,ବିଷ୍ଣୁ ପଢ଼ିଆରୀ,ଚିତ୍ତରଞ୍ଜନ ସୁବୁଦ୍ଧି,ରଙ୍କନିଧି ରାଉତ, ଲକ୍ଷ୍ମଣ ରାଉତ କ୍ଲବ ସଭାପତି, ମାନସ ପଢ଼ିଆରୀ କ୍ଲବ ସମ୍ପାଦକ, ଜ୍ଞାନରଞ୍ଜନ ରାଉତ, କାଶୀନାଥ ରାଉତ, ନବକୁମାର ରାଉତ,ଜାପାନୀ ରାଉତ ପ୍ରମୁଖ କହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS